
ହରଷ-34

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


ଦ୍ୱିତୀୟ ମହକ ❊ ସପ୍ତମ ପୁଷ ❊ ତୃତୀୟ ପାଖୁଡ଼ା ❊ ଚତୁଃତ୍ରିଂଶତ୍ତମ ସଂଖ୍ୟା ❊



ସଂପାଦକ : କେଶବଦାସ

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧


## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ


ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।



❊ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : [illegible] ❊

❀ କେଶବାବ୍ଦ : ପଞ୍ଚଚତ୍ୱାରିଂଶତ୍ ❀ ଅଗ୍ନ୍ୟୁତ୍ସବ ମାସ ❀ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ❀

# ପ୍ରବେଶ ପରିଚିତି

❀ ସପ୍ତମ ପୁଷ୍ପ ❀
ତୃତୀୟ ପାଖୁଡ଼ା
ଚତୁଃତ୍ରିଂଶତମ ସଂଖ୍ୟା

ପୁନର୍ମୁଦ୍ରଣ ୨୦୧୧

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ଚରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
| --- | --- |
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ବନ୍ଦନା : ଶ୍ରୀପାଦୁକା ସ୍ତୁତି : | ୧ |
| **ସିଂହଦ୍ୱାର** | |
| ତତ୍ତ୍ୱମାଳିକା ଭଜନ | ୨ |
| **ମୁଖଶାଳା** | |
| ସଂପାଦକୀୟ | ୩ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ : ଲୀଳାତତ୍ତ୍ୱ | ୪ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୬ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୭ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୦ |

| ବିଷୟ | ପୃଷ୍ଠାଙ୍କ |
| --- | --- |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୩ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚୟି : | ୧୬ |
| ଉତ୍ତିଷ୍ଠତ ! ଜାଗ୍ରତ !! | ୧୯ |
| ଜିଜ୍ଞାସା : ଜିଜ୍ଞାସୁ : | ୨୨ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୪ |
| କଲ୍ୟାଣ ଦେଖି ତୋତେ | ୨୬ |
| କେଶବ କୈବଲ୍ୟ କଣିକା | ୨୮ |
| **ନୀଳଚକ୍ର** | |
| 'ଚରମ'ର ସଙ୍କେତ | ୩୦ |
| ଆରେ ମନ ମୋର'ର ସରଳ ବ୍ୟାଖ୍ୟା | ୩୨ |
| ଉତ୍ସବ ପରିଚିତି | ୩୩ |
| ଆଶ୍ରମ ସନ୍ଦେଶ | ୪୦ |


## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର    ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ    ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର    ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା    ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣ ସ୍ତମ୍ଭ



## ମଙ୍ଗଳାଚରଣ

ହେ ସ୍ୱର୍ଣ୍ଣକ୍ଷେତ୍ରାଧୀଶାଦି ପୁରୁଷଃ
ସୁକାନ୍ତିକାନ୍ତସୁତଃ ଯଦୁନାଥ
ନମାମୋ ନିତ୍ୟଂ ତବପାଦପୀଠେ
ପାତୁନୋ ମୋକ୍ଷାନ୍ ସକଳାନଭୀଷ୍ଟାନ୍ ॥

## ଶ୍ରୀପାଦୁକା ସ୍ତୁତି

ଜୟ ଜୟ ପାଦୁକା ଗୋ ଜୟ ଗୁରୁସ୍ୱାମୀ ।
ଭବଭୟ ଦୂରକର ଆହେ ଅନ୍ତର୍ଯ୍ୟାମୀ ॥
ଜୟ ଜୟ ପାଦୁକା ଗୋ ଜୟ ଆଦିକନ୍ଦ ।
ଅଜ୍ଞାନ ତିମିରେ ଆମେ ହୋଇଅଛୁ ଅନ୍ଧ ॥
ଜୟ ଜୟ ପାଦୁକାଗୋ ଦେଇ ଦିବ୍ୟଜ୍ଞାନ ।
ହରଣ କର ଆମର ସକଳ ଦୁର୍ଗୁଣ ॥
ଜୟ ଜୟ ପାଦୁକା ଗୋ ହେ ପରମ ଧାମ ।
ଜପୁଛୁ ତୁମରି ନାମ କାଟ ହେ ବିଷମ ॥
ଜୟ ଜୟ ପାଦୁକା ଗୋ ସୃଷ୍ଟିର କରତା ।
ସୃଷ୍ଟି ତୁମର ନିର୍ଭୁଲ ହେ ଭାଗ୍ୟ ବିଧାତା ॥

ଜୟ ଜୟ ପାଦୁକା ଗୋ ଅମୃତର ଭାଣ୍ଡ ।
ଟୋପାଟିଏ ପାଇବାକୁ ଚାହିଁଛି ଏ ତୁଣ୍ଡ ॥
ଜୟ ଜୟ ପାଦୁକା ଗୋ ବ୍ରହ୍ମାଣ୍ଡର ମୂଳ ।
ତୋ'ଠାରେ ଲୟ ରଖିଲେ ଦେଇଥାଉ କୂଳ ॥
ଜୟ ଜୟ ପାଦୁକା ଗୋ ହୃଦୟ ଚନ୍ଦନ ।
ସୁବାସରେ ମହକାଉ ହୃଦୟ ଅଙ୍ଗନ ॥
ଜୟ ଜୟ ପାଦୁକା ଗୋ ପୁରୁଷ ଉତ୍ତମ ।
ସବୁ ସିଦ୍ଧି ବଇଭବ କରିଛୁ ଧାରଣ ॥
ଜୟ ଜୟ ପାଦୁକା ଗୋ ପରାଣ ରତନ ।
ପାଇଅଛୁ ତୋତେ ଆମେ ରଂକୁଣୀର ଧନ ॥

ଜୟ ଜୟ ପାଦୁକା ଗୋ ଅନ୍ତର ନୟନ ।
କରୁଣାରୁ ତୋତେ ନିତି କରୁଛୁ ଦର୍ଶନ ॥




# ତତ୍ତ୍ୱ ମାଳିକା ଭଜନ

ବାୟାମନ, ସାଧନ ତୋର-
ସାଷ୍ଟାଙ୍ଗ ପ୍ରଣାମ ସାଧନ କର ॥୦॥

ଅଷ୍ଟଅଙ୍ଗ ଥିବ ଧରଣୀ ଛୁଇଁ
ତ୍ରିକୁଟରେ ଲୟେ ଥିବୁରେ ଚାହିଁ
ଅଷ୍ଟଚକ୍ର ଭେଦି ଥିବୁ ନିରବଧି
ପ୍ରାଣାୟାମ ବିଧି ସହଜେ ଧର ॥୧॥

କୋଷକେନ୍ଦ୍ର ସବୁ କର ଶାସନ
ମନସ୍ଥିର ହେବ କଲେ ସାଧନ
ଇନ୍ଦ୍ରିୟ ସକଳ ହୋଇବେ ନିଷ୍ଫଳ
ଚରମ ଲଭିବୁ ନଥିବ ଡର ॥୨॥

ମରିଥିବ ମୂଳ ମୂଳୁ ମାରିଲେ
କିମିଳିବ ବୃଥା କଳି କରିଲେ
ପଞ୍ଚେନ୍ଦ୍ରିୟ ତୋର ହୋଇବ କିଙ୍କର
ନୀରୋଗ ହୋଇବ ତନୁ ମନ୍ଦିର ॥୩॥

ବାୟାମନ, ସାଧନ ତୋର-
ସାଷ୍ଟାଙ୍ଗ ପ୍ରଣାମ ସାଧନ କର ॥୦॥

# ମୁଖଶାଳା

## ସମ୍ପାଦକୀୟ

ଭାରତରେ ତଥା ସମଗ୍ର ପୃଥିବୀରେ ଆଜି ଧର୍ମସଂକଟର ପ୍ରଶ୍ନ ଅହଂକାରରେ ମଥା ଟେକି ଛିଡା ହୋଇଛି ବୋଲି ଅନେକ ଚିନ୍ତାଶୀଳ ଦାର୍ଶନିକ ମତବ୍ୟକ୍ତ କରିଆସୁଛନ୍ତି । ଏହି ପ୍ରଶ୍ନର ବିଶେଷତ୍ୱ ନାହିଁ ବୋଲି କହିହେବ ନାହିଁ । ଭାରତରେ ଅତୀତରେ ଏକାଧିକ ସଂକଟ ମଥା ଟେକିଛି ଓ ଏସବୁ ସଂକଟ ସତ୍ତ୍ୱେ ଭାରତୀୟ ସମାଜରେ ବହୁ ପରିବର୍ତ୍ତନ ପରିଲକ୍ଷିତ ଅବଶ୍ୟ ହୋଇଛି । ଭାରତୀୟ ସାମାଜିକ ଓ ଆଧ୍ୟାତ୍ମିକ ଜୀବନ ବହୁଳ ଭାବରେ ଆକ୍ରାନ୍ତ ମଧ୍ୟ ହୋଇଛି । ଭାରତୀୟ ଜୀବନଧାରାରେ ଯଥେଷ୍ଟ ପରିବର୍ତ୍ତନ ହୋଇଥିଲେ ମଧ୍ୟ ସାମାଜିକ ଏବଂ ମାନବିକ ମୂଲ୍ୟବୋଧ ପ୍ରତି ଭାରତୀୟମାନଙ୍କର ବିଶ୍ୱାସ ଏ ଯାବତ୍ ଅନେକାଂଶରେ ଅତୁଟ ରହି ପାରିଛି । ସନାତନ ହିନ୍ଦୁ ଧର୍ମର ଚେତନାରେ ଧର୍ମ ନାମରେ ଅଭିହିତ ଚେତନା କେବଳ ମାତ୍ର ମତାନ୍ଧତା ପର୍ଯ୍ୟବସିତ ସାମାନ୍ୟ କେତେକ ଧାର୍ମିକ ଆଚରଣ, କ୍ରିୟାକଳାପ, ବେଶଭୂଷା, ପୂଜାପଦ୍ଧତି, ଉପାସନା ମଧ୍ୟରେ ଆବଦ୍ଧ ନୁହେଁ ।

ସନାତନ ହିନ୍ଦୁ ଧାର୍ମିକ ଚେତନାରେ ଧର୍ମ ବୋଇଲେ କେବଳ ମାତ୍ର କେତେକ ଶାଶ୍ୱତ, ଚିରନ୍ତନ, ଅପରିବର୍ତ୍ତନୀୟ, ସତ୍ୟସିଦ୍ଧ ନୀତିନିୟମକୁ ବୁଝାଏ ନାହିଁ । ସମଗ୍ର ମାନବ ସମାଜକୁ ସମଗ୍ର ବିଶ୍ୱରେ ଏକ ସୂତ୍ରରେ ଧରି ରଖିବା, ଏକସୂତ୍ରରେ ବାନ୍ଧି ରଖିବା, ସଂଘ/ଏକତାବଦ୍ଧ ମାନବିକ ଚେତନାପୂର୍ଣ୍ଣ ସମାଜ ଓ ବିଶ୍ୱ ଗଠନ କରି ବିଶ୍ୱଭ୍ରାତୃତ୍ୱ ମାଧ୍ୟମରେ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ହିଁ ସତ୍ୟ ସନାତନ ହିନ୍ଦୁ ଧର୍ମର ତାତ୍ପର୍ଯ୍ୟ । ଧର୍ମର ଲାକ୍ଷଣିକ ଅର୍ଥ ସମୟ ସ୍ରୋତରେ ଅନୁକୂଳତା ରକ୍ଷା କରି ସାମାଜିକ ଆବଶ୍ୟକତାକୁ ଭିତ୍ତି କରି ପରିବର୍ତ୍ତିତ ହୋଇଆସୁଛି । ଏହା ନିଶ୍ଚିତ ଭାବରେ ଏକ ଅନୁଭୂତ ସତ୍ୟ । ଏହି ଅନୁଭୂତି ଯେଉଁମାନଙ୍କର ଚେତନ ଓ ଜାଗ୍ରତ, ସେମାନେ ଅବଶ୍ୟ ଏହା ମୁକ୍ତକଣ୍ଠରେ ସ୍ୱୀକାର କରିବେ ହିଁ କରିବେ । ତତ୍କାଳୀନ ସମାଜରେ ଶୂଦ୍ର ଯୋଗ ତପସ୍ୟା ବା ଯଜ୍ଞାନୁଷ୍ଠାନ କରିବାକୁ ଅଯୋଗ୍ୟ ବିବେଚିତ ହେଉଥିଲା, ତେଣୁ ତା'କୁ ଦଣ୍ଡ ଏପରିକି ମୃତ୍ୟୁଦଣ୍ଡ ପର୍ଯ୍ୟନ୍ତ ଦେବାର ବ୍ୟବସ୍ଥା ମଧ୍ୟ ରହିଥିଲା । ଏ ପ୍ରକାର ଧର୍ମଗତ ନିୟମ ସେହିକାଳର ସାମାଜିକ ବ୍ୟବସ୍ଥା ମଧ୍ୟରେ ଅନିବାର୍ଯ୍ୟ ବୋଧ ହେଉଥିଲା, ମାତ୍ର ଆଜର ସାମାଜିକ ବ୍ୟବସ୍ଥାରେ ତାହା ଅଚଳ ଓ ଅକାମୀ ହୋଇଯିବା ବିଚିତ୍ର ନୁହେଁ । ସବୁକାଳପାଇଁ ସବୁ ନିୟମ ସବୁ ପରିବେଶ ଓ ପରିସ୍ଥିତିରେ ସମାନ ନୁହେଁ । ସମାନ ରହି ନ ପାରେ । ଜାଗତିକ ସମାଜର ପରିପ୍ରେକ୍ଷୀରେ ତାହା ଗ୍ରହଣୀୟ ମଧ୍ୟ ନୁହେଁ । ଏହା ଏକ ସ୍ୱାଭାବିକ ସତ୍ୟ । ଏହା ଏକ ଶାଶ୍ୱତ ପଦ୍ଧତି ମଧ୍ୟ ନୁହେଁ । କାରଣ ଏ ପ୍ରକାର ନୀତିର ଯଥାର୍ଥତା ଓ ଯୌକ୍ତିକତା ସୀମିତ । ସାମ୍ପ୍ରତିକ ପରିବର୍ତ୍ତିତ ସମାଜ ଓ ମଣିଷ ପାଇଁ ଏହା ବାଧ୍ୟତାମୂଳକ ହୋଇ ନ ପାରେ ।

ମାନବିକ ଧର୍ମରେ, ଧର୍ମବିଶ୍ୱାସ ଓ ଧର୍ମଧାରଣାରେ କେତେକ ମୌଳିକ ଚିରନ୍ତନ, ଶାଶ୍ୱତ, ଅପରିବର୍ତ୍ତନୀୟ ମୂଲ୍ୟବୋଧ ଅନ୍ତର୍ନିହିତ ଅଛି । ମୌଳିକ ଭାବରେ ଧର୍ମ ଅଧର୍ମ, ପାପପୁଣ୍ୟ ମଧ୍ୟରେ ଏକ ସୂକ୍ଷ୍ମ ପ୍ରଭେଦାତ୍ମକ ସୀମାରେଖା ଅସ୍ପଷ୍ଟ ଭାବରେ ରହିଛି । ଏହା କାଳ୍ପନିକ ନୁହେଁ, ଅସତ୍ୟ ମଧ୍ୟ ନୁହେଁ । ଧର୍ମ ନାମରେ କୌଣସି ନିରର୍ଥକ, ଉଦ୍ଦେଶ୍ୟବିହୀନ, ନିର୍ବୋଧତା ପର୍ଯ୍ୟବସିତ ନୀତି ସମୂହର ପରିହାର ଆବଶ୍ୟକ କରାଯାଇପାରେ, ମାତ୍ର ମୌଳିକ ମାନବିକ ମୂଲ୍ୟବୋଧକୁ ପରିତ୍ୟାଗ କରିବା ନିର୍ବୋଧତା, ଅଜ୍ଞାନତା ଓ ଅହଂକାରିତା ବ୍ୟତୀତ ଆଉ କ'ଣ ହୋଇପାରେ ??

ନଶ୍ୱର ସଂସାରରେ ଅବିନଶ୍ୱର ଈଶ୍ୱରୀୟ ଅନ୍ୱେଷଣ ହିଁ ଧର୍ମ । ଧର୍ମରୁ ହିଁ ସୁଖ, ଶାନ୍ତି ଓ ଆନନ୍ଦ ମିଳିଥାଏ । ଯେଉଁ କର୍ମ, ବାକ୍ୟ ଉଚ୍ଚାରଣ ଓ ଚିନ୍ତନ ଦ୍ୱାରା ଶାଶ୍ୱତ ସୁଖ, ଚିରନ୍ତନ ଶାନ୍ତି ଓ ପରମ ଆନନ୍ଦ ମିଳି ପାରେ ନାହିଁ ତାହା ଧର୍ମ ପଦବାଚ୍ୟ ହୋଇନପାରେ । କିମଧିକମ୍ !

ଶ୍ରୀ କେଶବ ସମର୍ପଣମସ୍ତୁ ! ଓମିତି ନମସ୍କାରାନ୍ତେ

ବିନୀତ,
କେଶବ ଦାସ
ସଂପାଦକ, ଚରମ ॥

# 'ଚରମ' ର ଚିନ୍ତନ : ଏ ପାଖୁଡ଼ାରେ

## ଲୀଳାତତ୍ତ୍ୱ

କର୍ମ, କ୍ରିୟା, ଲୀଳା-ଶବ୍ଦ ତିନୋଟିର ମର୍ମାର୍ଥ ସମାନ ଭଳି ଆପତତଃ ବୋଧ ହେଉଥିଲେ ବି ପ୍ରକୃତରେ ତିନୋଟିଯାକ ଶବ୍ଦର ଅର୍ଥ ଭିନ୍ନଭିନ୍ନ । ମଣିଷ ଇଚ୍ଛା କରି ଯାହାକରେ ଓ ଯହିଁରୁ ଭଲ ହେଉ ବା ମନ୍ଦ ହେଉ ଫଳାଫଳ ପାଏ, ତାହା କର୍ମ । ମଣିଷ ଇଚ୍ଛା ନକଲେ ମଧ୍ୟ ଯାହାକରାଯାଇଥାଏ, ତାହା କ୍ରିୟା । କ୍ରିୟା ମଣିଷକୁ କର୍ମଫଳ ଦିଏ ନାହିଁ । ଉଦାହରଣ ସ୍ୱରୂପ ହଜମ କ୍ରିୟା, ଶ୍ୱାସକ୍ରିୟା, ରକ୍ତ ସଂଚାଳନ କ୍ରିୟା, ଆଖିର ପଲକ ପଡିବା, ଶ୍ରବଣ କରିବା ଇତ୍ୟାଦି । ଯାହା ଇଚ୍ଛାରେ କରାଯାଏ ନାହିଁ, ଯାହାର ଫଳ ମଧ୍ୟ ଲାଗେ ନାହିଁ ଅଥଚ ଯାହାଦ୍ୱାରା ଜଗତର କଲ୍ୟାଣ ସାଧନ ହୋଇଥାଏ ତାହାହିଁ ଲୀଳା । ସାଂସାରିକ ଲୋକମାନଙ୍କ ଦ୍ୱାରା କର୍ମ, ମୁକ୍ତ ପୁରୁଷଙ୍କ ଦ୍ୱାରା କ୍ରିୟା ଏବଂ ଭଗବାନ ଠାକୁରଙ୍କ ଦ୍ୱାରା ଲୀଳା କରାଯାଇଥାଏ ।

ବ୍ରହ୍ମସୂତ୍ର (୨/୧/୩୩)ରେ ଲିପିବଦ୍ଧ ହୋଇଛି : 'ଲୋକବତ୍ତୁ ଲୀଳା କୈବଲ୍ୟମ୍ ।' ସଂସାରରେ ସଂସାରୀମାନେ କର୍ମ କରିବା ପରି, ତତ୍ତ୍ୱ ମହାପୁରୁଷମାନେ କ୍ରିୟା କରିବା ପରି ରାମ, କୃଷ୍ଣ, କେଶବ ଠାକୁରେ ଯାହାସବୁ ଦୈନନ୍ଦିନ କରି ଯାଉଛନ୍ତି ତାହା କେବଳ ଲୀଳା ମାତ୍ର । ରାମ ଓ କୃଷ୍ଣଙ୍କ ପରି ଠାକୁରଙ୍କର ପ୍ରତ୍ୟେକ କାର୍ଯ୍ୟ/କ୍ରିୟା-ତାହା ଯେତେ ବଡ ହେଉ ବା ଯେତେ ଛୋଟ ହେଉ ଲୀଳା ପର୍ଯ୍ୟାୟଭୁକ୍ତ ଅଟେ । ଲୀଳା ପର୍ଯ୍ୟାୟରେ ଠାକୁରେ ସାଧାରଣ ମନୁଷ୍ୟଙ୍କ ପରି କାର୍ଯ୍ୟ କରୁଥିଲେ ମଧ୍ୟ ତହିଁରେ ଲିପ୍ତ ନ ରହି ନିର୍ଲିପ୍ତ ରହନ୍ତି । ଏପରିକି ସୃଷ୍ଟି କ୍ରିୟାର କର୍ତ୍ତା ହୋଇଥିଲେ ହେଁ ଅକର୍ତ୍ତା ଭଳି ରହନ୍ତି । କର୍ମରେ ସେ ଲିପ୍ତ ନ ଥିବାରୁ କର୍ମଫଳ ତାଙ୍କୁ ଲାଗେ ନାହିଁ । ତାଙ୍କର ସମସ୍ତ କର୍ମ ହିଁ ଦିବ୍ୟ । ଦେବତାମାନଙ୍କର ଦିବ୍ୟତା ଠାରୁ ମଧ୍ୟ ଏହା ଅଧିକ ବିଚିତ୍ର । କାରଣ ପ୍ରଭୁଙ୍କର ଦିବ୍ୟତାର ସୀମା ନାହିଁ । ତାହା ଅସୀମ, ଅନନ୍ତ । ତାଙ୍କର ସାଧାରଣ ଲୌକିକ ଲୀଳା ମଧ୍ୟ ଅତୀବ ବିଚିତ୍ର । ଉଦାହରଣ ସ୍ୱରୂପ କୃଷ୍ଣଙ୍କର ରାସଲୀଳାକୁ ନିଆଯାଇପାରେ । ଏହି ରାସଲୀଳା ଲୌକିକ ପରି ଜଣାଯାଉଥିଲେ ମଧ୍ୟ ଏହାକୁ ପଢ଼ିଲେ ବା ଶୁଣିଲେ, ସାଧକ ଯୋଗୀର କାମ ପ୍ରବୃତ୍ତି ନାଶ ହୋଇଯାଏ । ଭାଗବତରେ ଶୁକଦେବ ପରୀକ୍ଷିତଙ୍କୁ କହିଛନ୍ତି - ଚିନ୍ମୟ ରାସବିଳାସକୁ ଶ୍ରଦ୍ଧା ପୂର୍ବକ ବାରମ୍ବାର ଶ୍ରବଣ କରିବା ଦ୍ୱାରା ବା ବର୍ଣ୍ଣନା କଲେ ଭକ୍ତର ହୃଦୟରେ ଭଗବାନଙ୍କ ପ୍ରତି ପରାଭକ୍ତି ଉଦ୍ରେକ ହୁଏ ଓ ସେ ଅତିଶୀଘ୍ର କାମ ବିକାର ଇତ୍ୟାଦିରୁ ମୁକ୍ତ ହୋଇଯାଏ । ତା'ମଧ୍ୟରୁ ସବୁଦିନ ପାଇଁ କାମ ବୃତ୍ତି ନଷ୍ଟ ହୋଇଯାଏ ।

ସ୍ୱୟଂ ପ୍ରଭୁ ଜଗତ ରୂପରେ ପ୍ରକାଶିତ ହୋଇଅଛନ୍ତି । ଜୀବ ଭୋଗ ସଂଭୋଗର ଆସକ୍ତି ଓ ମୋହରେ ପଡି ଜଗତକୁ ଭଗବଦ୍ ସ୍ୱରୂପ ବୋଲି ସ୍ୱୀକାର କରି ପାରୁନାହିଁ ଓ ନାଶବାନ୍ ଜଗତରୂପେ ଧାରଣା ସୃଷ୍ଟି କରି ନେଇଛି । ଗୀତାର ସପ୍ତମ ଅଧ୍ୟାୟର ପଞ୍ଚମ ଶ୍ଳୋକରେ ଏହାର ସୂଚନା ଅବଶ୍ୟ ରହିଛି । ଏହି ଭ୍ରମ ଧାରଣା ଦୂର କରି ଭକ୍ତ ଦୃଢ଼ ଭାବରେ ସ୍ୱୀକାର କରିବା ଉଚିତ୍ ଯେ, ଜାଗତିକ ସମସ୍ତ ଦୃଶ୍ୟ ପ୍ରଭୁଙ୍କର ସ୍ୱରୂପ ଏବଂ ସକଳ କ୍ରିୟାକଳାପ ତାଙ୍କର ହିଁ ଲୀଳା । ଅବଶ୍ୟ ଏହି ପର୍ଯ୍ୟାୟରେ ପହଞ୍ଚିବା ପାଇଁ ବହୁ ସାଧନା କରିବାକୁ ହେବ ଓ ପ୍ରଭୁଙ୍କର କୃପାପ୍ରାର୍ଥୀ ହେବାକୁ ପଡ଼ିବ । ପ୍ରଭୁ କରୁଣା ଓ କଲ୍ୟାଣ କଲେ, ସବୁ ଅସମ୍ଭବ ପଲକମାତ୍ରେ ସମ୍ଭବ ହୋଇଯିବ । ସେତେବେଳେ ପ୍ରତ୍ୟେକ ବସ୍ତୁ ଓ ବ୍ୟକ୍ତି ଠାକୁରଙ୍କ ସ୍ୱରୂପ ଏବଂ ପ୍ରତ୍ୟେକ କ୍ରିୟା କର୍ମ ତାଙ୍କର ଲୀଳା ବୋଲି ସହଜରେ ବୋଧ ହେବ । ରାଗ ଦ୍ୱେଷ ରହିବ ନାହିଁ । ରାଗଦ୍ୱେଷ ପରିବର୍ତ୍ତେ ଅନୁରାଗ ଓ ପ୍ରେମଭକ୍ତି ଉଦୟ ହେବ । ଭୋଗ ଆସକ୍ତି ଓ ସଂଯୋଗର ମୋହ ସମୂଳେ ନଷ୍ଟ ହୋଇଗଲେ, ଯେଉଁସବୁ କ୍ରିୟା କଳାପ ଲୌକିକ ଜଣାଯାଉଥିଲା, ସେ ସବୁ ଅଲୌକିକ ଭଗବଦ୍ ଲୀଳାରୂପେ ଦେଖାଯିବ ।

ମହାଭାରତରେ ଶ୍ରୀକୃଷ୍ଣ ଉଦ୍ଧବଙ୍କ ଋଷିଙ୍କୁ କହିଛନ୍ତି - ମୁଁ ଧର୍ମରକ୍ଷା ଓ ଧର୍ମ ସଂସ୍ଥାପନ ପାଇଁ ତ୍ରିଲୋକରେ ଅନେକ ଯୋନୀରେ ଅବତାର ଧାରଣ କରି ସେହି ସବୁ ରୂପ ଓ ବେଶ ଅନୁରୂପ ବ୍ୟବହାର କରେ । ଏହି ଶାସ୍ତ୍ରବାକ୍ୟକୁ ସ୍ୱୀକାର କରି ମାନିବାକୁ ହେବ ଯେ, ଠାକୁରେ ଯେପରି ରୂପ ଧାରଣ କରନ୍ତି, ସେହିପରି ଲୀଳା ମଧ୍ୟ କରନ୍ତି । ସେହିପରି ସେ ମୂର୍ତ୍ତିରୂପ ଧାରଣ କଲେ, ମୂର୍ତ୍ତିଭଳି ଅଚଳ ରହି ଲୀଳା କରନ୍ତି ।

ପ୍ରଭୁପାଦଙ୍କର ଲୀଳା କୈବଲ୍ୟ କୀର୍ତ୍ତନ, ଶ୍ରବଣ ଓ ମନନ କଲେ, ଅନ୍ତଃକରଣ ଶୁଦ୍ଧ ହୁଏ । ସାଂସାରିକ ଆସକ୍ତି ନାଶ ହୁଏ, କାମ ବିକାର ନଷ୍ଟ ହୋଇଯାଏ ଓ ଠାକୁରଙ୍କ ପ୍ରତି ପ୍ରେମଭକ୍ତି ଭାବ ଜାଗ୍ରତ ହୁଏ । ଶଙ୍କର, ବ୍ରହ୍ମା, ସନକାଦି ଋଷି, ଦେବର୍ଷି ନାରଦ ଆଦି ପ୍ରଭୁଙ୍କର ଲୀଳା କୀର୍ତ୍ତନ ଓ ଶ୍ରବଣ କରି ପ୍ରେମମଗ୍ନ ହୋଇ ଯାଆନ୍ତି । ଭଗବାନ ଠାକୁରଙ୍କ ଲୀଳା ପ୍ରସଙ୍ଗରେ ପ୍ରଗାଢ଼ ବିଶ୍ୱାସ ସ୍ଥାପନ କଲେ, କୈବଲ୍ୟ ପ୍ରାପ୍ତି ହୁଏ । ଶ୍ରୋତା ସମାଧିସ୍ଥ ହୋଇଯାଏ । ଏପରିକି ଠାକୁରେ ଅବତରଣ କରି ଯେଉଁ ସ୍ଥାନରେ ଲୀଳ କରନ୍ତି, ସେହି ସ୍ଥାନ ଏତେ ପବିତ୍ର ଯେ, ସେଠାରେ ଶ୍ରଦ୍ଧା-ପ୍ରେମ-ଭକ୍ତି ରଖି ବସବାସ କଲେ, ମନୁଷ୍ୟର କଲ୍ୟାଣ ହୁଏ । ସେ କରୁଣାମୟ, କଲ୍ୟାଣମୟ ସେ । ତାଙ୍କ କରୁଣା ଓ କଲ୍ୟାଣ ଝରିପଡେ ତାଙ୍କର ଅପୂର୍ବ ଲୀଳା ପ୍ରସଙ୍ଗ ମାଧ୍ୟମରେ । ଏକାଗ୍ରମନରେ ବିଶ୍ୱାସର ସହିତ ଭକ୍ତିଭାବ ରଖି ଲୀଳା ଶ୍ରବଣର ଯଥେଷ୍ଟ କାର୍ଯ୍ୟକାରିତା ଶ୍ରୋତା ସ୍ୱୟଂ ତତ୍‌କ୍ଷଣାତ୍ ଅନ୍ତଃକରଣରେ ଅନୁଭବ କରିପାରେ ।

ଯୋଗମାର୍ଗ ଅନେକ ପ୍ରକାର । ଆଜିକାଲି ଦୁନିଆରେ ସେ ସବୁ ଯୋଗ ସାଧନ କରି ସିଦ୍ଧି ଲାଭ କରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । ପରମ କାରୁଣିକ ଠାକୁରେ ତେଣୁ କଳିହତ ଜୀବମାନଙ୍କୁ ଉଦ୍ଧାରର ସହଜ ସୂତ୍ର ଦେଇଛନ୍ତି ଧାରା ମାଧ୍ୟମରେ । ଧର୍ମଧାରା ଓ କର୍ମ ଯୋଗ ସାଧନ ଦ୍ୱାରା ଜୀବ ଉଦ୍ଧାର ପାଇଯାଇ ପାରିବ । ଏହାଠାରୁ ସହଜତର ସୂତ୍ର ହେଉଛି ବୀଜମନ୍ତ୍ର ମାନସ ଜପ । କିନ୍ତୁ ମାନସ ଜପ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ ପହଞ୍ଚିଲେ ଯାଇ ପରିପକ୍ୱ ହୋଇ ଠୁଳ ହୁଏ । ସେହି ନିର୍ଦ୍ଦିଷ୍ଟ ସଂଖ୍ୟକ ମାନସ ଜପ କରିବା ମଧ୍ୟ ସମସ୍ତଙ୍କ ଦ୍ୱାରା ସମ୍ଭବ ହୋଇନପାରେ । ତେଣୁ, ସବୁଠାରୁ ସହଜତମ ଉପାୟ ହେଉଛି ଲୀଳା କୈବଲ୍ୟାମୃତ ଶ୍ରବଣ କରି ସକଳ ପାପତାପରୁ ମୁକ୍ତ ହେବା । ବିଶ୍ୱାସ ଓ ଏକାଗ୍ରତାର ସହିତ ମନୋନିବେଶ କରି ଲୀଳା ପ୍ରସଙ୍ଗ ଶ୍ରବଣ କଲେ, ଶ୍ରୋତାର ହୃଦୟରେ ପ୍ରେମ ଭକ୍ତିଭାବ ଜାତ ହୁଏ । ଏହି ପ୍ରେମଭକ୍ତି ଭାବରୁ ତା' ଅନ୍ତଃକରଣରେ ପ୍ରଭୁଙ୍କ ପ୍ରତି ବିଶ୍ୱାସ ପ୍ରଗାଢ଼ ହୁଏ । ପ୍ରଗାଢ଼ ବିଶ୍ୱାସରୁ ସେ ପ୍ରଭୁଙ୍କ ନିର୍ଦ୍ଦେଶକୁ ଯଥାର୍ଥ ଭାବରେ କାର୍ଯ୍ୟକାରୀ କରିବାର ଶକ୍ତି ଲାଭ କରେ । ଏହି ପର୍ଯ୍ୟାୟରେ ଠାକୁରେ ତା' ମାଧ୍ୟମରେ ଜଗତ କଲ୍ୟାଣକର କାର୍ଯ୍ୟ ନିର୍ବାହ କରାଇଥାଆନ୍ତି । ଜୀବନ ଧନ୍ୟ ହୁଏ, ଜନ୍ମ ସାର୍ଥକ ହୁଏ, କର୍ମ ଫଳବତୀ ହୁଏ । ସେ ମୁକ୍ତ, ଭକ୍ତ ହୋଇଯାଏ ।

ସଂକ୍ଷେପରେ ଲୀଳା ତତ୍ତ୍ୱର ଏହାହିଁ ସାରବତ୍ତା । ଲୀଳା କୈବଲ୍ୟର ଅମୃତ ଆସ୍ୱାଦନ କରି ଜୀବ ଉଦ୍ଧାର ପାଇଯାଏ ।

*ଗୁରୁଙ୍କୁ ମାନିଲୁ ବାକ୍ୟ ନମାନୁ, କେଉଁ ଜ୍ଞାନ ବଳେ କ'ଣ ବା ଜାଣୁ ।*
*ନିଜ ସୁବିଧାକୁ ଲୋଡ଼ିଲୁ ସଦା, ମଥାରେ ପଡ଼ିବ ଦୁଷ୍କୃତି ଗଦା ॥*

ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !**

**ଅଚ୍ୟୁତଙ୍କ ଲେଖନୀରୁ :** **ରଙ୍ଗ ମାଟିଲୋ ! ତୋତେ**

ରଙ୍ଗ ମାଟି ଲୋ ତୋତେ କରି ପଞ୍ଜୁରୀ
ତହିଁରେ ରଖିଲି ସୁବର୍ଣ୍ଣ ଶାରୀ ।।୦।।
ବେନିତରାଇବୁ ଆଧାର ମୁଁ ଦେଲି
ଏ ନେଇ ସମାନ ପାଇଁ ।
ଜଣେ ତ ଖାଇଲା ଜଣେ ନ ଖାଇଲା
କଉଁ ଅବିଗୁଣ ମନରେ ନେଇ ।
ରଙ୍ଗ ମାଟି ଲୋ ! ତୋତେ କରି ପଞ୍ଜୁରୀ ।।୧।।
ପଚିଶ କୁମର ପାଠ ପଢ଼ାଇଲି
ଚାଟଶାଳୀଘର ଶୂନ୍ୟରେ କରି ।
ଗୁରୁଶିଷ୍ୟ ଦୁହେଁ ଅନ୍ତର ହୋଇଲେ
ଭେଟ ନ ପାଇଲେ କେହି କାହାରି ।
ରଙ୍ଗ ମାଟିଲୋ ! ତୋତେ କରି ପଞ୍ଜୁରୀ ।।୨।।
ବେଳ ଅସ୍ତ ହେଲା ମରୁତ ବହିଲା
ଅଣଚାଶ ରୂପଧରି ମୁରତି ।
ସିନ୍ଧୁ ଉଛୁଳିଲା କୂଳ ବୁଡିଗଲା
ଜୀବନୁହେଁ କା'ର କହେ ଅଚ୍ୟୁତି ।
ରଙ୍ଗ ମାଟିଲୋ ତୋତେ କରି ପଞ୍ଜୁରୀ ।।୩।।

---

ଉଦ୍ଧୃତ କବିତାର ବ୍ୟାଖ୍ୟା ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶିତ ହେବ ।।



# ପୁରାଣ ପୃଷ୍ଠାରୁ ଗଳ୍ପଟିଏ

ଜୀବକୁ ତାର କୃତ କର୍ମର ପାପପୁଣ୍ୟ ଉଭୟ ଫଳ ଭୋଗିବାକୁ ହୁଏ । ଏଥିରୁ ନିସ୍ତାର ପାଇବାପାଇଁ ଜୀବ ଉପାୟ ଖୋଜେ ସତ, ମାତ୍ର ଶେଷରେ ନିରୁପାୟ ହୁଏ । ଯିଏ ଯେତେ ଚେଷ୍ଟା କରୁନା କାହିଁକି ଏଥିରୁ ସହଜରେ ଉଦ୍ଧାର ପାଇପାରେ ନାହିଁ । ଯୁଗେ ଯୁଗେ ଏଥିପାଇଁ ସ୍ୱୟଂ ଭଗବାନ ଏ ପୃଥିବୀକୁ ଅବତରି ଆସି ଜୀବକୁ ଉଦ୍ଧାରର ପଥ ଦେଖାଇଦେଇ ଥାଆନ୍ତି । ତଥାପି ମୋହଗ୍ରସ୍ତ ଜୀବର ମୋହ ତୁଟିଯାଏ ନାହିଁ । ବଦ୍ଧଜୀବ ମାୟା ମୋହର ରଙ୍ଗୀନ ବର୍ଣ୍ଣଶୋଭା ମଧ୍ୟରେ ସତ୍‌କୁ ଗ୍ରହଣ କରିପାରେ ନାହିଁ । ଯେଉଁମାନେ ସତ୍ ପଥରେ ପଦଚାଳି ନତି ସ୍ୱୀକାର କରନ୍ତି, ସେମାନେ ଯଥାକାଳରେ ଅବଶ୍ୟ ମୁକ୍ତ ହୋଇଯାଆନ୍ତି । ଯେତେ ସମୟ ପର୍ଯ୍ୟନ୍ତ ମନକୁ ସଂଯତ କରାଯାଇ ନ ପାରିଛି, କାମନା, ବାସନା, ଲୋଭ  ମୋହକୁ ଜୟ କରାଯାଇ ନ ପାରିଛି, ସେତେ ସମୟ ପର୍ଯ୍ୟନ୍ତ ଶାସ୍ତି ଭୋଗ କରିବାକୁ ହେବ ନିଶ୍ଚୟ । ଏହି ନିୟମରୁ କେହି ବର୍ତ୍ତିଯାଇ ପାରିନାହାନ୍ତି । ଏହାର ସତ୍ୟତା ପ୍ରତିଷ୍ଠା କରେ 'ତରମ'ର ଏହି ସଂଖ୍ୟାର ଏହି ସ୍ତମ୍ଭର -

## ନିଶାକର କଥା

କୋଶକାର ମହର୍ଷି ମୁଦ୍‌ଗଳଙ୍କରପୁଅ । ବାତ୍ସ୍ୟାୟନଙ୍କର କନ୍ୟା ଧର୍ମିଷ୍ଠା ସହିତ ତାଙ୍କର ବିବାହ ହେଲା । ସ୍ୱାମୀ ସ୍ତ୍ରୀ ଉଭୟେ ଧାର୍ମିକ, ନୀତିବାନ ଓ ଶାସ୍ତ୍ରଜ୍ଞ । ଯଥା ସମୟରେ ତାଙ୍କର ପୁଅଟିଏ ହେଲା । ଜନ୍ମ ମୁହୂର୍ତ୍ତରୁ ପୁଅଟି କାନ୍ଦୁନଥିଲା, କି ହସୁ ନଥିଲା କିମ୍ବା ଦେଖିପାରୁ ନଥିଲା । ମା' ଧର୍ମିଷ୍ଠା ଏହା ଦେଖି ବଡ ଦୁଃଖ କଲେ । ଏହ୍ମତି ଘରେ ପାଞ୍ଚଦିନ କଟିଲା । ପୁଅର ଏପରି ଅବସ୍ଥା ଦେଖି ମା' ଧର୍ମିଷ୍ଠା ତାକୁ ନେଇ ଘର ବାହାରେ ଗୋଟିଏ ସ୍ଥାନରେ ରଖିଦେଲେ ।

ଠିକ୍ ସେତିକି ବେଳକୁ ଶୂର୍ପାକ୍ଷୀ ନାମରେ ଜଣେ ରାକ୍ଷସୀ ଖାଦ୍ୟ ସନ୍ଧାନରେ ବାହାରିଥିଲା । ଶୂର୍ପାକ୍ଷୀର ସ୍ୱାମୀ ଘଟୋଦର ଅନ୍ଧଥିବାରୁ ପ୍ରତିଦିନ ସେ ଖାଦ୍ୟ ସନ୍ଧାନରେ ବାହାରୁଥାଏ । ଶୂର୍ପାକ୍ଷୀ ଖାଦ୍ୟ ଖୋଜୁ ଖୋଜୁ ଧର୍ମିଷ୍ଠାର ପୁଅକୁ ଦେଖି ନିଜ ସ୍ଥାନକୁ ଫେରିଯାଇ ସେହି ବୟସର ନିଜ ପୁଅକୁ ଆଣି ସେହି ସ୍ଥାନରେ ରଖି ଦେଇ ବ୍ରାହ୍ମଣ କୋଶକାରର ପୁଅକୁ ଧରି ସ୍ୱାମୀ ଘଟୋଦର ପାଖରେ ପହଞ୍ଚିଗଲା । ଘଟୋଦରକୁ କହିଲା - 'ଆଜି ଭଲ ଶୀକାର ଟିଏ ଆଣିଛି ।' ଘଟୋଦର ପଚାରିଲା - 'କିଲୋ, କାହାକୁ କେଉଁଠୁ ଧରି ଆଣିଲୁ ? ଶୂର୍ପାକ୍ଷୀ ହସି ହସି କହିଲା - ''କୋଶକାର ବ୍ରାହ୍ମଣର ସ୍ତ୍ରୀ ତା'ପୁଅକୁ ବାହାରେ ପକାଇଦେଇ ଥିଲା । ଆମ ପୁଅକୁ ତା' ସ୍ଥାନରେ ରଖିଦେଇ ତା' ପୁଅକୁ ନେଇ ଆସିଛି ।' ଘଟୋଦର ଚମକି ପଡି କହିଲା - 'ସର୍ବନାଶ ଡାକି ଆଣିଲୁ ଲୋ ଶୂର୍ପାକ୍ଷୀ । କୋଶକାର ବ୍ରାହ୍ମଣକୁ ତୁ ଚିହ୍ନିନାହୁଁ ? ସେ ମହା ତେଜସ୍ୱୀ । ଯଦି ଜାଣିଯିବ, ତେବେ ଆଉ ଆମର ରକ୍ଷା

ନାହିଁ । ତୁ ଶୀଘ୍ର ଲୁଚି ଲୁଚି ଯାଇ ତା'ପୁଅକୁ ତା'ସ୍ଥାନରେ ରଖି ଦେଇ ଆସିବୁ ।' ସ୍ୱାମୀ ଘଟୋଦରର କଥା ଶୁଣି ଶୂର୍ପାକ୍ଷ ଅତିଶୀଘ୍ର ବ୍ରାହ୍ମଣ ପୁଅକୁ ଧରି ଚାଲିଗଲା ।

ଏଣେ ଏକୁଡି ଘର ବାହାରେ ପୁଅଟି କାନ୍ଦି ଉଠିବା ଶୁଣି ଧର୍ମିଷ୍ଠା ଚମକି ଉଠିଲେ । ବଡ ଆନନ୍ଦିତ ମଧ ହେଲେ । ଯାହା ହେଉ ଏତେ ଦିନ ପରେ ପୁଅର ପାଟି ଫିଟିଲା । ସ୍ୱାମୀଙ୍କୁ ଡାକି ଦେଖାଇଲେ । ହେଲେ କୋଶକାରଙ୍କ ମନରେ ସନ୍ଦେହ ହେଲା । ଏତେଦିନ ମୂକ ହୋଇ ରହିଥିବା ପୁଅକୁ ଆଜି କାନ୍ଦିବାର ଦେଖି ତାଙ୍କର ବିଶ୍ୱାସ ହେଲା ନାହିଁ । ଏହା ଭିତରେ କିଛି ରହସ୍ୟ ଥିବାର ସେ ଅନୁମାନ କଲେ । ତାଙ୍କୁ ଅନେକ ମନ୍ତ୍ର ଓ ତନ୍ତ୍ର ବିଦ୍ୟା ଜଣାଥିଲା । ପ୍ରଥମେ ମନ୍ତ୍ରଦ୍ୱାରା ପିଲାଟି ଉପରେ ପାଣି ଛିଞ୍ଚି, ଦେହରେ କିଛି ମାଟି ବୋଳି ମନ୍ତ୍ରବଳରେ ସେ ପିଲାଟିକୁ ସେଠାରେ ବନ୍ଧନ କରିଦେଲେ । ରାକ୍ଷସୀ ଶୂର୍ପାକ୍ଷୀ ଅନ୍ୟ ଉପାୟ ନପାଇ ନିଜ ପୁଅକୁ ନେଇ ନ ପାରି ସ୍ୱସ୍ଥାନକୁ ବାହୁଡିଗଲା । କୋଶକାର ସବୁ ବୁଝିପାରୁଥିଲେ ମଧ ଧର୍ମିଷ୍ଠାଙ୍କୁ କିଛି ପ୍ରକାଶ କରି କହିଲେ ନାହିଁ । ଗୋଟିଏ ଅନ୍ଧ, ଜଡ, ମୂକ ପୁଅ ସହିତ ଅନ୍ୟ ଗୋଟିଏ ସୁସ୍ଥ ସବଳ ପୁଅ ସେ ପାଇଗଲେ ।

ଦୁଇ ପୁଅକୁ ସମାନ ସ୍ନେହ ଦେଇ ଭଲଭଲ ଖାଦ୍ୟ ପାନୀୟ ଖୁଆଇ ଧର୍ମିଷ୍ଠା ଯତ୍ନର ସହିତ ଲାଳନ ପାଳନ କରିବାକୁ ଲାଗିଲେ । କୋଶକାର ନିଜ ପୁଅର ନାମ ନିଶାକର ଓ ରାକ୍ଷସୀ ପୁଅର ନାମ ଦିବାକର ଦେଲେ । ଦେଖୁ ଦେଖୁ ସାତ ବରଷ ବିତିଗଲା । କୋଶକାର ଉଭୟ ପୁଅଙ୍କର ବ୍ରତ କଲେ । ବ୍ରାହ୍ମଣ ପଣ୍ଡିତ ଘରପୁଅ, ଯତ୍ନର ସହିତ ସେମାନଙ୍କୁ ଲେଖାପଢ଼ାରେ ଅଭ୍ୟସ୍ତ କରି ଗୁରୁଙ୍କ ପାଖକୁ ବେଦ ପଢ଼ାଇବା ପାଇଁ ପଠାଇଦେଲେ । ଦିବାକର ବେଶ୍ ଭଲ ବେଦ ପଢ଼ିପାରିଲା । ମାତ୍ର ନିଶାକର ପଢ଼ାରେ ମନ ଦିଏ ନାହିଁ କି କିଛି ହେଲେ ଶିଖେ ନାହିଁ । ଗୁରୁ ଶତଚେଷ୍ଟା କରି ମଧ ନିଶାକରକୁ ବେଦ ପଢ଼ାଇପାରିଲେ ନାହିଁ । ବ୍ରାହ୍ମଣ ସନ୍ତାନ ନିଶାକରକୁ ସମସ୍ତେ ନିନ୍ଦିଲେ । କୋଶକାର ମଧ ବଡ ବିରକ୍ତ ହେଲେ । ଦିନେ ସେ ନିଶାକରକୁ ସାଙ୍ଗରେ ନେଇ ଦୂରରେ ଥିବା ଏକ ଶୁଖିଲା କୂଅ ଭିତରେ ତାକୁ ପକାଇ ଦେଇ ପାଖରେ ଥିବା ଅଁଳା ଗଛକୁ ପକାଇ ଗୋଟିଏ ବଡ଼ ପଥରରେ କୂଅର ମୁହଁ ଢାଙ୍କି ଦେଇ ଆସିଲେ । ଧର୍ମିଷ୍ଠା ପୁଅକୁ ନ ପାଇ ଏଣେ ତେଣେ ଖୋଜି ପାଇଲେ ନାହିଁ । ମନେ ମନେ ଭାବିଲେ, ଅନ୍ଧମୂକ ପିଲାଟା, ବୋଧହୁଏ କୁଆଡେ ଚାଲିଯାଇଛି । ସ୍ୱାମୀଙ୍କୁ ଜଣାଇବାରୁ କୋଶକାର ନଜାଣିଲା ପରି ରହିଲେ ।

ଦିବାକର ଏ ମଧରେ ଜଣେ ଭଲ ପଣ୍ଡିତ ହୋଇ ସାରିଥାଏ । ଧିରେ ଧିରେ ନିଶାକର କଥା ସମସ୍ତେ ପାଶୋରୀ ଦେଇ ଥାଆନ୍ତି । ବହୁଦିନ ପରେ ଧର୍ମିଷ୍ଠା ଦିନେ ସେହି କୂଅ ବାଟ ଦେଇ ଆସୁ ଆସୁ କୂଅ ମୁହଁରେ ଭାରି ପଥରଟାଏ ଢଙ୍କା ହେବାର ଦେଖିଲେ । ପାଖକୁ ଯାଇ ଅବାକ୍ ହୋଇ ମନେ ମନେ ଭାବିଲେ - କୂଅ ଉପରେ ଏପରି ପଥର ଚାପା କିଏ ଦେଲା ? ହଠାତ୍ କୂଅ ଭିତରୁ ମଣିଷର ସ୍ୱର ଶୁଣାଗଲା - କୋଶକାର । କୋଶକାର ଏ ପଥର ଚାପା ଦେଇଛି । ଧର୍ମିଷ୍ଠା ଚକିତ ହୋଇ ପଚାରିଲେ - ତୁମେ କିଏ ? କୂଅ ଭିତରୁ ଉତ୍ତର ଆସିଲା ମୁଁ ତୁମ ପୁଅ ନିଶାକର ।' ଏହାଶୁଣି ଧର୍ମିଷ୍ଠା ଆହୁରି ଆଚମ୍ବିତ ହୋଇଗଲେ । ପୁଅ ନିଶାକର ତ ଅନ୍ଧ, ଜଡ଼ ମୂକ, ସେ ତ କଥା କହିପାରେନା । ତେବେ ଏ କିଏ ? ଏପରି ଭାବି ଭାବି ସେ ସଙ୍ଗେ ସଙ୍ଗେ ଘରକୁ ଯାଇ ସ୍ୱାମୀଙ୍କୁ ସବୁକଥା କହିଲେ ।

କୋଶକାର ସଙ୍ଗେ ସଙ୍ଗେ କୂଅ ପାଖକୁ ଆସି ପଥର ଚାପା କାଢ଼ି ପୁଅକୁ ଭିତରୁ ବାହାରକୁ ଆଣି ପଚାରିଲେ - 'ପୁଅ, ଏତେଦିନ ଧରି ତୁ ମୂକ, ଜଡ଼, ଅନ୍ଧ, ହୋଇ ରହିଥିଲୁ କାହିଁକି ? ଆଜି ପୁଣି କଥା କହୁଛୁ କିପରି ?'

ନିଶାକର କହିଲା - 'ବାପା, ଏ ହେଉଛି ମୋ ଜନ୍ମଜନ୍ମାନ୍ତରର ପାପଫଳ । ଆପଣଙ୍କର ପୁଅ ହୋଇ ଜନ୍ମ ଲାଭ କରିଥିଲେ ମଧ ମୁଁ ମୋର ପୂର୍ବଜନ୍ମର ସ୍ମୃତି ଭୁଲିଯାଇ ନାହିଁ । ପୂର୍ବଜନ୍ମରେ ମୁଁ ଜଣେ ଶାସ୍ତ୍ରଜ୍ଞ ବ୍ରାହ୍ମଣ ପଣ୍ଡିତ

ଥିଲି । ଶାସ୍ତ୍ରପାଠ କରି ସବୁ ଜାଣିଥିଲେ ମଧ୍ୟ ମୁଁ ତାହା ନିଷ୍ଠାର ସହିତ ମାନି ପାଳନ କରି ନଥିଲି । ବ୍ରାହ୍ମଣର ଆଚାର ଆଚରଣ ମୁଁ କଦାପି ପାଳନ କରିନଥିଲି । ବିଶେଷତଃ ମାତୃଜାତିକୁ ଯଥାର୍ଥ ସମ୍ମାନ, ମର୍ଯ୍ୟାଦା ମୁଁ କେବେ ବି ଦେଇ ନଥିଲି । ତେଣୁ ମୋର ଅକାଳରେ ମୃତ୍ୟୁ ହେଲା । ମୋର ପ୍ରତି ଜନ୍ମରେ ଏହି ସବୁ କାରଣରୁ ମୁଁ ଅକାଳ ମୃତ୍ୟୁ ମୁଖରେ ପଡିଥିଲି । ପ୍ରତ୍ୟେକ ଜନ୍ମରେ ମୁଁ ଦଣ୍ଡଭୋଗ କରି ଆସିଛି । ପ୍ରତିଜନ୍ମରେ ମୁଁ କଳ୍ପନା କରେ ସତ୍ ପଥରେ ରହିବି ବୋଲି ମାତ୍ର ଜାଗତିକ କାମନା ବାସନା, କାମ କ୍ରୋଧ ଲୋଭ ମୋହ ମୋତେ ସତ୍‌ପଥରେ ରହିବାକୁ ଦେଇନାହିଁ । ମଣିଷ ଜନ୍ମ ପାଇ ମଧ୍ୟ ମୁଁ ମାନବିକଗୁଣ ଧରି ରଖି ପାରିନାହିଁ । ପଶୁପ୍ରବୃତ୍ତିରେ ପ୍ରମତ୍ତ ହୋଇ ରହିଛି । ସଂସାରିକ ଆକର୍ଷଣ, ଭୋଗ ଲାଳସା ମୋତେ ପଶୁ ସ୍ତରକୁ ଖସାଇ ନେଇଛି । ତେଣୁ ପ୍ରତି ଜନ୍ମରେ ମୁଁ ଅଶେଷ ଜନ୍ମ ମୃତ୍ୟୁର ଯନ୍ତ୍ରଣା ଭୋଗ କରିଆସୁଛି । ଶେଷରେ ଏ ଜନ୍ମରେ ଆପଣଙ୍କ କୋଳରେ ଜନ୍ମ ହୋଇଛି । ଆପଣ ମୋ ଉପରେ ବିରକ୍ତ ହୋଇ ମୋତେ କୁଅ ଭିତରକୁ ପକାଇ ଦେଇ ଅଁଳାଗଛକୁ ମଧ୍ୟ ପକାଇ ଦେଲେ । ପଥରଚାପା ଦେଇ ଚାଲିଗଲେ । ବହୁଦିନଧରି କୁଅମଧ୍ୟରେ ଏକାକୀ ରହି ଅଁଳା କୋଳି ଖାଇ ମୁଁ କ୍ଷୁଧା ତୃଷା ନିବାରଣ କରିଛି । ଧିରେ ଧିରେ ମନକୁ ସଂଯତ କରି ପାରିଛି ।'

ଏହା ଶୁଣି କୋଶକାର ପୁଅକୁ ଆଦର କରି ଘରକୁ ବାହୁଡାଇ ନେବାକୁ ଚାହିଁଲେ ମଧ୍ୟ ନିଶାକର ଘରକୁ ଯିବାକୁ ଦୃଢ଼ ଭାବରେ ନାସ୍ତିକଲା । ବାପାଙ୍କ ଠାରୁ ଅନୁମତି ନେଇ ସିଧା ସଳଖ ବଦରିକା ଆଶ୍ରମକୁ ଚାଲିଗଲା । ସେଠାରେ ସେ ତପସ୍ୟାରେ ରତ ରହିଲା । ନୀତିନିଷ୍ଠାରେ କାଳଯାପନ କଲା । କର୍ମଯୋଗରେ ନିଷ୍ଠା ନିୟମର ସହିତ ସାଧନା କରିବା ଫଳରୁ ତା'ର ଜନ୍ମଜନ୍ମାନ୍ତରର ପାପ ଧୋଇ ହୋଇଗଲା । ସେ ଦିବ୍ୟାତ୍ମାରେ ପରିଣତ ହେଲା ॥

ବେଳ ବୁଡ଼ିଲାଣି ଭାଙ୍ଗିନି ନିଦ
କର୍ମଧାରା କରୁ ନିତି ।
କପଟ ଛଳନା ଛାଡି ନାହୁଁ ଧନ
କା'ଠାରେ ରଖିଛୁ ପ୍ରୀତି ??

ସେବା କରିବାକୁ ବଳାଇଲୁ ମନ,
ଅଭିମାନ କରି ସରିଗଲୁ ଧନ ।
ସ୍ୱାର୍ଥ ପଣ ଛାଡି କରୁଥିଲେ ସେବା,
ତୋତେ ଜିଣିବାକୁ କାହିଁ ଅଛି କେ'ବା ??

# ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ



ମୋହାବିଷ୍ଟ ପ୍ରାଣୀ ମୂଢ଼ ଓ ଜଡ଼ ଅଟେ । ଜାଗତିକ ସୁଖ ସମୃଦ୍ଧି, ଭୋଗ ଐଶ୍ୱର୍ଯ୍ୟରେ ଆସକ୍ତ ଓ ମୋହିତ ହୋଇ ପ୍ରାପ୍ତିର ଆଶାରେ ମୋହାବିଷ୍ଟ ହୋଇ ଅନେକ ଗୁଣୀ, ଜ୍ଞାନୀ ମୂଢ଼ତା ଓ ଜଡ଼ତା ପ୍ରାପ୍ତ ହୋଇ ଜୀବନର ମହନୀୟ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ଅପ୍ରାପ୍ତିର ନିରାଶା ମଧ୍ୟରେ ଦୀର୍ଘଶ୍ୱାସ ତ୍ୟାଗ କରି ଅକଥନୀୟ ଯାତନା ଯନ୍ତ୍ରଣାରେ କାଳାତିପାତ କରି ଜୀବନର ସ୍ୱାଦ ଆସ୍ୱାଦନ କରି ପାରୁନାହାନ୍ତି । ସେମାନଙ୍କ ପାଇଁ ଜୀବନ ଦୁର୍ବିସହ ହୋଇ ଉଠେ । ପ୍ରତି ମୁହୂର୍ତ୍ତରେ ମୃତ୍ୟୁକୁ ଆହ୍ୱାନ କରି ଜୀବନ ଥାଇଁ ଥାଇଁ ସେମାନେ ମୃତ୍ୟୁର ଶୀତଳ ସ୍ପର୍ଶ କଳ୍ପନାରେ ମୃତପ୍ରାୟ ହୋଇ ପଡ଼ନ୍ତି । ଜୀବନମୃତ ଏହି ବ୍ୟକ୍ତିମାନଙ୍କ ପାଇଁ ଦୟା କରିବା ପ୍ରତି ଅନ୍ୟ ଉପାୟ ନଥାଏ ଅନ୍ୟ କାହାର । ସେମାନଙ୍କ ପିଣ୍ଡରେ ନୂତନ ଜୀବନ ଓ ପ୍ରାଣ ସଞ୍ଚାର ଲକ୍ଷ୍ୟରେ 'ଚରମ' ପୃଷ୍ଠାରେ ଆମର ଏହି ପ୍ରୟାସ ମାତ୍ର ।

''ଚରମ'' : ସପ୍ତମ ପୁଷ୍ପ : ଦ୍ୱିତୀୟ ପାଖୁଡା : ତ୍ରିତ୍ରିଂଶତିତମ ସଂଖ୍ୟାର ଅନୁସ୍ମୃତିରୁ:

## ଗୃହସ୍ଥ ରାଜଗୁରୁ ମୋହ

### ଶ୍ରୀ ଗୁରୁସ୍ୱାମୀ ଉବାଚ :

ଦ୍ୱିତୀୟ ବିଭାଗଟି ଶୁଣ । ବିଚିତ୍ର ତତ୍ତ୍ୱଗତି ପୁଣ ।।
ଗୃହସ୍ଥ ରାଜଗୁରୁ ମୋହ । ଏହାକୁ କହେ ସ୍ଥିର ବ୍ୟୁହ ।।
ସାଧକ ସାଧନ ଜୀବନେ । ସାଧନା ପଥ ଅତିକ୍ରମେ ।।
ରାଜଯୋଗର ଯୋଗୀ ହୋଇ । ସଂସ୍କାର ବଶୁ ସିଦ୍ଧି ପାଇ ।।
ସମାଧି, ଦର୍ଶନ, କୈବଲ୍ୟ । ଲାଭ ପରେ ହିଁ ଯେ ବୈକଲ୍ୟ ।।
ତହୁଁ ସେ ମୋକ୍ଷ ନ ହୁଅଇ । ପୁନଶ୍ଚ ଜନମ ଲଭଇ ।।
ପରଜନ୍ମରେ ଦେହ ଧରି । ଗ୍ରହଣ କରିଥାଏ ନାରୀ ।।
ସଂସାରୀ ହୋଇ କାଟେ କାଳ । ମୋହ ଯେ ଧରିଥାଏ ବାଳ ।।
ମୋହ ଆଚ୍ଛନ୍ନ ଯେଣୁ ସେହି । ଗୃହ ଜଞ୍ଜାଳେ ଥାଏ ରହି ।।
କାମିନୀ କାଞ୍ଚନ ଲୋଡ଼ଇ । ତା ଅନ୍ତର୍ଗତ ଭାବ ଏହି ।।
ସୂକ୍ଷ୍ମରେ ଏହି ମୋହ ବୀଜ । ରହି ଆଚ୍ଛାଦେ ତା'ର ତେଜ ।।
ସ୍ଥୂଳରେ ଅନ୍ୟଭାବ ଥାଇ । ପ୍ରାଣୀ ତା' ଜାଣି ନ ପାରଇ ।।
ମୋହ ବଶରୁ ଅନ୍ଧ ପ୍ରାୟେ । ସଂସାରେ ଆତ ଜାତ ହୁଏ ।।

ଛଳନା କପଟ କରଇ । ତଥାପି ହୃଦରେ ସ୍ଫୁରଇ ॥
ଦିବ୍ୟ ଜ୍ଞାନ ତା' ହୃଦୟରେ । ଉଦୟ ହୁଏ ଧିରେ ଧିରେ ॥
ମୋହାଚ୍ଛନ୍ନ ସେ ହୋଇଥାଏ । ତଥାପି ସଂସ୍କାରଟି ଥାଏ ॥
ପୂର୍ବ ଜନ୍ମର ସଂସ୍କାରରୁ । ସେ ପୁଣି ହୋଇ ଥାଏ ଗୁରୁ ॥
କ୍ରମଶଃ କ୍ରମ ପର୍ଯ୍ୟାୟରେ । ଚୈତନ୍ୟ ଶକ୍ତି ଉଦୟରେ ॥
ଜ୍ଞାନ ତା' ହୃଦୟେ ଉଦୟ । ହୁଅଇ କଟିଯାଇ ମୋହ ॥
ଗୃହସ୍ଥ ରାଜଗୁରୁ ମୋହ । ଏହାକୁ ବୁଧେ ତୁମେ କୁହ ॥

'ସସ୍ତ୍ରୀକ ଆଧାତ୍ମିକ ମୋହ'ର ପ୍ରଥମ ବିଭାଗ - 'ଗୃହସ୍ଥ ଆର୍ଯ୍ୟଗୁରୁ ମୋହ' ଏବଂ ଦ୍ୱିତୀୟ ବିଭାଗ - 'ଗୃହସ୍ଥ ରାଜଗୁରୁ ମୋହ' ମଧ୍ୟରେ ଥିବା ପ୍ରଭେଦ ଅତ୍ୟନ୍ତ କ୍ଷୀଣ । ଉଭୟ ପ୍ରକାର ମୋହ ପ୍ରାୟତଃ ଏକାପରି ଜଣାଯାଉଥିଲେ ମଧ୍ୟ ଉଭୟ ମୋହ ମଧ୍ୟରେ ପାର୍ଥକ୍ୟ ଅବଶ୍ୟ ରହିଛି । ଗୃହସ୍ଥ ଆର୍ଯ୍ୟଗୁରୁ ମୋହଗ୍ରସ୍ତ ବ୍ୟକ୍ତିର ଉତ୍ଥାନ ପ୍ରାୟ ସମ୍ଭବ ହୋଇ ପାରେ ନାହିଁ । ସେ ମୋହାବିଷ୍ଟ ହୋଇ ଜନ୍ମଜନ୍ମାନ୍ତର ପର୍ଯ୍ୟନ୍ତ ରହିଯାଏ । ମାତ୍ର ଗୃହସ୍ଥ ରାଜଗୁରୁ ମୋହାବିଷ୍ଟ ବ୍ୟକ୍ତିର ଜନ୍ମଜନ୍ମାନ୍ତରରେ ଉତ୍ଥାନ ହୋଇଥାଏ ।

ଠାକୁରେ 'ଗୃହସ୍ଥ ଆର୍ଯ୍ୟଗୁରୁ ମୋହ' ପ୍ରସଙ୍ଗରେ ଆଲୋଚନା କରିବା ପରେ 'ଗୃହସ୍ଥ ରାଜଗୁରୁ ମୋହ' ସମ୍ପର୍କରେ ଆଲୋଚନା କରି କହନ୍ତି ଯେ, ଏହି ମୋହର ତତ୍ତ୍ୱ ଗତି ଅତୀବ ବିଚିତ୍ର । ସାଧକ ଗୁରୁଗ୍ରହଣ କରି ଗୁରୁଙ୍କ ପ୍ରଦର୍ଶିତ ସାଧନ ମାର୍ଗରେ ଗତିକରି ରାଜଯୋଗରେ ସାଧନା ଶେଷରେ ରାଜଯୋଗୀ ହୋଇ ସିଦ୍ଧିଲାଭ କରିଥାନ୍ତି । ସିଦ୍ଧି ଲାଭ ଉତ୍ତାରୁ ସମାଧି ସ୍ତର, ଦର୍ଶନ ସ୍ତର ଅତିକ୍ରମ କରି କୈବଲ୍ୟ ସ୍ତରରେ ଉପନୀତ ହୁଅନ୍ତି । ତଥାପି ଜାଗତିକ ଶକ୍ତିର ପ୍ରକ୍ରିୟାରୁ ତାଙ୍କଠାରେ ବୈକଲ୍ୟ ବା ବିକଳତା ପରିଲକ୍ଷିତ ହୁଏ । ତେଣୁ ସେ ମୋକ୍ଷ ଲାଭ କରି ପାରନ୍ତି ନାହିଁ । ଫଳତଃ ତାଙ୍କୁ ପୁଣି ପୁନର୍ଜନ୍ମ ଲାଭ କରିବାକୁ ହୁଏ । ଜନନୀ ଜଠର ଜରାୟୁ ମଧ୍ୟ ଦେଇ ସେ ମାନବ ଶରୀର ଧାରଣ କରି ଧରାପୃଷ୍ଠରେ ଭୂମିଷ୍ଠ ହୁଅନ୍ତି । ଏହି ଜନ୍ମରେ ପୂର୍ବଜନ୍ମର ବିକଳତା ବା ବୈକଲ୍ୟ କାରଣରୁ ସେ ବୈବାହିକ ବନ୍ଧନରେ ଆବଦ୍ଧ ହୋଇ ସଂସାରୀରୂପେ କାଳ ଯାପନ କରନ୍ତି । ଗୃହସ୍ଥ ରାଜଗୁରୁ ମୋହାଚ୍ଛନ୍ନ ହୋଇ ସେ ଦାମ୍ପତ୍ୟ, ପାରିବାରିକ, ସାଂସାରିକ, ସାମାଜିକ ବିଷୟା ଜଞ୍ଜାଳଗ୍ରସ୍ତ ହୋଇ କାଳାତିପାତ କରନ୍ତି । ବହିର୍ଗତ ଭାବରେ ସେ ଆଧାତ୍ମିକ ଜୀବନ ପ୍ରତି ଆକୃଷ୍ଟ ହେଲେ ମଧ୍ୟ ଅନ୍ତର୍ଗତ ଭାବରେ ମୋହର ସୂକ୍ଷ୍ମ ବୀଜ ତାଙ୍କ ମଧ୍ୟରେ ରହି ତାଙ୍କର ଯୋଗଶକ୍ତିର ତେଜକୁ ଆଚ୍ଛାଦନ କରି ରଖିଥାଏ । ତେଣୁ ସେ କାମିନୀ ଓ କାଞ୍ଚନ ପ୍ରତି ଅତିମାତ୍ରାରେ ଆସକ୍ତ ହୋଇ ପଡ଼ନ୍ତି । ଗୃହସ୍ଥ ରାଜଗୁରୁ ମୋହ, ପ୍ରତି ମୁହୂର୍ତ୍ତରେ ତାଙ୍କର କେଶାଗ୍ର ଆକର୍ଷଣ କରି ଭୌତିକ ପ୍ରାପ୍ତି ଦିଗରେ ତାଙ୍କୁ ପରିଚାଳନା କରିଥାଏ । ମୋହାନ୍ଧ ଘୂର୍ଣ୍ଣିପାକ ମଧ୍ୟରେ ପଡ଼ି ସେ ସଂସାରରେ ସାଧାରଣ ବିଷୟାଜଞ୍ଜାଳୀ ସଂସାରୀ ପରି ଆତଯାତ ହୋଇ ଛଳ କପଟ, ମିଥ୍ୟାଚାର, ଭ୍ରଷ୍ଟାଚାର, ମିଥ୍ୟାଭିନୟାଦିରେ ବ୍ୟସ୍ତରହି ଧନ ସମ୍ପତ୍ତି ଆଦି ପ୍ରତି ଆକୃଷ୍ଟ ହେଉଥାନ୍ତି । ତଥାପି, ଯୋଗଶକ୍ତିର ପ୍ରଭାବରୁ ତାଙ୍କ ହୃଦୟରେ ଧୀରେ ଧୀରେ ଦିବ୍ୟଜ୍ଞାନ ଉଦୟ ହୁଏ । ମୋହାଚ୍ଛନ୍ନ ହେଲେ ମଧ୍ୟ ପୂର୍ବଜନ୍ମର ସଂସ୍କାରରୁ ସେ ସଂସାରୀ ହୋଇ ମଧ୍ୟ ଗୁରୁ ହୋଇ ପାରନ୍ତି । କ୍ରମଶଃ ତାଙ୍କର ଚୈତନ୍ୟ ଉଦୟ ହୁଏ । ଦିବ୍ୟଜ୍ଞାନ ଉଦୟ ହୁଏ । ମୋହ କଟିଯାଏ । 'ଗୃହସ୍ଥ ରାଜଗୁରୁ ମୋହ'ର ଏହାହିଁ ତାତ୍ପର୍ଯ୍ୟ ।

ଏହି ମୋହ ସମ୍ପର୍କିତ ଏକ ପ୍ରାସଙ୍ଗିକ ଆଖ୍ୟାୟିକା ବର୍ଣ୍ଣନା କରି ପରମ ପ୍ରେମମୟ ଠାକୁରେ କହନ୍ତି - ଦ୍ୱାପର ଯୁଗର ଶେଷପାଦରେ କୃତବର୍ମ ନାମକ ଜଣେ ବ୍ୟକ୍ତି ସୌଭାଗ୍ୟବଶତଃ ଗୁରୁବରଣ କରି ଯୋଗମାର୍ଗରେ ସାଧନା ଆରମ୍ଭ କଲେ । ଗୁରୁଙ୍କଠାରେ ଅଟଳ ବିଶ୍ୱାସ ଓ ଅଚଳା ଭକ୍ତି ସ୍ଥାପନ କରି ସାଧନ ପଥରେ ଅଗ୍ରଗତି

କରୁଁ କରୁଁ ସେ ଗୁରୁ କୃପାବଳରେ ରାଜଯୋଗରେ ସିଦ୍ଧିଲାଭ କରି ରାଜଯୋଗୀ ହେଲେ । ସେ ସମାଧି ସ୍ତରରେ ଉପନୀତ ହୋଇ ବ୍ରହ୍ମ ଦର୍ଶନାନ୍ତେ କୈବଲ୍ୟ ପ୍ରାପ୍ତ ହୋଇ ସିଦ୍ଧଯୋଗୀ ଭାବରେ ପ୍ରତିଷ୍ଠା ଲାଭ କରିପାରିଥିଲେ । ଏହି ସମୟକୁ ପୃଥିବୀରେ କଳିର ରାଜତ୍ୱ ଆରମ୍ଭ ହୋଇ ଯାଇଥାଏ । କଳିଯୁଗର ପ୍ରଭାବରୁ ସିଦ୍ଧଯୋଗୀ **କୃତବର୍ମା** ଜାଗତିକ ଶକ୍ତିର ପ୍ରଭାବରେ ଧୀରେ ଧୀରେ ପ୍ରଭାବିତ ହେବାକୁ ଲାଗିଲେ । ନିଜର ଅନିଚ୍ଛା ସତ୍ତ୍ୱେ ସେ ଦର୍ଶନାର୍ଥୀ ମାନଙ୍କର ଦାନ ଗ୍ରହଣ କରିବାକୁ ଆରମ୍ଭ କଲେ । ସନ୍ତାନକାମୀ ଦମ୍ପତ୍ତିଙ୍କର ସମସ୍ୟା ସମାଧାନ କରୁ କରୁ ନିଜର ଅଜ୍ଞାତସାରରେ ସେ ନିଜେ ଦାମ୍ପତ୍ୟ ଜୀବନର ମଧୁରତା କଳ୍ପନା କରିବାକୁ ଲାଗିଲେ । ନାନା ପ୍ରକାର ସ୍ୱାଦିଷ୍ଟ ଆହାର, ଚାକଚକ୍ୟପୂର୍ଣ୍ଣ ପୋଷାକ ପରିଚ୍ଛଦ, ବିଳାସପୂର୍ଣ୍ଣ ଜୀବନଯାପନ ପ୍ରତି ସେ କ୍ରମଶଃ ଆକୃଷ୍ଟ ହେଲେ । କାଳକ୍ରମେ ଏହା ତାଙ୍କର ଅନ୍ତଃକରଣରେ ଭାବତରଙ୍ଗ ତୋଳିବା ସହିତ ସଂସ୍କାରରେ ପରିଣତ ହୋଇଗଲା । ଦୀର୍ଘ ଏକଶତ କୋଡ଼ିଏ ବର୍ଷ ବୟସ ଅତିକ୍ରାନ୍ତ ହେବା ଉତ୍ତାରୁ ସେ ଦେହରକ୍ଷା କରି ପରଲୋକ ଗମନ କଲେ ।

କଳିଯୁଗର ପ୍ରଥମ ପାଦରେ ଶେଷ ସମୟକୁ **କୃତବର୍ମା**ର ଦିବଂଗତ ଆତ୍ମା ଧରାପୃଷ୍ଠରେ ନର ତନୁରେ ଜନ୍ମଗ୍ରହଣ କରି **ମଧୁବ୍ରତ** ନାମରେ ପରିଚିତ ହେଲା । ପୂର୍ବଜନ୍ମର ସଂସ୍କାର ହେତୁ ସେ ବିଦ୍ୟାଶିକ୍ଷା ଲାଭ କରିବା ପରେ ଜଣେ ରାଜକର୍ମଚାରୀର ବୃତ୍ତି ଗ୍ରହଣ କରି ଜୀବିକା ନିର୍ବାହ କଲେ । ଯୁବକ **ମଧୁବ୍ରତର** **ମାଧୁରୀ** ନାମ୍ନୀ ଏକ ଯୁବତୀ ସହିତ ବୈବାହିକ ସମ୍ବନ୍ଧ ସ୍ଥାପିତ ହେଲା । ଦାମ୍ପତ୍ୟ ଜୀବନର ଜାଗତିକ ମାଧୁର୍ଯ୍ୟ ସହିତ ଧନସମ୍ପଦର ଐଶ୍ୱର୍ଯ୍ୟ ବଳରେ ସେ ବିଳାସପୂର୍ଣ୍ଣ ଜୀବନ ଯାପନ କଲେ । ରାଜକର୍ମଚାରୀ ଭାବରେ କାର୍ଯ୍ୟରତ ସମୟରେ ପ୍ରକୃତିର ତାଡ଼ନାରୁ ସେ ଲାଞ୍ଚମିଛ ତଥା କାମିନୀ କାଞ୍ଚନର ଆକର୍ଷଣରେ ନାନାଦି ଦୁର୍ନୀତିରେ ଲିପ୍ତ ହୋଇ ଶେଷରେ ପରିଣାମ ବଶତଃ ରାଜକର୍ମରୁ ବିତାଡ଼ିତ ହେଲେ । ଏ ସମୟକୁ ତାଙ୍କର ତିନିପୁତ୍ର ଓ ତିନିକନ୍ୟା ଜନ୍ମଗ୍ରହଣ କରି ସାରିଥାନ୍ତି । **ମଧୁବ୍ରତ** ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ ବ୍ୟବସାୟରେ ମନୋନିବେଶ କଲେ । ବ୍ୟବସାୟିକ ବୁଦ୍ଧି ତାଙ୍କର ଦୁର୍ବୁଦ୍ଧିରେ ପରିଣତ ହେଲା । ଜଣେ ମିଥ୍ୟାବାଦୀ, ଦୁର୍ନୀତିଗ୍ରସ୍ତ, ଛନ୍ଦକପଟପୂର୍ଣ୍ଣ ବ୍ୟକ୍ତି ଭାବରେ ତାଙ୍କର ଅପଯଶ ପ୍ରଚାରିତ ହେବା ସହିତ ଜଣେ ଧନାଢ୍ୟ ସୌଦାଗର ଭାବରେ ତାଙ୍କର ସାମାଜିକ ପ୍ରତିଷ୍ଠା ମଧ୍ୟ ଜାହିର୍ ରହିଥାଏ । ସାଂସାରିକ ବିଭିନ୍ନ ପ୍ରକାର ଜଞ୍ଜାଳ ଓ ସମସ୍ୟା ମଧ୍ୟରେ ସେ ଜ୍ୱାଳାଯନ୍ତ୍ରଣାପୂର୍ଣ୍ଣ ମର୍ମଦାହ ସହିତ ଐଶ୍ୱର୍ଯ୍ୟ ବଳରୁ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରୁଥାନ୍ତି । ବୟଃବୃଦ୍ଧି ସହିତ ଧର୍ମାନୁଷ୍ଠାନ ପ୍ରତି ତାଙ୍କର ଆଗ୍ରହ ସୂଚିତ ହେଉଥିଲେ ହେଁ ନଶ୍ୱର ଓ ଅନିତ୍ୟ ଜାଗତିକ ସୁଖସମ୍ଭୋଗର ଆକର୍ଷଣ ସେ ତ୍ୟାଗ କରି ପାରୁ ନଥାନ୍ତି । ଗୋଟିଏ ଦିଗରେ ଠକାମି ଭଣ୍ଡାମି କରି ଅର୍ଥ ଉପାର୍ଜନ ଓ ଛଳନାପୂର୍ଣ୍ଣ ଜୀବନ ଯାପନ ସହିତ ଅନ୍ୟ ଏକ ଦିଗରେ ଧର୍ମାନୁଷ୍ଠାନ ମାନଙ୍କରେ ଯୋଗଦେବା, ସହଯୋଗ କରିବା, ଦାନ ଦେବା ଭଳି ମହତ୍ କାର୍ଯ୍ୟମାନ ସେ ଏକ ସଙ୍ଗରେ ନିର୍ବାହ କରୁଥାଆନ୍ତି । ସାଧାରଣ ଲୋକଙ୍କ ଚକ୍ଷୁରେ ସେ ସନ୍ଦେହର ବଳୟ ମଧ୍ୟରେ ରହିଥାନ୍ତି ଓ ଲୋକେ ତାଙ୍କୁ ସହଜରେ ଗ୍ରହଣ କରିପାରୁ ନ ଥାନ୍ତି । ସମୟର ଗତି ସହିତ ଧୀରେ ଧୀରେ ଅବସ୍ଥାର ପରିବର୍ତ୍ତନ ଘଟିଲା । ପରିବେଶ ମଧ୍ୟ ବଦଳି ଗଲା । ନୂଆ ପିଢ଼ୀର ଯୁବକଯୁବତୀମାନେ **ମଧୁବ୍ରତ**ଙ୍କର ଦାନଧର୍ମ, ସହଯୋଗ ସହାନୁଭୂତି ଓ ଉପଦେଶ ବାକ୍ୟ ଦ୍ୱାରା ଆକୃଷ୍ଟ ହେଲେ । ଏଣେ ପୂର୍ବଜନ୍ମର ସଂସ୍କାରର ଓ ସଞ୍ଚିତ ଯୋଗଶକ୍ତିର ପ୍ରଭାବରୁ **ମଧୁବ୍ରତ**ଙ୍କର ମାୟା ମୋହର ଫାଶ କ୍ରମଶଃ ଶିଥିଳ ହେଲା ଓ ତତ୍ ସଙ୍ଗେ ସଙ୍ଗେ ତାଙ୍କ ହୃଦୟରେ ପର୍ଯ୍ୟାୟକ୍ରମରେ ଦିବ୍ୟଜ୍ଞାନ ଉଦୟ ହେଲା । ସାଂସାରିକ ଓ ପାରିବାରିକ ଜୀବନ ଯାପନ କରୁଥିଲେ ମଧ୍ୟ ସେ ପୂର୍ବଜନ୍ମର କର୍ମ ଫଳ ଓ ସଂସ୍କାରରୁ ଅନେକ ବ୍ୟକ୍ତିଙ୍କୁ ମନ୍ତ୍ରଦାନ, ସାଧନ କୌଶଳ ଶିକ୍ଷା ଓ ଧର୍ମ ଉପଦେଶ ଦେଲେ । କାଳକ୍ରମେ ସେ ଗୁରୁ ପଦବାଚ୍ୟ ହେଲେ । ବିଷୟା, ଜଞ୍ଜାଳ, ସ୍ତ୍ରୀ, ପୁତ୍ର କନ୍ୟାଦିଙ୍କର ସଂସାର ସହିତ ଜଡ଼ିତ ହୋଇ ମଧ୍ୟ ସେ ଆଧ୍ୟାତ୍ମିକ ଜୀବନ ଯାପନ କରିବାକୁ ଲାଗିଲେ । କ୍ରମେ ତାଙ୍କର ଚୈତନ୍ୟ ଉଦୟ ହେଲା । ମୋହ ତମିସ୍ରା କଟିଗଲା ଓ ତାଙ୍କର ଆତ୍ମା ଏବଂ ବ୍ରହ୍ମ ଉଭୟ ଉପଲବ୍ଧି ସମ୍ଭବ ହେଲା । 'ଗୃହସ୍ଥ ରାଜଗୁରୁ ମୋହ'ର ଏହାହିଁ ବୈଶିଷ୍ଟ୍ୟ ।

# ଚରିତ୍ରସ୍ତମ୍ଭ

**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ**

## ନାରୀହିଁ ପ୍ରକୃତି

*ପ୍ରକୃତି ଏବଂ ମାୟା-ବ୍ରହ୍ମଙ୍କର ଲୀଳା ସଙ୍ଗିନୀ । ବ୍ରହ୍ମ ମାୟା ଶକ୍ତି ବଳରେ ସୃଷ୍ଟି ସର୍ଜନା କରିବାକୁ ସମ୍ଭବ ହୋଇପାରିଛନ୍ତି । ବ୍ରହ୍ମଙ୍କର ଆଧାର ହିଁ ଏହି ପ୍ରକୃତିର ପ୍ରତ୍ୟେକ ବିଭାବରେ ବ୍ରହ୍ମକୁ ଅନୁଭବ ଓ ଉପଲବ୍ଧ କରିବା ହିଁ ଜୀବ ଜୀବନର ସାଧନା । ଏହି ସାଧନାରେ ଯିଏ ସିଦ୍ଧି ଲାଭ କରି ପାରିଛନ୍ତି ଧନ୍ୟ ତାଙ୍କର ଜୀବନ । କିନ୍ତୁ ଆମ ପରି ଅନେକେ ତା'ଠାରୁ ବହୁତ ଦୂରରେ । ସେହି ଅନୁଭବ ଉପଲବ୍ଧିର ଦିବ୍ୟ ସଂପଦରେ ସଂପଦଶାଳୀ କରି ଗଢ଼ିତୋଳିବା ପାଇଁ ପରମକାରୁଣିକ ଠାକୁରଙ୍କର କରୁଣା କଲ୍ୟାଣର ଫଳ ଶ୍ରୁତି: 'ଚରମ' ପୃଷ୍ଠାରେ ଏହି ଶୀର୍ଷକର ଏହି ସ୍ତମ୍ଭରେ ''ମାୟା'' ପ୍ରସଙ୍ଗର ଆଲୋଚନା ବିବରଣୀ ପରିବେଷିତ ହେଉଅଛି । ଏହା ଅନୁଶୀଳନ ଓ ଅନୁଧ୍ୟାନର ସହିତ ପଠନ, ମନନ, ଚିନ୍ତନ କଲେ, ଆମ୍ଭମାନଙ୍କର ପ୍ରକୃତ ଆତ୍ମଉନ୍ନୟନ ସମ୍ଭବ ବୋଲି ଆଶା କରୁଁ ॥*

**'ଚରମ' : ସପ୍ତମ ପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ତ୍ରୟତ୍ରିଂଶତମ (୩୩) ସଂଖ୍ୟାର ଅନୁସୃତିରୁ:**

**(୧) ବୈଷ୍ଣବୀମାୟା**

**ଭାବାଂଶ**

**(୩) ଉତ୍ତୁଙ୍ଗ ମାୟା :**

ପୂର୍ବ ସଂଖ୍ୟାରେ ଉତ୍ତୁଙ୍ଗମାୟା ପ୍ରସଙ୍ଗରେ ଅଲୋଚନା କାଳରେ ବ୍ରହ୍ମଙ୍କର ଇଚ୍ଛା ଓ ଆଦେଶକୁ ଶିରୋଧାର୍ଯ୍ୟ କରି ମାୟାର ପ୍ରଭାବରୁ ବିଭିନ୍ନ ଯୁଗରେ ଭିନ୍ନ ଭିନ୍ନ ସମୟରେ ମୁନୀ, ଋଷି, ତପସ୍ୱୀ, ଯୋଗୀ, ଧ୍ୟାନୀ, ଜ୍ଞାନୀ, ମହାତ୍ମାମାନେ ଧରାପୃଷ୍ଠରେ ଭୂମିଷ୍ଠ ହୋଇ ସୃଷ୍ଟିର ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ ଓ ମର୍ଯ୍ୟାଦା ରକ୍ଷା ନିମନ୍ତେ କାର୍ଯ୍ୟକରି ପୁଣି ଧରାଧାମରୁ ବିଦାୟ ନେଇ ଯାଆନ୍ତି ଓ ସୃଷ୍ଟିରେ ଶୃଙ୍ଖଳା ଓ ଭାରସାମ୍ୟ ସୁରକ୍ଷିତ ରହେ ବୋଲି ଉଲ୍ଲେଖ କରାଯାଇଥିଲା । ପାଠକ ପାଠିକା ମାନେ ଏହା ଅବଶ୍ୟ ସ୍ମରଣରେ ରଖିଥିବେ । ସେହି ଅସମାପ୍ତ ଆଲୋଚନା କରି ଉତ୍ତୁଙ୍ଗ ମାୟା ପ୍ରସଙ୍ଗରେ ଆଲୋଚନା ସମାପ୍ତ କରିବାକୁ ମନସ୍ଥ କରିଅଛୁ ।

ବ୍ରହ୍ମ ସଂକଳ୍ପବଦ୍ଧ ହୋଇ ସ୍ୱଚ୍ଛ ସ୍ଫଟିକ ତୁଲ୍ୟ ଗତି କରୁଥାଏ । ସ୍ୱଇଚ୍ଛାରେ ଯାହାଦ୍ୱାରା ବିକଳ୍ପ ସନ୍ଧିକୁ ଗତି କରି ମାୟା ବଳରେ ବୁଦ୍ଧି, ବିବେକ ଓ ଚେତନାକୁ ଆଚ୍ଛନ୍ନ କରେ । ବ୍ରହ୍ମ ପ୍ରତ୍ୟେକ ଭୁବନରେ ସୂକ୍ଷ୍ମ ଓ କାରଣ ସୂତ୍ରରେ ଚୈତନ୍ୟ ବ୍ରହ୍ମରେ ଚୁଳ ହୋଇ ନୀରବତା ରକ୍ଷା କରି ତୁନି ହୋଇ ରହିଯାଆନ୍ତି । ସେ ସେହି ସମୟରେ ଆଦେଶକୁ ଅପେକ୍ଷା କରୁଥାଆନ୍ତି । ବ୍ରହ୍ମ ସ୍ୱୟମ୍ଭୁ ସେ ନିଜକୁ ନିଜେ ସୃଷ୍ଟି କରନ୍ତି । ସେ ଆଦେଶ ଓ ଆଜ୍ଞା ଦିଅନ୍ତି ପୁଣି ସେହି ଆଦେଶ ଓ ଆଜ୍ଞାକୁ ପାଳନ କରି କାର୍ଯ୍ୟକାରୀ କରାନ୍ତି । ଏହା ରହସ୍ୟମୟ ବ୍ରହ୍ମଙ୍କର ଏକ ଅନନ୍ୟ ସାଧାରଣ ବିଭବ ଓ ବିଭାବ ।

ଭୁବନ ମାନଙ୍କରେ ବ୍ରହ୍ମ ନିଜ ଚମତ୍କାରିତା ନିଜକୁହିଁ ଦେଖାଇ ଥାଆନ୍ତି । ଏହା କିପରି ହୋଇଥାଏ ତାହା ମଧ୍ୟ ଅତ୍ୟନ୍ତ ନିଗୂଢ଼ ତତ୍ତ୍ୱ ସମ୍ବଳିତ । ଭୁବନରେ ବେଳେବେଳେ ବ୍ରହ୍ମ ମାୟା ସହିତ ମିଶିଯାଇ ଏକ ଓ ଅଭିନ୍ନ ହୋଇଯାଆନ୍ତି । ସେତେବେଳେ ସେ ଧୂସରବର୍ଣ୍ଣ ଧାରଣ କରନ୍ତି । ପୁଣି ଯେତେବେଳେ ମାୟାଠାରୁ ଅଲଗା ହୋଇ ଛାଡି ଯାଆନ୍ତି, ସେତେବେଳେ ନୀଳବର୍ଣ୍ଣ ଧାରଣ କରନ୍ତି । ମଣ୍ଡଳ ଅତିକ୍ରମ କରିବା ସମୟରେ ସ୍ୱଚ୍ଛ ଦେଖାଯାଏ । ମାୟା ସହିତ ମିଳିତ ହେବା କାରଣ ଅବସ୍ଥାରେ ଏହା ସୂକ୍ଷ୍ମାତିସୂକ୍ଷ୍ମ ଗୁଣକର୍ମ ଚେତା ତୋଳେ ପୁଣି ବିଚ୍ଛିନ୍ନ ହୋଇ ଆସିବା ପରେ ଏହି ସତ୍ତ୍ୱଗୁଣ ପିଣ୍ଡକୁ ଆବଦ୍ଧ ଓ ଆଚ୍ଛାଦନ କରି ଛପାଇ ଦିଏ । ସ୍ୱଚ୍ଛ ଅବସ୍ଥାରେ ମଣ୍ଡଳ ଅତିକ୍ରମ କରିବା ଅବସରରେ ବ୍ରହ୍ମ ସୃଷ୍ଟି ହୋଇ ମୂଳପିଣ୍ଡକୁ ଗତି କରେ । ଏହାଦ୍ୱାରା ବ୍ରହ୍ମ ସୃଷ୍ଟିର କ୍ରମବିକାଶ ଅବସ୍ଥା ତୋଳେ । ଏହି ଅବସ୍ଥା ତୋଳିବା ସମୟରେ ଉତୁଙ୍ଗମାୟା ସମ୍ମୁଖୀନ ହୁଏ । ଉତୁଙ୍ଗ ମାୟା ବ୍ରହ୍ମଙ୍କୁ ଗୋଲାକୃତି ଧୂମବର୍ଣ୍ଣ ଅବସ୍ଥାରେ ସମ୍ମୁଖୀନ ହୋଇ ଧୂଆଁଳିଆ ପରଦାରେ ଢାଙ୍କି ରଖେ । ଉତୁଙ୍ଗ ମାୟାର ଧୂଆଁଳିଆ ପରଦାରେ ଢାଙ୍କି ହୋଇ ରହିବା ଅବସ୍ଥାକୁ ବ୍ରହ୍ମଙ୍କର ଉଦ୍ଭ୍ରାନ୍ତ ବ୍ରହ୍ମ ଅବସ୍ଥା କୁହାଯାଏ । ଉଦ୍ଭ୍ରାନ୍ତ ବ୍ରହ୍ମ ଅବସ୍ଥାରେ ବ୍ରହ୍ମ ମହାଶୂନ୍ୟରେ ମାନବ ଶରୀରାକୃତି, ଲାଲବର୍ଣ୍ଣର ଚକ୍ଷୁ, ଦୀର୍ଘ କଳାକୁଞ୍ଚିତ କେଶ, ତୀକ୍ଷ୍ଣ ନାଶା ପ୍ରଶସ୍ତ କପାଳ, ଅଷ୍ଟବାହୁ ରୂପରେ ସୂକ୍ଷ୍ମତଃ ଦର୍ଶନ ଦିଅନ୍ତି । ଏହାପରେ ପୁଣି ବ୍ରହ୍ମସ୍ୱଚ୍ଛ ଗୋଲାକାର ଅବସ୍ଥା ପ୍ରାପ୍ତ ହୁଅନ୍ତି ॥

ବେଳେ ବେଳେ ବ୍ରହ୍ମ ସ୍ୱଚ୍ଛ ଶିମ୍ୱମଞ୍ଜି ଆକୃତି ଗ୍ରହଣ କରିଥିବାର ମଧ୍ୟ ଦୃଶ୍ୟମାନ ହୁଏ । ଦୁଇ କକ୍ଷ ଗତି କରି ସାରିବା ପରେ ଲାଲରଙ୍ଗର ସୋରିଷ ଆକୃତି ହୋଇ ଚାରିପାର୍ଶ୍ୱରେ ଖେଳିବୁଲେ । ଏହି ଅବସ୍ଥାକୁ ବ୍ରହ୍ମ ବୈବର୍ତ୍ତକ ଅବସ୍ଥା କୁହାଯାଏ । ବ୍ରହ୍ମ ଏପରି ଅବସ୍ଥା ଧାରଣ କଲେ, 'ଏକୋଽହଂ ବହୁସ୍ୟାମ୍' ବାକ୍ୟ ଅନୁସାରେ ଏକରୁ ଅନେକ ହେବାର ବ୍ରହ୍ମଙ୍କର ଇଚ୍ଛା ପୂରଣ ହୁଏ ନାହିଁ । ତେଣୁ ବ୍ରହ୍ମ ପ୍ରକୃତି ସ୍ୱରୂପରେ ମାୟା ରୂପ ଧାରଣ କରି ତାଙ୍କର ପ୍ରକୃତ ଇଚ୍ଛା ପରିପୂର୍ଣ୍ଣ କରନ୍ତି ।

ବ୍ରହ୍ମ ପ୍ରକୃତି-ରୂପିଣୀ ମାୟାକୁ ନେଇ ବ୍ରହ୍ମାଣ୍ଡ/ଭୁବନ ନିର୍ମାଣ କଲେ । ସଂଯୋଗ ଦ୍ୱାରା ବିକଳ୍ପ ସୂତ୍ରୀ ଗୁଣପିଣ୍ଡ ସୃଷ୍ଟି କରି ସୂକ୍ଷ୍ମରେ ଅଦୃଶ୍ୟ ହୋଇ ଛପି/ଲୁଚି ରହିଲେ । ବ୍ରହ୍ମଙ୍କର ଏହି ଅବସ୍ଥାରେ ସେ ଆକୃତିରେ ଆମ୍ବ ଭଳି ଦେଖାଗଲେ । ସେତେବେଳେ ତାଙ୍କୁ ବ୍ରହ୍ମଭୂମା କୁହାଯାଏ । ଭୂମାମାୟା ଓ ଉତୁଙ୍ଗ ମାୟା ମିଳିତ ହୋଇ ବ୍ରହ୍ମଙ୍କର ଇଚ୍ଛାନୁସାରେ ସୃଷ୍ଟି ସର୍ଜନା କରନ୍ତେ ସପ୍ତକ ବ୍ରହ୍ମାଣ୍ଡ ସୃଷ୍ଟିହେଲା । ସପ୍ତକ ବ୍ରହ୍ମାଣ୍ଡ ଦ୍ୱାରା କ୍ଷୁଦ୍ର କ୍ଷୁଦ୍ର ଅଣ୍ଡକୋଷ ନିର୍ମିତ ହୋଇଯାଆନ୍ତି । ଏଗୁଡିକର ବର୍ଣ୍ଣ ଧବଳ । ଏହା ବ୍ରହ୍ମନାସା ନିର୍ମାଣ କରେ । ନାସା ଦ୍ୱାରା ବାୟୁର ସାହାଯ୍ୟ ନେଇ ଶ୍ୱାସ ପ୍ରଶ୍ୱାସ କାର୍ଯ୍ୟ ନିର୍ବାହ ହେବା ପରି ବ୍ରହ୍ମନାସା ଦ୍ୱାରା ବ୍ରହ୍ମ ସୂକ୍ଷ୍ମରେ ଶ୍ୱାସପ୍ରଶ୍ୱାସର କାର୍ଯ୍ୟ ପରିଚାଳନା କରନ୍ତି । ଏହା ଦ୍ୱାରା ଉତାନିସ୍ତା ଗୁଣପିଣ୍ଡ ସୃଷ୍ଟିହୁଏ । ମାୟା ଏହାକୁ ପିଣ୍ଡ ମଧ୍ୟରେ ରଖିଥାଏ । ଏହାହିଁ ମାୟାର ଚଳନି । ଏହା ମାଧ୍ୟମରେ ମାୟା ସୃଷ୍ଟିର ନିଜର କାର୍ଯ୍ୟକାରିତା ସମ୍ପନ୍ନ କରିଥାଏ ।

ମାୟା କିପରି ଭାବରେ ପ୍ରକୃତିସ୍ଥ ହୋଇ ଭାବ ସୃଷ୍ଟି କରେ, ତାହାର ପରିଚୟ ସ୍ପଷ୍ଟତଃ ଗୁଣପିଣ୍ଡହିଁ ଦେଇଥାଏ । ବ୍ରହ୍ମ ଲମ୍ୱାକୃତି ହୋଇ ମାୟା ସହିତ ପ୍ରକୃତିର ସୂକ୍ଷ୍ମାତିସୂକ୍ଷ୍ମ ସୂତ୍ର ଧରି ଲାଲବର୍ଣ୍ଣରେ ପରିଣତ ହୋଇଯାଏ । ବ୍ରହ୍ମ ଲାଲବର୍ଣ୍ଣର ଲମ୍ୱାକୃତି ଅବସ୍ଥାରେ ପ୍ରକୃତିମାୟାରୁ ଅନେକ ଭିନ୍ନ ଆକୃତିର ପଦାର୍ଥ ସୃଷ୍ଟି ହୋଇ ଯାଆନ୍ତି । ପ୍ରକୃତିମାୟା ବ୍ରହ୍ମର କେତେକ ବର୍ଣ୍ଣ ଧାରଣ ଅବସ୍ଥାକୁ ଜଗିରଖି ଏହି କାର୍ଯ୍ୟ ସମ୍ପାଦନ କରେ । ବ୍ରହ୍ମର ବର୍ଣ୍ଣଧାରଣ ଅବସ୍ଥା ଦେଖି ମାୟା 'ଦୃଶ୍ୟବ୍ରହ୍ମ ଅନ୍ଧକ' ଅବସ୍ଥା ପ୍ରାପ୍ତ ହୁଏ । ଏହି ଅବସ୍ଥାରେ ମାୟା ବ୍ରହ୍ମ ଭାବାପନ୍ନ

ହୋଇ ବ୍ରହ୍ମ ସହିତ ସୂକ୍ଷ୍ମ ସଂଭୋଗରେ ଲିପ୍ତ ରହେ । ସମ୍ଭୋଗ ସମୟରେ ବିଜୁଳି ମାରିବା ଭଳି ନୀଳ ବର୍ଣ୍ଣର ଆଲୋକ ବିଚ୍ଛୁରିତ ହୋଇଯାଏ । ଏହି ଆଲୋକ ରଶ୍ମି ଗୁଡିକ ଜ୍ୟୋତିଃପିଣ୍ଡରେ ରୂପାନ୍ତରିତ ହୋଇ ବ୍ରହ୍ମଧାରଣ କରି ବ୍ରହ୍ମଙ୍କ ନିର୍ଦ୍ଦେଶ ଅନୁସାରେ ମାୟା ରୂପ ଧାରଣ କରି ବ୍ରହ୍ମ ପିଣ୍ଡୁକା ସ୍ୱରୂପ ଆକୃତି ଧରି ତଳକୁ ତଳ ଅନେକ ବ୍ରହ୍ମାଣ୍ଡ ନିର୍ମାଣ କରନ୍ତି । ଏଗୁଡିକ ମହାଶୂନ୍ୟରେ ଦୋଳାୟମାନ ଅବସ୍ଥାରେ ରହି ବେଙ୍ଗଫୁଲା ଭଳି ଦେଖାଯାଆନ୍ତି । ବେଙ୍ଗ ଛୁଆ ପ୍ରାଥମିକ ଅବସ୍ଥାରେ ଯେପରି ଦେଖାଯାଏ, ଏମାନେ ସେହିପରି ଆକୃତି ବିଶିଷ୍ଟ ହୋଇ ବ୍ରହ୍ମ ବିରାଟଙ୍କର ପ୍ରତ୍ୟେକ ଲୋମକୂପରେ ଝୁଲିବାକୁ ଲାଗନ୍ତି । ତେଣୁ, ଏହି ମର୍ମରେ ଭାଗବତରେ କୁହାଯାଇଛି । 'ବ୍ରହ୍ମାଣ୍ଡ ମାଳମାଳ ହୋଇ । ତୋ ଲୋମକୂପେ ବିରାଜଇ ।।' ଏହିପରି ଭାବରେ ବ୍ରହ୍ମାଣ୍ଡର ମୂଳ ନିଧାନ ବୀଜ ବ୍ରହ୍ମଙ୍କର ଲୀଳା ମୁକୁଟରେ ମାୟା ତା'ର କାୟା ବିସ୍ତାର କରି ବ୍ରହ୍ମଙ୍କର କାରଣ ଓ ସୂକ୍ଷ୍ମ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରି ଚାଲିଅଛି । ଏହି ପ୍ରାକୃତିକ ସୂକ୍ଷ୍ମାତିସୂକ୍ଷ୍ମ କାର୍ଯ୍ୟର ସ୍ଥୁଳ ଫଳ ଆମେ ଏହି ସ୍ଥୁଳ ଜଗତର ସର୍ବତ୍ର ଅବଶ୍ୟ ଦେଖୁଥାଉଁ, ମାତ୍ର ଏହାର ଅନ୍ତରାଳରେ ଯେଉଁ ମହାନାଟକ ପ୍ରତିମୁହୂର୍ତ୍ତରେ ସର୍ବତ୍ର ଅଭିନୀତ ହୋଇଯାଉଛି, ତାହା ଆମ ଉପଲବ୍ଧ ବା ଅନୁଭୂତିରେ ଆଣିବାକୁ ସମର୍ଥ ନ ହୋଇ ନାନା ପ୍ରକାର ମାନସିକ ଦ୍ୱନ୍ଦରେ ପଡିରହିଅଛୁ ।।

ନିଗୂଢ଼ ରହସ୍ୟାବୃତ୍ତ ସୃଷ୍ଟି, ପ୍ରକୃତି ଓ ଏହାର ମହାନାୟକ ସ୍ୱୟଂ ସ୍ରଷ୍ଟାପୁରୁଷ ବ୍ରହ୍ମ । ଏହାଠାରୁ ଅଧିକ ରହସ୍ୟାଚ୍ଛନ୍ନ ତାଙ୍କର କର୍ମ ସାରିଣୀ । ନିଗମ ତତ୍ତ୍ୱ ସମ୍ବଳିତ ଏହି ପ୍ରକୃତି ଓ ମାୟା ତତ୍ତ୍ୱପୁରୁଷ ବ୍ରହ୍ମଙ୍କ ସମତୁଲ୍ୟ ସୂକ୍ଷ୍ମସତ୍ତା । ସ୍ଥୁଳରେ ଏହାର କାର୍ଯ୍ୟର ଫଳ ଦୃଶ୍ୟମାନ ସତ୍ୟ, ମାତ୍ର ଏହାର ପ୍ରକୃତ କାର୍ଯ୍ୟ ସୂକ୍ଷ୍ମରେ ସଂଘଟିତ ହେଉଥିବାରୁ ଜାଗତିକ ବୁଦ୍ଧି ବା ଜ୍ଞାନ ବଳରେ ଏହା ଭେଦ କରିବା ସମ୍ଭବ ହେଉନାହିଁ । ଏହା ମଧ ତାଙ୍କର ମହତୀ ଇଚ୍ଛା ବ୍ୟତୀତ ଅନ୍ୟ କିଛି ହୋଇ ନପାରେ । ସୃଷ୍ଟି ସର୍ଜନା କରି ସୃଷ୍ଟି ଆଢୁଆଳରେ ଲୁଚିଛପି ସେ ରହିଯାଇଛନ୍ତି । ଖେଳୁଛନ୍ତି ଏହି ସୃଷ୍ଟିରେ ପ୍ରତିକ୍ଷଣରେ । ଏହି ଖେଳହିଁ ତାଙ୍କର ଅସୀମ ଲୀଳା । ଏ ଲୀଳା ଅନାଦି ଅନନ୍ତ ଓ ଅବ୍ୟକ୍ତ । ଧ୍ୟାନ, ତପସ୍ୟା ସାଧନ ସହିତ ତାଙ୍କରି ଅପାର କରୁଣାରୁ କେବଳ ଏହି ଲୀଳା ରହସ୍ୟ କିଞ୍ଚିତ ପରିମାଣରେ ଲୋକକଲ୍ୟାଣ ଓ ଜୀବ ଉଦ୍ଧାର ନିମନ୍ତେ ବ୍ୟକ୍ତ ହୋଇପାରିଛି । ସେହି ବ୍ରହ୍ମ ପୁରୁଷଙ୍କର ଜୟହେଉ !!

(କ୍ରମଶଃ)

ଭାବ ବଦଳାଇ ମନରେ
ଅଭାବ ବଳି ଦିଅ ।
ଭାବର ପ୍ରଭାବ ନିଜଠି
ଆଗେ ତୁ' କଳି ନିଅ ।।





ପାଞ୍ଚଦଶ ହୋଇ ପଚିଶରେ ମାତି
ଛାତିକୁ ପଥର କରି ।
କିଏ କେଉଁ କାଳେ କହନି ଧନରେ
ପାରିଛି ତାହାକୁ ଧରି ??

# ବାଲ୍ୟକାଳରୁ ଧର୍ମ ଧନ ସଞ୍ଚିବି

ଯିଏ ଦେଇଅଛି ମାତାପିତା ବନ୍ଧୁ
ସ୍ନେହ ମମତାର ଡୋର
ସେହି ସିନା ଧନ ତୋ ଜୀବଜୀବନ
ସେହି ସିନା ଲକ୍ଷ୍ୟ ତୋର ।

ତା' ପାଇଁ ଆକୁଳେ ପରାଣ କାନ୍ଦିଲେ
କୋଳକରି ନେବେ ତୋତେ
ତା'ରି ଗୁଣ ଗାଇ ଜୀବନ ବିତାରେ
ସେହି ଜୀବବନ୍ଧୁ ସତେ ।।

*ଆଜିକାଲିର ସମାଜର ଚିତ୍ରପଟକୁ ଲକ୍ଷ୍ୟରେ ରଖି ସାମାଜିକ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନର ବିପ୍ଳବ ପାଇଁ ବାଲ୍ୟକାଳରୁ ବାଳକ ବାଳିକା, କିଶୋର କିଶୋରୀ ମାନଙ୍କୁ ମୂଲ୍ୟବୋଧ ସମ୍ପନ୍ନ ନୀତିଶିକ୍ଷା ଦେବାର ଆବଶ୍ୟକତା ଅପରିହାର୍ଯ୍ୟ ମନେହୁଏ । ଏହି ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବା ପିତାମାତା, ଅଭିଭାବକ ଓ ଗୁରୁ ଗୁରୁଜନମାନଙ୍କର ଏକାନ୍ତ କର୍ତ୍ତବ୍ୟ । ଏହି କର୍ତ୍ତବ୍ୟରେ ଅବହେଳା କଲେ, ଭବିଷ୍ୟତ ଆମକୁ କଦାପି କ୍ଷମା କରିବ ନାହିଁ । ଏହି ଦାୟିତ୍ୱର ଗୁରୁତ୍ୱ ଅନୁଭବ କରି 'ଚରମ' ପୃଷ୍ଠାରେ ମାନବିକ ମୂଲ୍ୟବୋଧ ସମ୍ପନ୍ନ ନୀତି ନିର୍ଦ୍ଦେଶ କରିବା ସହିତ ପ୍ରିୟ ବାଳକ ବାଳିକା ମାନଙ୍କୁ ନୈତିକ ବଳ ଯୋଗାଇ ଦେବାର ଅଭିପ୍ରାୟରେ ଏହି ନିୟମିତ ଧାରାବାହିକ ସ୍ତମ୍ଭର ଉପସ୍ଥାପନା :*

**''ଚରମ'' ସପ୍ତମ ପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ତ୍ରୟତ୍ରିଂଶତ୍ତମ ସଂଖ୍ୟାର ଅନୁସ୍ମୃତିରୁ :**

## ଦେବଶିଶୁ ସୁଧାନନ୍ଦ

ତତ୍ତ୍ୱଗୁରୁ ଅମେଧାନନ୍ଦଙ୍କ ଠାରୁ ବିଦାୟ ନେଇ ଧ୍ୟାନଯୋଗୀ ଗୁରୁ ଅଖଣ୍ଡାନନ୍ଦ ନବଦ୍ୱୀପକୁ ଗମନ କଲେ । ସେଠାରେ କୌଣସି ଏକ ନଦୀକୂଳରେ ମନୋରମ ବନଭୂମିରେ ତପୋବନ ନିର୍ମାଣ କରି ଆଶ୍ରମଟିଏ ପ୍ରତିଷ୍ଠାକଲେ । ସେ ସେହି ନବ ପ୍ରତିଷ୍ଠିତ ଆଶ୍ରମରେ ଧ୍ୟାନଯୋଗ ସାଧନାରେ ରତ ହେଲେ ।

ତତ୍ତ୍ୱଗୁରୁଙ୍କ ଗୁରୁକୁଳାଶ୍ରମରେ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଲା ଆଠବର୍ଷର ବାଳକ ଶିଷ୍ୟ ସୁଧାନନ୍ଦ । ଦିନ ପରେ ରାତି, ସଂଜ ପରେ ସକାଳ କ୍ରମାନୁସାରେ ବିତିଯାଏ କାଳ । ଧିରେ ଧିରେ ଆଶ୍ରମର ଅନ୍ୟାନ୍ୟ ବାଳକମାନଙ୍କ ମିଳାମିଶାର ସୁଯୋଗ ପାଏ ସେ । ନାନା ପ୍ରସଙ୍ଗରେ ସେମାନଙ୍କ ମଧ୍ୟରେ ଆଲୋଚନା ହୁଏ ଅବସର ସମୟରେ । ତିନିମାସ ସାତ ଦିନ ଆଶ୍ରମରେ ବିତାଇବା ପରେ ସୁଧାନନ୍ଦ ଆଶ୍ରମ ଜୀବନରେ ଅଭ୍ୟସ୍ତ ହୋଇଗଲା । ଆଶ୍ରମ ବାଳକମାନଙ୍କ ସହିତ ମିଳାମିଶା ଓ ଆଲୋଚନାରୁ ସେମାନଙ୍କ ମଧ୍ୟରେ ଥିବା ନାନା ପ୍ରକାର ମତ ଥିବାର ମଧ୍ୟ ଲକ୍ଷ୍ୟକଲା । ସେ ସବୁ ସତ୍ତ୍ୱେ ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ଆଶ୍ରମର ନୀତି ନିୟମ ଓ ଶୃଙ୍ଖଳା ରକ୍ଷା କରି ଶୁଦ୍ଧପୂତ ଜୀବନ ଯାପନ କରି ସେ ଗୁରୁଙ୍କର ବିଶ୍ୱାସ ଓ ପ୍ରିୟପାତ୍ର ହୋଇଗଲା । ପାଠପଢ଼ା ସମୟରେ ଗୁରୁ ଯେଉଁସବୁ ପ୍ରଶ୍ନ

ପଚାରନ୍ତି, ସେ ସବୁର ଯଥାର୍ଥ ଉତ୍ତର ମଧ୍ୟ ସେ ଦେଇଦେଉଥିଲା । ବିଦ୍ୟାଶିକ୍ଷାରେ ଅନ୍ୟାନ୍ୟ ବାଳକମାନଙ୍କ ତୁଳନାରେ ସେ ଅଗ୍ରଣୀ ଥିଲା । ଅନ୍ୟ ସମୟରେ ସହପାଠୀବାଳକ ମାନଙ୍କୁ ସେ ଆଗୁଆ ହୋଇ ବ୍ରହ୍ମବିଦ୍ୟା ପାଠ କରାଉଥିଲା । ଗୁରୁ ଅମେଧାନନ୍ଦ ଏହା ଜାଣିବାକୁ ପାଇଲେ । ସୁଧାନନ୍ଦକୁ ଏକାନ୍ତରେ ପାଖକୁ ଡାକି ଏପରି ଆଗୁଆ ବ୍ରହ୍ମବିଦ୍ୟା ସହପାଠୀମାନଙ୍କୁ ଶିକ୍ଷା ନ ଦେବା ପାଇଁ ବାରଣ କରି ନିର୍ଦ୍ଦେଶ ଓ ଉପଦେଶ ଦେଲେ । ଗୁରୁଙ୍କର ଆଜ୍ଞାପାଳନ କରି ସୁଧାନନ୍ଦ ସେହି ମୁହୂର୍ତ୍ତରୁ ସହପାଠୀମାନଙ୍କୁ ବ୍ରହ୍ମବିଦ୍ୟା ବୁଝାଇବା ବନ୍ଦ କରିଦେଲା ।

ସୁଧାନନ୍ଦ ଆଶ୍ରମ ଉଦ୍ୟାନ, ଉପବନ, ଗୋଶାଳା ଆଦିରେ ସହପାଠୀମାନଙ୍କ ସହିତ ମିଶି ଶାରୀରିକ ଶ୍ରମ କରିବାରେ ମଧ୍ୟ କୁଣ୍ଠିତ ହେଉନଥିଲା । ଗୁରୁ ଅମେଧାନନ୍ଦ ଆଶ୍ରମର ସମସ୍ତ ବାଳକ ଶିଷ୍ୟଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ପ୍ରତ୍ୟେକଙ୍କର ଶାରୀରିକ, ମାନସିକ, ନୈତିକ ଓ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ସକଳ ସୁବ୍ୟବସ୍ଥା କରିଥିଲେ । ଆଶ୍ରମ ବାଳକ ମାନଙ୍କ ନିମନ୍ତେ ଖେଳିବା ପାଇଁ ଦୈନିକ ନିର୍ଦ୍ଦିଷ୍ଟ ସମୟସୂଚୀର ବ୍ୟବସ୍ଥା ଥିଲା । ଏହି ସମୟ ସୂଚୀ ଅନୁସାରେ ସୁଧାନନ୍ଦ ଅନ୍ୟାନ୍ୟ ବାଳକମାନଙ୍କ ସହିତ ମିଶି ନାନା ପ୍ରକାର ଖେଳ ମଧ୍ୟ ଖେଳୁଥିଲା । ତା'ର ବ୍ୟବହାର, ଆଚରଣ, କଥାବାର୍ତ୍ତା ଇତ୍ୟାଦି ସବୁଥିରେ କେବଳ ଗୁରୁ ଯେ ତା' ଉପରେ ସନ୍ତୁଷ୍ଟ ଥିଲେ ତାହା ନୁହେଁ, ଆଶ୍ରମ ବାଳକମାନେ ମଧ୍ୟ ସନ୍ତୁଷ୍ଟ ଥିଲେ ।

ସୁଧାନନ୍ଦର ଆଶ୍ରମ ଜୀବନର ଦିନକର ଘଟଣା । ସେଦିନ ସହପାଠୀ ବାଳକମାନଙ୍କ ସହିତ ସୁଧାନନ୍ଦ ଆଶ୍ରମ ପ୍ରାଙ୍ଗଣରେ ଖେଳରେ ମଜ୍ଜିଯାଇଥାଏ । ଖେଳୁ ଖେଳୁ ହଠାତ୍ ସେ ଚୈତନ୍ୟ ହରାଇ ଅଚେତ୍ ହୋଇ ପଡ଼ିରହିଲା । ଖେଳସାଥୀ ସହପାଠୀମାନେ ଏହି ଆକସ୍ମିକ ଘଟଣାରେ ହତଚକିତ ହୋଇ କ'ଣ କରିବେ ଉପାୟ ଖୋଜି ପାଇଲେ ନାହିଁ । ଶେଷରେ ସେମାନଙ୍କ ମଧ୍ୟରୁ କେତେଜଣ ଯାଇ ଗୁରୁ ଅଭେଦାନନ୍ଦଙ୍କୁ ଜଣାଇଲେ । ଅନ୍ୟମାନେ ସୁଧାନନ୍ଦକୁ ଜଗି ରହିଥାଆନ୍ତି । ଗୁରୁ ଏ ଖବର ପାଇ ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ଆସି ଦେଖିଲେ ସୁଧାନନ୍ଦର ମସ୍ତକ ଚାରିପାଖରେ ହରିଦ୍ରା ବର୍ଣ୍ଣର ଜ୍ୟୋତିର୍ମୟ ଆଲୋକ ବଳୟଟିଏ ଘୁରି ବୁଲୁଛି । ଗୁରୁ ଏହା ଦେଖି ଆଚମ୍ଭିତ ହୋଇଗଲେ । ଏଭଳି ଅବସ୍ଥା ନିଜେ ଗୁରୁ କେବେ ଅନୁଭବ କରିନଥିଲେ । ତତ୍ତ୍ୱଜ୍ଞାନରୁ ସେ ଜାଣିଥିଲେ ଯେ, ଏହି ଅବସ୍ଥା ବହୁ ଊର୍ଦ୍ଧ୍ୱସ୍ତରର ଅବସ୍ଥା । ମାତ୍ର ଆଠବର୍ଷ ବୟସରେ ସମାଧି ଅବସ୍ଥାରେ ପହଞ୍ଚିବା ଦେଖି ଗୁରୁ ଆଶ୍ଚର୍ଯ୍ୟ ହୋଇଗଲେ । ସୂକ୍ଷ୍ମତତ୍ତ୍ୱ ଅନୁଭବ କରିବା ପର୍ଯ୍ୟାୟରେ ଉପନୀତ ହେଲେ ହିଁ ସମାଧି ଅବସ୍ଥା ସ୍ତରରେ ଯୋଗୀ ପହଞ୍ଚିପାରେ । ଅମେଧାନନ୍ଦ ଶିଷ୍ୟମାନଙ୍କୁ ସୁଧାନନ୍ଦକୁ ଜଗି ରହିବା ପାଇଁ ନିର୍ଦ୍ଦେଶ ଦେଇ ତା'ର ଶରୀର ସ୍ପର୍ଶ ନ କରିବା ପାଇଁ କହିଲେ । ଗୁରୁ ଶିଷ୍ୟମାନଙ୍କଠାରୁ ବିଦାୟ ନେଇ ନିଜସ୍ଥାନକୁ ଫେରିଗଲେ । ଅନେକ ସମୟ ପରେ ସୁଧାନନ୍ଦର ସମାଧି ଭଗ୍ନ ହେଲା ଓ ସେ ଚୈତନ୍ୟ ଲାଭ କଲା । ସହପାଠୀମାନେ ତା'ର ଚେତା ଫେରି ଆସିବାର ଦେଖି ଆନନ୍ଦିତ ହେଲେ ଓ ତା'କୁ ଯତ୍ନର ସହିତ ବିଶ୍ରାମ ସ୍ଥଳକୁ ଘେନିଗଲେ । ସେଠାରେ ସେମାନେ ସୁଧାନନ୍ଦକୁ ସୁସ୍ଥ ସବଳ ଥିବାର ଦେଖି ଘଟଣାଟି ଆମୂଳଚୂଳ ବର୍ଣ୍ଣନା କଲେ । ସୁଧାନନ୍ଦ କେବଳ ମୁରୁକେଇ ମୁରୁକେଇ ରହସ୍ୟମୟ ହସ ହିଁ ହସୁଥିଲା ।

ପୂର୍ବ ଜନ୍ମର ଧ୍ୟାନଯୋଗ ସାଧନା ଫଳ ହେତୁ ସୁଧାନନ୍ଦ ବାଲ୍ୟକାଳରୁ ସମାଧି ଅବସ୍ଥାରେ ପହଞ୍ଚିଯାଇ ପାରୁଥିଲା । ସୂକ୍ଷ୍ମତତ୍ତ୍ୱ ଅନୁଭବ କରି ପାରୁଥିଲା ଓ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱରେ ପାରଙ୍ଗମ ହୋଇଯାଇଥିଲା । ଗୁରୁ ଅମେଧାନନ୍ଦ ସୁଧାନନ୍ଦର ଚାଲିଚଳନ, ଆଚାର ବ୍ୟବହାର ଓ କଥାବାର୍ତ୍ତାରୁ ଏହାର ସନ୍ଧାନ ମଧ୍ୟ ପାଇ ସାରିଥିଲେ । ଆଶ୍ରମର

ଅନ୍ୟ ସମସ୍ତ ବାଳକଙ୍କଠାରୁ ସୁଧାନନ୍ଦ ବାରି ହୋଇ ପଡୁଥିଲା । ସମୟର ସୁଅ ବହି ଚାଲିଥିଲା । ସହପାଠୀ ବାଳକମାନେ ସୁଧାନନ୍ଦର ଅନ୍ତର୍ନିହିତ ତତ୍ତ୍ୱଜ୍ଞାନ, ଯୋଗ ସମାଧି ଅବସ୍ଥା, ସୂକ୍ଷ୍ମ ଅନୁଭବ ସମ୍ପର୍କରେ କିଛି ବି ଜାଣି ନଥିଲେ ସତ, ମାତ୍ର ସୁଧାନନ୍ଦ ପ୍ରତି ଅତି ମାତ୍ରାରେ ଆକୃଷ୍ଟ ହୋଇ ପଡୁଥିଲେ । ଆଶ୍ରମରେ ସେ ନବାଗତ, ବୟସରେ ଛୋଟ ହେଲେ ମଧ୍ୟ ତା'ର କଥା ଓ କାମ ଉପରେ ସମସ୍ତ ଆଶ୍ରମ ବାଳକ ଯଥେଷ୍ଟ ଗୁରୁତ୍ୱ ଦେଉଥିଲେ । ତା'ର କଥାକୁ ଗୁରୁବାକ୍ୟ ଭଳି ଜ୍ଞାନ କରୁଥିଲେ । ଗୁରୁ ଅମେଧାନନ୍ଦ ଏକଥା ମଧ୍ୟ ଭଲ ଭାବରେ ଲକ୍ଷ୍ୟ କରି ଜାଣିପାରୁଥିଲେ । ମନେ ମନେ ସୁଧାନନ୍ଦଙ୍କୁ ସେ ଆଶୀର୍ବାଦ ଦେଉଥିଲେ, ସନ୍ତୋଷ ପ୍ରକାଶ କରୁଥିଲେ । ସୁଧାନନ୍ଦ ଆଶ୍ରମରେ ରହିବା ପରଠାରୁ ଧିରେ ଧିରେ ଆଶ୍ରମ ପରିଚାଳନା ଓ ଶୃଙ୍ଖଳା ନିୟମିତ ହୋଇଯାଉଥିଲା । ଗୁରୁଦେବଙ୍କୁ ସେଥିପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକ ପଡୁନଥିଲା । ଏହା ସୁଧାନନ୍ଦର ଦିବ୍ୟ ବ୍ୟକ୍ତିତ୍ୱର ପ୍ରଭାବର ଫଳ ବୋଲି ଗୁରୁ ଅନୁଭବ କରୁଥିଲେ ।

ଦିନେ ବ୍ରାହ୍ମମୁହୂର୍ତ୍ତରେ ଗୁରୁଙ୍କୁ ଶୂନ୍ୟବାଣୀ ହେଲା - ତୁମେ ଆଶ୍ରମ ଦାୟିତ୍ୱ ସୁଧାନନ୍ଦଙ୍କୁ ଦେଇ ଆଶ୍ରମ ତ୍ୟାଗକର । ଏକୋଇଶ ବର୍ଷ ପର୍ଯ୍ୟନ୍ତ ତୁମେ ଆଶ୍ରମ ତ୍ୟାଗକର ।

ଏହି ଶୂନ୍ୟବାଣୀ ଶୁଣିବା ପରେ ଗୁରୁ ଯଥାଶୀଘ୍ର ନିଷ୍ପତ୍ତି ନେବା ପାଇଁ ସ୍ଥିର କଲେ । ସେ ଆଶ୍ରମର ସମସ୍ତ ବାଳକମାନଙ୍କୁ ପାଖକୁ ଡକାଇ ଘୋଷଣା କଲେ - ଆଜିଠାରୁ ଆଶ୍ରମର ସମସ୍ତ ଦାୟିତ୍ୱ ସୁଧାନନ୍ଦ ଉପରେ ଦେଇ ମୁଁ ବାହାରକୁ ଯାଉଛି । ତୁମ୍ଭେମାନେ ସମସ୍ତେ ସୁଧାନନ୍ଦର ଆଦେଶ, ନିର୍ଦ୍ଦେଶ, ଆଜ୍ଞା ପାଳନ କରି ଯଥାବିଧି ଆଶ୍ରମଜୀବନ ଯାପନ କରିବ । କୌଣସି ବିଶୃଙ୍ଖଳା କରିବ ନାହିଁ, ସୁଧାନନ୍ଦର ନିର୍ଦ୍ଦେଶକୁ ଅବମାନନା କରିବ ନାହିଁ । ଏଥିରେ ତୁମର ମଙ୍ଗଳ ନିହିତ । ସୁଧାନନ୍ଦ ମସ୍ତକରେ ହାତରଖି ତା'କୁ ଆଶୀର୍ବାଦ ଦେଇ ଗୁରୁ କହିଲେ ଯଶସ୍ୱୀଭବ । ଗୁରୁ ଆଶ୍ରମ ଛାଡ଼ିଲେ । ସମବେତ ବାଳକ ଶିଷ୍ୟଗଣ ଗୁରୁଙ୍କର ପାଦତଳେ ପ୍ରଣାମ ଜଣାଇ ଆଶୀର୍ବାଦ ଭିକ୍ଷା କଲେ । ''ସଦାସୁଖୀଭବ, ଆୟୁଷ୍ମାନଭବ' ଆଦି ଆଶୀର୍ବାଦ ଦେଇ ଗୁରୁ ଅମେଧାନନ୍ଦ ବିଦାୟ ନେଲେ । (କ୍ରମଶଃ)

ସେବା କରୁ ବୋଲି ଗରବ କରନା
ସବୁଫଳ ସଢ଼ି ଯିବ ।
ସବୁ ଦିବ୍ୟ ଭାବ ଲେଉଟି ଯିବରେ
ଅହଂକାର ବଢ଼ି ଯିବ ।।

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଯୁଗେ ଯୁଗେ ଧର୍ମର ଜୟ ହୁଏ, ପାପର କ୍ଷୟ ହୁଏ । ଏହା ଏକ ଚିରନ୍ତନ ସତ୍ୟ । ପ୍ରାଥମିକ ପର୍ଯ୍ୟାୟରେ ପାପଦ୍ୱାରା ପରିଚାଳିତ ବ୍ୟକ୍ତିର ସମୃଦ୍ଧି ଆପାତଃ ପ୍ରତୀୟମାନ ହେଲେ ମଧ୍ୟ ଅନ୍ତିମ ପର୍ଯ୍ୟାୟରେ ଅଧର୍ମ ଅର୍ଜିତ ଫଳର ବିନାଶ ଘଟେ । ପାପାଚାରୀ ଚରମ ଶାସ୍ତି ଲାଭ କରେ । କିନ୍ତୁ ଧର୍ମର ପରୀକ୍ଷା ବଡ଼ ଭୀଷଣ । କେତେ କ୍ଷୁଧା, କେତେ ଯନ୍ତ୍ରଣା, କେତେ ଦୁଃଖ, କେତେ ଲାଞ୍ଛନା ସେ ଚରମ ପରୀକ୍ଷାରେ ସହେ ! ଶେଷରେ କିନ୍ତୁ ଧର୍ମ ମଣିଷକୁ ଦିଏ ଆନନ୍ଦ, ଦିଏ ସନ୍ତୋଷ, ଦିଏ ପରମ ଶାନ୍ତି, ଧର୍ମର କ୍ଷୟ ନାହିଁ, ବିଲୟ ନାହିଁ । ତାହା ଅକ୍ଷୟ, ଅବ୍ୟୟ । ଅଧର୍ମ ଅଜ୍ଞାନ ବ୍ୟକ୍ତିକୁ ମଧୁମୟ ମନେହୁଏ । ଅହଂକାରରୁ ସେ ଧରାକୁ ସରା ମନେ କରେ । ମଣିଷକୁ ଘୃଣାକରେ । ସେ ସ୍ୱାର୍ଥପର ହୋଇ ଆପଣା ସ୍ୱାର୍ଥକୁ ନେଇ ବ୍ୟସ୍ତ ରହେ । ମାତ୍ର ଅନ୍ତିମ ଅବସ୍ଥାରେ ସେ ନରକ ଯାତନା ଲାଭକରେ । ଅନୁତାପ କରେ । ଦୀର୍ଘଶ୍ୱାସ ତ୍ୟାଗ କରେ । ହେଲେ, ସେତେବେଳକୁ ସବୁଶେଷ ହୋଇଯାଇଥାଏ । ଆଜିର ଯୁବ ସମ୍ପ୍ରଦାୟଙ୍କୁ ଜୀବନର ମୂଲ୍ୟବୋଧ ପ୍ରତି ସଚେତନ କରାଇ ସତ୍ୟ ଓ ଧର୍ମପଥରେ ଚାଲିଯିବା ପାଇଁ ଏଥର ଆମର ଅର୍ଘ୍ୟ :*

## ଏ ଜୀବନ ସତ୍ୟ ଏବଂ ପ୍ରିୟ

ଶ୍ମଶାନ କୁଢ଼ରେ ଜଳିଯିବା ଜୀବନର ଲକ୍ଷ୍ୟ ନୁହେଁ । ଜୀବନ ଭଳି ଏତେ ପ୍ରିୟ ଚିଜ ଆଉକିଛି ହେଲେ ନାହିଁ । ଅବଶ୍ୟ ମୃତ୍ୟୁରେ ଜୀବନର ପରିସମାପ୍ତି, ତଥାପି ଜୀବନକୁ ଭଲ ନ ପାଏ କିଏ ? ମୃତ୍ୟୁ ଯେଉଁଳି ସତ୍ୟ, ଜୀବନ ମଧ୍ୟ ସେହିଭଳି ସତ୍ୟ । ହେଲେ ମୃତ୍ୟୁ କାହାରି ପ୍ରିୟ ନୁହେଁ, ମୃତ୍ୟୁକୁ କେହି ଭଲପାଏ ନାହିଁ । କିନ୍ତୁ ଜୀବନକୁ ସମସ୍ତେ ସର୍ବାଧିକ ଭଲପାଆନ୍ତି । ତେଣୁ ଏ ଜୀବନ ଯେଉଁଳି ସତ୍ୟ, ସେହିପରି ପ୍ରିୟ ମଧ୍ୟ । ଅବଶ୍ୟ ଏହା ମଧ୍ୟ ସ୍ୱୀକାର କରାଯାଏ ଯେ, ଏ ଜୀବନ ଜ୍ୱାଳାମୟ, ଝଂଝାଳମୟ, ଦୁଃଖଯନ୍ତ୍ରଣାପୂର୍ଣ୍ଣ । ସକଳ ଅଶାନ୍ତି, ସକଳ ଅସନ୍ତୋଷ, ସକଳ ବିଫଳତା, ସକଳ ପରାଜୟ ସତ୍ତ୍ୱେ ଏ ଜୀବନ ସତ୍ୟ, ଏ ଜୀବନ ପ୍ରିୟ । ନୈରାଶ୍ୟ ମଧ୍ୟରେ ଆଶାର ଦୀପାଳି ଜାଳି ଜୀବ ଜୀବନକୁ ଭଲ ପାଇ ବଞ୍ଚି ରହେ । ଜୀବ କେବଳ ନୈରାଶ୍ୟର ଧୂସର ମରୁଭୂମି ନୁହେଁ କିମ୍ବା ଅନିତ୍ୟ କ୍ଷଣଭଙ୍ଗୁର ସବୁଜ ସ୍ୱପ୍ନ ନୁହେଁ । ଏହା ଆଶା-ନିରାଶର ତିକ୍ତମଧୁରିତ ଚନ୍ଦ୍ରଛାୟାରେ ଦୋଳାୟିତ ବାସ୍ତବତା ମାତ୍ର । ପୃଥିବୀର ବହୁ ଚିନ୍ତାଶୀଳ ଦାର୍ଶନିକ ଜୀବନ ଅନିତ୍ୟତା ସମ୍ବନ୍ଧରେ ବହୁଳ ମତ ଓ ମନ୍ତବ୍ୟ ଦେଇ ଯାଇଛନ୍ତି । ସେ ସବୁ ବୈରାଗ୍ୟ ସାଧନ ନିମନ୍ତେ ଅତ୍ୟନ୍ତ ମୂଲ୍ୟବାନ ଓ ସାରଗର୍ଭକ । କିନ୍ତୁ ସମଗ୍ର ବିଶ୍ୱ ସଂସାରକୁ ସନ୍ନ୍ୟାସୀ ଓ ବୈରାଗୀଙ୍କର ମେଳାରେ ପରିପୂର୍ଣ୍ଣ କରିଦେବା ସ୍ରଷ୍ଟାଙ୍କର ଇଚ୍ଛା ନୁହେଁ । ଏ ସଂସାରରେ ବ୍ରହ୍ମଚାରୀ ରହିବେ, ଗୃହସ୍ଥ ରହିବେ, ବୈରାଗୀ ଓ ସନ୍ନ୍ୟାସୀ ମଧ୍ୟ ରହିବେ । ତେବେ ଯାଇ ସଂସାର ସମତୁଲ ହୋଇ ରହିବ । ହେଲେ ଯିଏ ଯେଉଁଠି ଯେପରି ଭାବରେ ରହନ୍ତୁନା କାହିଁକି ପ୍ରତ୍ୟେକ ଜୀବନର ମାଧୁର୍ଯ୍ୟ ପୂର୍ଣ୍ଣମାତ୍ରାରେ ଆସ୍ୱାଦନ କରିବା ଏକାନ୍ତ ଆବଶ୍ୟକ । ଯିଏ ଯେଉଁ ଭୂମିକା ନିର୍ବାହ କରନ୍ତୁନା କାହିଁକି ତାହା ନିଖୁଣ, ତ୍ରୁଟି ଶୂନ୍ୟ ଓ ସୁନ୍ଦର ହେବା ବାଞ୍ଛନୀୟ । ପ୍ରତ୍ୟେକେ ଜୀବନର ସତ୍ୟତାକୁ ଉପଲବ୍ଧି କରି ପୂର୍ଣ୍ଣପ୍ରାଣରେ ଜୀବନକୁ ଭଲ ପାଇବା ଆବଶ୍ୟକ ।

ଜୀବନ କାଳ ସୀମିତ । ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜୀବନ ଅତିବାହିତ ହୁଏ । ତେଣୁ ସମୟର ସମଷ୍ଟି ହିଁ ଜୀବନ । ସମୟ ନଷ୍ଟ କରିବାର ଅନ୍ୟ ଅର୍ଥ ଜୀବନକୁ ନଷ୍ଟ କରିବା । ଜୀବନକୁ ଭଲ ପାଇବାର ଅନ୍ୟ

ଅର୍ଥ ହେଉଛି ସମୟକୁ ଭଲ ପାଇବା । ଯିଏ ଯାହା ଭଲପାଏ, ତାହା ନଷ୍ଟ କରିଦିଏ ନାହିଁ । ଆମେ ଯଦି ଆମ ଜୀବନକୁ ଭଲ ପାଉଁ ତେବେ ଆମେ ସମୟକୁ ବୃଥା ଆଳସ୍ୟରେ, ବୃଥା ଚିନ୍ତାରେ, ବୃଥା କର୍ମରେ ନଷ୍ଟ କରିଦେବା ଆଦୌ ଉଚିତ ହେବ ନାହିଁ । ସ୍ୱଳ୍ପ ସୀମିତ ଜୀବନକୁ ସଫଳ ସାର୍ଥକ କରିବା ପାଇଁ ଉଦ୍ୟମ କରିବା ହିଁ ଜୀବନକୁ ଭଲ ପାଇବା । ଏ ଜୀବନ ସତ୍ୟ, ତେଣୁ ଏହା ବାସ୍ତବ । ଜୀବନକାଳ ଦୁଃଖ ଯନ୍ତ୍ରଣା ପୂର୍ଣ୍ଣ ଓ ଅନ୍ତିମରେ ମୃତ୍ୟୁ ଅନିବାର୍ଯ୍ୟ ହେଲେ ମଧ୍ୟ ଏହା ତ୍ୟାଗର ଯୋଗ୍ୟ ନୁହେଁ । ସେହିପରି ଏହା ଅବହେଳାର ବସ୍ତୁ ମଧ୍ୟ ନୁହେଁ । ଜୀବନ ସୁଖମୟ ହେଉ ବା ଦୁଃଖମୟ ହେଉ, ପ୍ରତି ଅବସ୍ଥାରେ ଜୀବନ ଆମକୁ ବାସ୍ତବତା ପ୍ରତି ସଚେତନ କରି ରଖିଛି । ଦୁଃଖର ପାହାଡ଼ ତଳୁ ସୁଖର ଝରଣାଟିଏ ସନ୍ଧାନ କରିବାରେ ହିଁ ଜୀବନର ବାସ୍ତବତା ମଧ୍ୟରେ ସତ୍ୟତା ଉପଲବ୍ଧ କରାଯାଇଥାଏ । ଅଳୀକ ଦୁଃଖ ଯନ୍ତ୍ରଣାକୁ ଉପେକ୍ଷା କରି ଶିଖିବା ହିଁ ଜୀବନର ସତ୍ୟତା ଓ ପ୍ରିୟତା ଉପଲବ୍ଧିର ସାଧନା ଅଟେ । ବିଶ୍ୱକବି ରବିଠାକୁରଙ୍କର କବିତାର ଅଂଶଟିଏ ଏଠାରେ ପ୍ରାସଙ୍ଗିକ ହେବ -

'ଦୁଃଖେ ଯାଦେର୍ ଜୀବନ ଗଡ଼ା, ତାଦେର୍ ଆବାର୍ ଦୁଃଖ କିରେ ?'

ସେ ପୁଣି ଜୀବନକୁ ଭଲପାଇ ଉପଭୋଗର ଆଶା ପୋଷଣ କରି ଗାଇ ଉଠିଛନ୍ତି -

'ମରିତେ ଚାଇନା ଆମି ସୁନ୍ଦର ଭୁବନେ<br>
ମାନୁଷେର ମାଝେ ଆମି ବଞ୍ଚିବାରେ ଚାୟ ।'

ତେଣୁ ଜୀବନ ଦୁଃଖଯନ୍ତ୍ରଣାଦାୟକ ହେଲେ ମଧ୍ୟ ତାହା ସତ୍ୟ, ବାସ୍ତବ ଓ ଅତୀବ ପ୍ରିୟ ।

ଏ ସୃଷ୍ଟିର ଶ୍ରେଷ୍ଠ ଜୀବ ମନୁଷ୍ୟ । ମନୁଷ୍ୟର ବିବେକ ଅଛି, ଅଛି ବିଚାର ବୁଦ୍ଧି । ମଣିଷର ଶିକ୍ଷା ଅଛି, ଅଛି ସଭ୍ୟତା ଓ ସଂସ୍କୃତି । ପଶୁଧର୍ମଠାରୁ ମଣିଷର ଧର୍ମ ସ୍ୱତନ୍ତ୍ର । ସୃଷ୍ଟିର ଶ୍ରେଷ୍ଠ ଜୀବ ମନୁଷ୍ୟ ସୃଷ୍ଟିର ସୌନ୍ଦର୍ଯ୍ୟରେ, ସୃଷ୍ଟିର ଆନନ୍ଦରେ, ସୃଷ୍ଟିର ମାଧୁର୍ଯ୍ୟରେ ନିଜ ନିଜର ଜୀବନକୁ ସୁନ୍ଦର, ଆନନ୍ଦମୟ ଓ ମଧୁର କରି ତୋଳିବା ପାଇଁ ସାଧନା ଅବ୍ୟାହତ ରଖିବା ଉଚିତ ହେବ ନାହିଁକି ? ମନ୍ତ୍ରଧ୍ୱନିରେ ବେଦ ଗାଇ ଉଠେ :

''ମଧୁବାତା ଋତାୟତେ<br>
ମଧୂକ୍ଷରନ୍ତି ସିନ୍ଧବଃ<br>
ମାଧ୍ୱୀନଃ ସନ୍ତୋଷଧୀଃ ॥''

ଏ ସୃଷ୍ଟି ମଧୁମୟ, ଅମୃତମୟ । ସେହି ଆନନ୍ଦମୟ ସତ୍ତା ଏଠାରେ ପ୍ରତିଟି ଅଣୁପରମାଣୁରେ ଦୀପ୍ତିମାନ । ଏଠାରେ ଜନ୍ମ ଅଛି, ଜୀବନ ଅଛି, ଜରା ଅଛି, ବ୍ୟାଧି ଅଛି, ପୁଣି ଅଛି ଦୁଃଖ, ଶୋକ, ରୋଗ, ଯନ୍ତ୍ରଣା ଓ ମୃତ୍ୟୁ । ଏହି ସୃଷ୍ଟିରେ ଅଭାବ ଅନାଟନ ଅଛି, ଅଛି ଈର୍ଷା, ହିଂସା, ଶତ୍ରୁତା । ତଥାପି ଏ ସୃଷ୍ଟି ଅମୃତମୟ । ଏ ସୃଷ୍ଟି ଆନନ୍ଦମୟ । ଯୁଗଯୁଗାନ୍ତରର ତପସ୍ୟା ଫଳରୁ ଜୀବ ଏ ସୃଷ୍ଟିରେ ମନୁଷ୍ୟ ଦେହଧରି ଜନ୍ମ ହୁଏ । ସକଳ ଦୁଃଖ ଶୋକ, ରୋଗ ଭୋଗ ସତ୍ତ୍ୱେ ମନୁଷ୍ୟକୁ ଏଠାରେ ଆନନ୍ଦର ଉତ୍ସ ଖୋଜି ବାହାର କରିବାକୁ ହୁଏ । ଲୀଳାମୟଙ୍କର ଲୀଳା ସହଚର ହେବାକୁ ପଡ଼େ । ତାଙ୍କ ସହିତ  ଖେଳିବାକୁ ହୁଏ । ଏ ଖେଳରେ ହାର୍‌ଜିତ୍ ରହିଛି, ରହିବ । ଖେଳୁଆଡ଼ ମନୋବୃତ୍ତି ନେଇ ଜୀବନକୁ ଅମୃତ ରସରେ ରସାଣିତ କରିବାକୁ ହେବ । ଏଥିରେ ହିଁ ଜୀବନର ସଫଳତା, ସାଧନାର ସାର୍ଥକତା ନିହିତ । ଯଦି ବ୍ରହ୍ମ ସଚ୍ଚିଦାନନ୍ଦମୟ ତେବେ ଏକଥା ମଧ୍ୟ ସତ୍ୟ ଯେ, ମନୁଷ୍ୟର ଜନ୍ମ ଆନନ୍ଦରୁ, ଜୀବନର ବିକାଶ ଆନନ୍ଦରେ ଏବଂ ଅନ୍ତିମରେ ମୃତ୍ୟୁ ମଧ୍ୟ ସେହି ଆନନ୍ଦରେ । ଏଠାରେ ସର୍ବତ୍ର ଆନନ୍ଦ ହିଁ ପରିବ୍ୟାପ୍ତ ।

''ଆନନ୍ଦାଦ୍ ଖଲ୍ୱମାନି ଇମାନି ଭୂତାନି ଜାୟନ୍ତେ, ଆନନ୍ଦେ ଚ ବିଲୀୟନ୍ତେ ॥''

ସେହି ସତ୍‌ଚିତ୍ ଆନନ୍ଦମୟ ସତ୍ତାକୁ ଉପଲବ୍ଧି କରିପାରିଲେ, ନିଜ ଜୀବନର ପ୍ରକୃଷ୍ଟ ଆନନ୍ଦମୟ ସ୍ୱରୂପକୁ ଉପଲବ୍ଧି କରେ । ତା'ର ଜୀବନ ହୁଏ ଧନ୍ୟ । ସଂକୀର୍ଣ୍ଣ ସୀମିତ ଦୃଷ୍ଟିଭଙ୍ଗୀକୁ ବଦଳାଇ ଦେଇ ପାରିଲେ ଅଥବା ସର୍ବାଦୌ ତ୍ୟାଗ କରି ପାରିଲେ, ଉଦାର ପ୍ରଶାନ୍ତ ଚେତା ହୋଇ ପାରିଲେ, ସେହି ଅସୀମ ଅବ୍ୟକ୍ତ ସତ୍ତାକୁ ଉପଲବ୍ଧି କରେ । ସେତେବେଳେ ସେହି ଉପଲବ୍ଧି ଅସମୀ ଅବ୍ୟକ୍ତର ଭାବରେ ଉଦ୍‌ବୁଦ୍ଧ ହୋଇ ଏ ସୃଷ୍ଟିକୁ ଓ ନିଜ ଜୀବନକୁ ଅମୃତମୟ ସୌନ୍ଦର୍ଯ୍ୟମୟ, ମଙ୍ଗଳମୟ ଓ ମଧୁମୟ ମନେକରେ । ଏହି ସ୍ତରରେ ଉପନୀତ ହେବା ପାଇଁ ତା'କୁ ଭଗବଦ୍ ଉପାସନା, ଭଗବଦ୍ ବିଶ୍ୱାସ ଓ ଆଧ୍ୟାତ୍ମିକ ସାଧନାର ପଥରେ ପାଦଚାଲି ଆଗେଇବାକୁ ହୁଏ । ସାଧନ ପଥରେ ବହୁପଥ ଅତିକ୍ରମ କରିବା ପରେ ସେ ଲାଭ କରେ ଏକ ପ୍ରସନ୍ନ ଦିବ୍ୟଦୃଷ୍ଟି ଯାହା ବଳରେ ହିଁ ସକଳ ଅନିତ୍ୟତା ମଧ୍ୟରେ ନିତ୍ୟସତ୍ୟ ମଧୁମୟ ସତ୍ତାକୁ ଉପଲବ୍ଧି କରାଯାଇଥାଏ ।

ବିଶ୍ୱବକ୍ଷରେ ମନୁଷ୍ୟ ଜନ୍ମନେଇ ଜୀବନ ସଂଗ୍ରାମରେ କ୍ଷତ ବିକ୍ଷତ ଓ ରକ୍ତାକ୍ତ ହେଉଛି । ଜୀବନ ତା'ର ହୋଇ ଉଠୁଛି ହାହାକାରମୟ । ନୈରାଶ୍ୟର ଘୂର୍ଣ୍ଣିପାକ ମଧ୍ୟରେ ସେ ହତାଶ ହେଉଛି । ହତାଶାର ଧୂସର ରୁକ୍ଷତାରେ ଅତିଷ୍ଠ ହୋଇ ସେ ମନେ କରୁଛି ଏ ଜୀବନ ତା' ପାଇଁ ଏକ ଦୁଃସ୍ୱପ୍ନ, ଏକ ଦୁର୍ବାର ଅଭିଶାପ । ସେ ଅନୁଭବ କରୁଛି ଏ ଜୀବନ ଦୁଃଖମୟ । ତଥାପି ସେ ଖୋଜେ ସୁଖ, ଶାନ୍ତି, ଆନନ୍ଦ । କାହିଁ ସୁଖ ? କାହିଁ ଶାନ୍ତି ? କାହିଁ ବା ଆନନ୍ଦ ? ମାତ୍ର ଯେତେବେଳେ ଆଧ୍ୟାତ୍ମିକ ସାଧନ ବଳରେ ସେ ନିଜ ଅନ୍ତରରେ ସେହି ଆନନ୍ଦମୟ ସତ୍ତାର ପରିଚୟ ପାଏ, ସେ ଭୁଲିଯାଏ ସକଳ ଅଳୀକ ଦୁଃଖଯନ୍ତ୍ରଣାକୁ । ସେତେବେଳେ ସେ ମଧ୍ୟ ଗାଇଉଠେ :

''ବିଶ୍ୱଦେଖ ମଧୁମୟରେ ଜୀବନ
ବିଶ୍ୱ ଦେଖ ମଧୁମୟ ।
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ ॥''

ଆଜିର ମନୁଷ୍ୟ ସକଳ ସଂକୀର୍ଣ୍ଣତା ଓ କ୍ଷୁଦ୍ରତାକୁ ମନ ମଧ୍ୟରେ ସ୍ଥାନ ଦେଇଥିବାରୁ ଜୀବନର ସତ୍ୟତା, ପ୍ରିୟତା, ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ଅନୁଭବ ସୃଷ୍ଟି କରି ପାରୁନାହିଁ । ଯେତେବେଳେ ମନରୁ ଏ ସଂକୀର୍ଣ୍ଣତା ଓ କ୍ଷୁଦ୍ରତା ଆଧ୍ୟାତ୍ମିକ ସାଧନା ବଳରୁ ଲୋପ ପାଇଯାଏ, ସେ ଉଦାର ଓ ପ୍ରଶାନ୍ତ ଚେତା ହୋଇଯାଏ । ସେହି ବିରାଟ ବ୍ରହ୍ମସତ୍ତାରେ ସେ ଉଦ୍‌ବୁଦ୍ଧ ହୁଏ । ସେ ସୀମା ଛାଡ଼ି ଅସୀମକୁ ଚାଲିଯାଏ । ସେହି ଅସୀମ ସ୍ତରରେ ସେ ମଧୁମୟ ସତ୍ୟକୁ ଉପଲବ୍ଧି କରେ । ନୀଚ ସ୍ତରରୁ ଉର୍ଦ୍ଧ୍ୱସ୍ତରକୁ ଚାଲିଗଲେ ସେ ସମଗ୍ର ବିଶ୍ୱକୁ ଆପଣାର ମନେ କରି, ପ୍ରତ୍ୟେକଙ୍କୁ ଅମୃତର ସନ୍ତାନ ମନେ କରି ପ୍ରତ୍ୟେକଙ୍କୁ ପ୍ରେମ କରେ, ସ୍ନେହକରେ, ଶ୍ରଦ୍ଧା କରେ, ଭଲପାଏ । ସେ ଦିବ୍ୟାତ୍ମା ହୋଇଯାଏ । ସେ ଉପଲବ୍ଧି କରେ : ମୁଁ କାହାଠାରୁ ଶ୍ରେଷ୍ଠ ନୁହେଁ । ଆମେ ସମସ୍ତେ ସମାନ । ଆମର ମନ ସମାନ, ଆମର ବଳ ସାମର୍ଥ୍ୟ, ବିଚାର, ସଙ୍ଗତି ଓ ପୂଜାପଦ୍ଧତି ସବୁ ସମାନ । ଆମେ ସମସ୍ତେ ସମାନ । ତେଣୁ ଏହି ମର୍ମରେ ବେଦ ଉଚ୍ଚାରଣ କରେ ବାକ୍ୟ :

''ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ
ସମାନମସ୍ତୁ ର୍ବୋ ମନୋ ଯଥାବଃ ସୁସହାସତି ॥''

# ଜିଜ୍ଞାସା : ଜିଜ୍ଞାସୁ

**ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ଆଧ୍ୟାତ୍ମିକ ଆଲୋଚନା ପ୍ରସଙ୍ଗେ**

**'ଚରମ' : ସପ୍ତମପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ୩୩ଶ ସଂଖ୍ୟାର ଅନୁଶ୍ରୁତିରୁ :**

*''ଦଶମୋଦକ''ର 'ଏକମୁଖୀ ଭାବ' ପ୍ରସଙ୍ଗରେ ଆଲୋଚନାର ପ୍ରଶ୍ନୋତ୍ତରୀ ଧାରାବିବରଣୀ-*

ଜିଜ୍ଞାସୁ : ଗୁରୁବାଦରେ ଏହି ଏକମୁଖୀ ଭାବଟି କିପରି ?

ଠାକୁର : ପରମପିତା ଜଗତ କଲ୍ୟାଣ ପାଇଁ ନାନା ପ୍ରକାର ଜ୍ଞାନ ବିଜ୍ଞାନ ସୃଷ୍ଟି କରିଅଛନ୍ତି । ଏହି ଜ୍ଞାନ ବିଜ୍ଞାନକୁ ନେଇ ଗୁରୁବାଦର ସୃଷ୍ଟି । ପୁନଃ ଏହି ଜ୍ଞାନକୁ ଆହରଣ କରିବା ପାଇଁ ରୁଚି ସମ୍ପନ୍ନ ଅଧିକାରୀମାନେ ଜନ୍ମ ନେଇଛନ୍ତି । ସୃଷ୍ଟିରେ ଏ ସବୁ ଗୋନେଇ ହୋଇ ରହିଛି । ରୁଚି ନେଇ ଯେ ଯେଉଁ ବାଟ ଧରିବା କଥା ଧରି ନେଉଛନ୍ତି । ସବୁ ବାଟ ସିଦ୍ଧ ଏବଂ ସବୁ ବାଟରେ ଦର୍ଶନ ଅଛି । ଏଣୁ ଯିଏ ଯେଉଁ ଭାବର ରୁଚି ନେଇ ଆସିଛି ସେହି ଭାବରେ ତା'ର ଶ୍ରଦ୍ଧା ଜନ୍ମେ ଏବଂ ଶ୍ରଦ୍ଧା ମୁତାବକ ବାଟ ଚାଲୁ ଚାଲୁ ଅପରର ଶ୍ରଦ୍ଧା ଦୃଷ୍ଟି ପଥକୁ ଆସି ନିଜ ଭିତରେ ଭେଦ ସୃଷ୍ଟି କରି ବହୁମୁଖୀ କରି ପକାଏ । ଫଳରେ ମଣିଷ ନିଜର ଶ୍ରଦ୍ଧାକୁ ଛାଡ଼ି ଅନ୍ୟର ଶ୍ରଦ୍ଧାକୁ ଧରିବାକୁ ହାଇଁ ପାଇଁ ହୋଇଯାଏ । ଏଣୁ କୁହାଯାଇଛି 'ଏକଇ ବିଦ୍ୟା ସୁରକ୍ଷିଣ । ଏକାନ୍ତ ଭକତି ଲକ୍ଷଣ ।।'' ସୃଷ୍ଟିରେ ଅନେକ ଜ୍ଞାନ ଅଛି । ଅନେକ ଗୁରୁ ମଧ୍ୟ ଅଛନ୍ତି । ତୁମର ରୁଚି ଓ ଶ୍ରଦ୍ଧା ନେଇ ପଥ ଧରିନେଲେ ଯାତ୍ରା ଅନୁକୂଳ ହୁଏ ।

ଜିଜ୍ଞାସୁ : ଠାକୁରେ ! ଏତେ ଜ୍ଞାନ ଏତେ ଗୁରୁ ସୃଷ୍ଟି କରିଛନ୍ତି କାହିଁକି ? ଗୋଟିଏ ଜ୍ଞାନ ଗୋଟିଏ ଗୁରୁ ସୃଷ୍ଟି କରିଥିଲେ ଆମ ଭିତରେ ଅନେକ ପ୍ରବେଶ କରି ନ ଥାଆନ୍ତା । ସେ'ତ ଅନେକ ସୃଷ୍ଟି କରିଛନ୍ତି । ଆମର ଲୋଭ ହେଉଛି ଧରିବା ପାଇଁ ଏହା କଣ ଆମର ଦୋଷ ?

ଠାକୁର : ନାଁ, ଅନେକ ବିଦ୍ୟା ଅର୍ଜନ କରିବା ଦୋଷ ନୁହେଁ । ଦ୍ୱନ୍ଦ୍ୱ ସୃଷ୍ଟି କରିବା ହେଉଛି ଦୋଷ ।

ଜିଜ୍ଞାସୁ : ଦ୍ୱନ୍ଦ୍ୱ କ'ଣ ?

ଠାକୁର : ସବୁ ବିଦ୍ୟା ଅର୍ଜନ କରିବାର ସାମର୍ଥ୍ୟ ସମସ୍ତଙ୍କର ନଥାଏ । ଆମ କହିବା କଥା ହେଉଛି ନିଜର ସାମର୍ଥ୍ୟରେ ଯେଉଁ ଜ୍ଞାନ ଫଳବତୀ ହେବ, ସେହି ବିଦ୍ୟା ସେହି ବ୍ୟକ୍ତିର ସାଧନରେ ଅନୁକୂଳ ହୋଇଥାଏ । ଯେପରି କେଉଁ ମାଟିରେ କେଉଁ ଗଛର ଭଲ ଫଳ ହେବ ତାହା କୃଷକ ଜାଣି ଗଛ ଲଗାଇ ଥାଏ । ମୃତ୍ତିକା ଉପାଦାନ ଅନୁଯାୟୀ ଗଛର ଫଳ ଲାଭ କ୍ଷତିରେ ମିଳିଥାଏ । ସବୁ ମଣିଷ ସବୁ ବିଦ୍ୟା ହାସଲ କରି ପାରିବେ ନାହିଁ । ଯେଉଁ ବିଦ୍ୟା ଯେଉଁ ବ୍ୟକ୍ତି ଭିତରେ ଯେପରି ଉପାଦାନ ନେଇ ଆସିଛି ସେହି ବ୍ୟକ୍ତି ସେହି ବିଦ୍ୟାର ସିଦ୍ଧ ଗୁରୁଙ୍କ ନିକଟରୁ ବିଦ୍ୟା ଶିକ୍ଷା କଲେ ଶିକ୍ଷା ସଫଳ ହୋଇଥାଏ, ଏହା ହେଉଛି ଏକମୁଖୀ ଭାବ ।

ଜିଜ୍ଞାସୁ : ଆପଣ ଯେଉଁ କହୁଛନ୍ତି ଅନେକ ଜ୍ଞାନ ଏବଂ ଅନେକ ଗୁରୁ-ସୃଷ୍ଟି ହେଲେ କାହିଁକି ?

ଠାକୁର : ଆମକୁ କୁହ ଅନେକ ମଣିଷ ସୃଷ୍ଟି ନ ହୋଇ ଯଦି ଗୋଟିଏ ମଣିଷ ଭଗବାନ ଜନ୍ମ ଦେଇ ଥାଆନ୍ତେ କ'ଣ ଭଲ ହୋଇ ଥାଆନ୍ତା ?

ଜିଜ୍ଞାସୁ : ବୈଷୟିକ କର୍ମ ଉପରେ ଏକ ମୁଖୀ ଭାବ କିପରି ?

ଠାକୁର : ମଣିଷତ ଅନେକ କର୍ମ କରୁଛି । ଧରିନିଅ ଖାଇବା, ପିଇବା, ଯିବା, ଦେଖିବା, ଶୁଣିବା ଏସବୁ ଶାରୀରିକ କ୍ରିୟା । ଧରି ନିଅ ତୁମେ ଖାଉଛ । ଖାଇବା ସମୟରେ ଖାଇବା ପ୍ରତି ଲକ୍ଷ୍ୟ ଦିଅ ।

ଦେଖିବାବେଳେ ଦେଖିବାର ଲକ୍ଷ୍ୟ ଦିଅ । ଦେଖିବା ବେଳେ ଯଦି ଖାଇବା କଥାକୁ ଲକ୍ଷ୍ୟ ବା ମୁଖ ଯାଏ, ସେତେବେଳେ ଯେଉଁ କର୍ମ ସଂପାଦିତ ହେଉଥାଏ ସେଥିରେ ବିମୁଖ ହୋଇ ଲକ୍ଷ୍ୟ ଭ୍ରଷ୍ଟ ହେବାକୁ ହୋଇଥାଏ । ଏପରି ପଢ଼ା ବେଳେ ପଢ଼ା, ଶୋଇଲା ବେଳେ ଶୋଇବା, ବସିବା ବେଳେ ବସିବାର ମୁଖ ବା ଲକ୍ଷ୍ୟ ତଦାକାର ହୋଇ ରହିବା ଏକମୁଖୀର ଏକ ପ୍ରକାର ଭାବ । ଏହାର ଅନ୍ୟ ନାମ ଏକାଗ୍ରତା । ଅର୍ଥାତ୍ ମଣିଷ ଅନେକ କିଛି କର୍ମ କରୁଛି । ଆମ କହିବା କଥା ଯେତେବେଳେ ଯେଉଁ କାମ କରିବ ସେତେବେଳେ ସେହି କାମରେ ଲକ୍ଷ୍ୟ ଦେଇ କାମ କରିଯିବ । ସବୁବେଳେ ବର୍ତ୍ତମାନକୁ ଲକ୍ଷ୍ୟ କରିବ ।

ଜିଜ୍ଞାସୁ : ବର୍ତ୍ତମାନକୁ ନେଇ କାମ କରୁ କରୁ ବାଟ ଚାଲୁ ଚାଲୁ ଅତୀତ ଆଉ ଭବିଷ୍ୟତ ଅନ୍ତକରଣକୁ ପଶି ଆସି ଲକ୍ଷ୍ୟ ଭ୍ରଷ୍ଟ କରିଥାଏ । ଏଣୁ ସ୍ୱାଭାବିକ ଆମର ମୁଖ ବହିର୍ମୁଖୀ ହୋଇଥାଏ । ଆଉ ବର୍ତ୍ତମାନକୁ କେବଳ ଲକ୍ଷ୍ୟ ରଖି କିପରି ବାଟ ଚାଲିବୁ ।

ଠାକୁର : ଭବିଷ୍ୟତ ବର୍ତ୍ତମାନ ଉପରେ ଆଧାରିତ । ଆଉ ଅତୀତ ବର୍ତ୍ତମାନ ଦ୍ୱାରା ଗୃହୀତ । ତୁମେ ଯେଉଁ ଭବିଷ୍ୟତ କଥା ଚିନ୍ତା କରୁଛ, ତା'ର ପ୍ରତିଷ୍ଠା ହୁଏ କିପରି ? ବର୍ତ୍ତମାନର ପର୍ଯ୍ୟାୟ କ୍ରମରେ ନା ?

ଜିଜ୍ଞାସୁ : ହଁ ଆଜ୍ଞା ।

ଠାକୁର : ବର୍ତ୍ତମାନ ଯେଉଁ କାର୍ଯ୍ୟ ସମ୍ପାଦିତ ହୋଇ ଯାଉଛି ତାହାକୁ ଅତୀତ ବୋଲି କହୁଛନା ? ଏଣୁ ବର୍ତ୍ତମାନରୁ ଗୃହିତ ହେଉଛି ଅତୀତ । ଏହି ବୋଧ ରଖିଲେ ବେଳେବେଳେ ଦୁର୍ଘଟଣା ଘଟିଥାଏ । ଭବିଷ୍ୟତକୁ ଲକ୍ଷ୍ୟ କରି ବର୍ତ୍ତମାନକୁ ହରାଇବାକୁ ପଡ଼ିଥାଏ । ଏହା ବିପଦର କାରଣ । ଆଉ ବର୍ତ୍ତମାନକୁ ହରାଇବା ଦ୍ୱାରା ଅତୀତ ରୂପୀ ଗୃହୀତ ଫଳକୁ ମଧ୍ୟ ହରାଇବାକୁ ହୋଇଥାଏ । ଏଣୁ ବର୍ତ୍ତମାନକୁ ଲକ୍ଷ୍ୟ ଦେଲେ ଭବିଷ୍ୟତ ଓ ଅତୀତ ଏକମୁଖୀ ହୋଇ ଆସିଥାଏ । ବର୍ତ୍ତମାନର ଏକାଗ୍ରତା ଅତୀତ ଆଉ ଭବିଷ୍ୟତର ନିୟନ୍ତା ।

ଜିଜ୍ଞାସୁ : ଭବିଷ୍ୟତକୁ ଲକ୍ଷ୍ୟ ନ ଦେଲେ ଉଦ୍‌ଯୋଗ ଆସେ ନାହିଁ । ଆଉ ଉଦ୍ୟମ ନ କଲେ କୌଣସି କାର୍ଯ୍ୟ ହୁଏ ନାହିଁ । ଏ କଥାର ସମାଧାନ କରନ୍ତୁ

ଠାକୁର : କଥାରେ ଅଛି 'ଉଦ୍‌ଯୋଗେ ବସତି ଲକ୍ଷ୍ମୀ ।' ଉଦ୍ୟମ କଲେ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଆସିଥାଏ । ଆମେ କ'ଣ ଉଦ୍‌ଯୋଗ କରିବାକୁ ମନା କରିଛୁ ?

ଜିଜ୍ଞାସୁ : ଯେ ଭବିଷ୍ୟତକୁ ଲକ୍ଷ୍ୟ ନ ଦେବ, ସେ ଉଦ୍ୟମ କରିବ କାହିଁକି ?


ଠାକୁର : ଉଦ୍‌ଯୋଗ ମଣିଷ କେତେବେଳେ କରେ ? ଉଚ୍ଚ ଆଶା ହେଉଛି ମନର ସଂକଳ୍ପ । ଏଣୁ ସମସ୍ତଙ୍କର ଉଚ୍ଚ ହେବାକୁ ଇଚ୍ଛାଥାଏ । ଏହି ଇଚ୍ଛା ଫଳବତୀ ହୁଏ କେତେବେଳେ ? ମନରେ ପ୍ରାପ୍ତିର ଉଦ୍‌ବେଗ ଥାଏ । ଆଉ ଯୋଗ ଆସିଲେ ଉଦ୍ୟମ ଫଳବତୀ ହୋଇଥାଏ । ଆଉ ଯୋଗ ନ ଥିଲେ ଉଦ୍ୟମ ପ୍ରତିକୂଳରେ ଯାଇ ବିଫଳ ହୋଇଥାଏ ।

ଜିଜ୍ଞାସୁ : ଗୁରୁ ବାକ୍ୟରେ ଶିଷ୍ୟର ଏକମୁଖୀ ଭାବ କିପରି ?

ଠାକୁର : ଗୁରୁ ହେଉଛନ୍ତି ଜ୍ଞାନର ଆଧାର । ସେ ଜୀବଗଣକୁ ଉପଦେଶ ଦେବାକୁ ଯାଇ ଅନେକ କଥା କହିଥାଆନ୍ତି । ସେହିଭଳି ଶାସ୍ତ୍ର, ପୁରାଣ, ନୀତିଜ୍ଞାନ, ଦର୍ଶନ ଉପରେ ଅନେକ ଗୂଢ଼ ତତ୍ତ୍ୱର ବୟାନ କରିଥାଆନ୍ତି । ଶିଷ୍ୟ ଯଦି ଗୁରୁଙ୍କର ସବୁ କଥାରେ ମୁଣ୍ଡ ଖର୍ଚ୍ଚ କରିବାକୁ ଚେଷ୍ଟା କରେ ବା ଗୁରୁଙ୍କର ସବୁ ଦ୍ୱାରକୁ ନଜର ପକାଏ ତା ହେଲେ ସେ କ'ଣ ସବୁ ବିଦ୍ୟା ହାସଲ କରି ପାରିବ ? ନା ତା' ଫଳରେ ସେ ବିପର୍ଯ୍ୟସ୍ତ ହେବ । ଏଣୁ କେଉଁ ବ୍ୟକ୍ତି ବା ଶିଷ୍ୟ କେଉଁ ଜ୍ଞାନର ଅଧିକାରୀ ହୋଇ ପାରିବ ତାହା ଗୁରୁ ଜାଣିଥାଆନ୍ତି । ଗୁରୁ ଶିଷ୍ୟକୁ ଯେଉଁ ବିଦ୍ୟା ସାଧନ ବା ଶିକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଇଥାଆନ୍ତି, ଶିଷ୍ୟ ସେହି ବିଦ୍ୟାରେ ମୁଣ୍ଡ ଖର୍ଚ୍ଚ କରିବା ଉଚିତ । ମୋର ମତ ହିଁ ଏଇୟା ।। (କ୍ରମଶଃ)

# ରହସ୍ୟଭେଦୀ

## ସମ୍ଭବାମି ଯୁଗେ ଯୁଗେ



ଜ୍ଞାନ ହିମାଦ୍ରିରୁ ଜ୍ଞାନର ଗଙ୍ଗା ଝରାଇଛ କୃପାସିନ୍ଧୁ । ଧନ୍ୟ ଜଗତ ଧନ୍ୟ ଜୀବନ ଲଭି ତହିଁ ଏକ ବିନ୍ଦୁ ॥
ତତ୍ତ୍ୱଜ୍ଞାନର କାନନ ରଚିଛ ଚରମ ପୃଷ୍ଠାରେ ତୁମେ । ସେ କାନନୁ ପତ୍ର ପୁଷ୍ପ ଚୟନ କରି ଧନ୍ୟ ଆଜି ଆମେ ॥

*ସୃଷ୍ଟିକ୍ଷେତ୍ରର ନିଗମ ନିଗୂଢ଼ ତତ୍ତ୍ୱ ସରଳ ପ୍ରାଞ୍ଜଳ ଭାବରେ ଓ ଭାଷାରେ ବିତରଣ କରିଚାଲିଛନ୍ତି ପରମ ପ୍ରେମମୟ ଠାକୁରେ ଅବିରତ । ଅଧୁନାତନ ସାମାଜିକ ଜୀବନରେ ଘଟିଚାଲିଥିବା ନାନାଦି ଅଘଟଣର ଅନ୍ତରାଳରେ ଲୁଚି ରହିଥିବା ବିଭିନ୍ନ ରହସ୍ୟର ସହଜ ସମାଧାନ ର ଉପାୟ ମିଳେ ଏଥିରୁ । ଆଜିର ଜନଜୀବନରେ ଏସବୁର ଉପାଦେୟତା ଯେକୌଣସି ନିରପେକ୍ଷ ପାଠକ/ପାଠିକା ଅବଶ୍ୟ ମର୍ମେ ମର୍ମେ ଉପଲବ୍ଧି କରିପାରିବେ । ନିଜକୁ ନିଜେ ସଜାଡି ନେଇ ପାରିଲେ ସାମ୍ପ୍ରତିକ ଜୀବନର ଅସଂଖ୍ୟ ଅନ୍ତହୀନ ବେଦନା ଓ ଯାତନାରୁ ସମାଜ ଯେ ରକ୍ଷା ପାଇ ପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଜଗତର କଲ୍ୟାଣ, ସମାଜର ମଙ୍ଗଳ ଓ ଜୀବକୁଳର ଲକ୍ଷ୍ୟ ନେଇ ପରମପୁରୁଷ ଠାକୁରଙ୍କର ଏହି ଜ୍ଞାନ ବିତରଣ । ସମାଜ ଏଥିରୁ ଉପକୃତ ହେଲେ, ଶ୍ରମ ସାର୍ଥକ ହେବ ॥*

'ଚରମ' : ସପ୍ତମପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ତ୍ରିତିଂଶତିତମ ସଂଖ୍ୟାର ଅନୁଶ୍ରୁତିରୁ :

## (୪୦) ରଜୁଗୁର୍ଜରୀ କୋଷ :

**ଜନନୀ ଜଠର ଜରାୟୁ**

### (୩) ମୈତୀମାୟା ସ୍ନାୟୁ :

ଯେଉଁ ଦିନ ରଜୁଗୁର୍ଜରୀ କୋଷ ବ୍ରହ୍ମଙ୍କର ମେଧାହ୍ନିତ ଶକ୍ତି ମାଧ୍ୟମରେ ମାତୃ ଜରାୟୁରେ ସୂକ୍ଷ୍ମରେ ପ୍ରବେଶ କରେ, ସେହିଦିନ ହିଁ ମାଆର ଲକ୍ଷଣରୁ ଏହା ସ୍ପଷ୍ଟ ଜଣାପଡେ । ସେହିଦିନ ଠାରୁ ଏକ ମାସ ପର୍ଯ୍ୟନ୍ତ ମାଆକୁ ପିତା, କଷା, ଖଟା, ଖାଇବାକୁ ରୁଚିକର ବୋଧହୁଏ । ମାଆର ମସ୍ତିଷ୍କ ଓଜନିଆ ବୋଧହୁଏ । ଉଦରର ଭାରା ଅଧିକ ଜଣାଯାଏ । ମାଆ ବସିପାରେ ନାହିଁ । ଶୋଇବାକୁ ଭଲପାଏ । ସମୟ ସମୟରେ ମୁରୁକି ହସେ, ପୁଣି ପରମୁହୂର୍ତ୍ତରେ କାନ୍ଦେ । ପିଣ୍ଡର ଭାରା ଅସହ୍ୟ ବୋଧ ହେବାରୁ ମାଆ ତାହା ସହି ନ ପାରି କାନ୍ଦେ । ଏହି ପରି ଲକ୍ଷଣ ମାଆ ଠାରେ ଲକ୍ଷ୍ୟ କରାଯାଇଥାଏ ।

ରଜୁଗୁର୍ଜରୀ କୋଷ ମାଆର ଧୈର୍ଯ୍ୟ, କ୍ଷମତା, ଭାରା ବହନ ଶକ୍ତି ଯୋଗାଇ ଦେବାର ଦାୟିତ୍ୱ ବହନ କରିଥାଏ । ପ୍ରତ୍ୟେକ ମାଆର ଜନ୍ମ ନକ୍ଷତ୍ର ଓ ଗ୍ରହାଦିର ଭାବ ଦେଇ ମା'କୁ ଭାରା ବହନର ଶକ୍ତି ତା' ପିଣ୍ଡରେ ସ୍ରଷ୍ଟାପୁରୁଷ ଦେଇଅଛନ୍ତି । ବ୍ରହ୍ମ ଜୀବବ୍ରହ୍ମକୁ ସଂପୂର୍ଣ୍ଣ ଆଚ୍ଛାଦନ କରି ରଖିଥାଏ । ବ୍ରହ୍ମ ନିର୍ମାଣଯୋଗ ଅବସ୍ଥାରେ ଜୀବବ୍ରହ୍ମକୁ ଆଚ୍ଛାଦିତ କରିଥାଆନ୍ତି । ଗର୍ଭାବସ୍ଥାରେ ମାଆର ଦେହ ଓଜନିଆ ବୋଧହୁଏ ଓ ସେ ଆଳସ୍ୟପରାୟଣ ପରି ଅଳସଭାବ ଅନୁଭବ କରନ୍ତି । ମାଆ ପୂର୍ବ ଦିଗରେ ଛିଡ଼ା ହେଲେ, ଏ ସମୟରେ ସୂର୍ଯ୍ୟକିରଣ ସତ୍ତ୍ୱେ ଛାୟା ପଡ଼ୁନଥିବାର ଅନୁଭବ କରିପାରନ୍ତି ।

ରଜୁଗୁର୍ଜରୀ କୋଷ ବ୍ରହ୍ମାଣ୍ଡରେ ଲାଲବର୍ଣ୍ଣ ଧାରଣ କରିବା ଅବସ୍ଥାରେ, ଜନନୀର ଜରାୟୁରେ ତାହା ଧବଳ ବର୍ଣ୍ଣ ଧାରଣ କରିଥାଏ । ମାଆର ନାଭିରୁ ମୈତୀମାୟା ସ୍ନାୟୁ ସୂକ୍ଷ୍ମରେ ଧବଳବର୍ଣ୍ଣ ଧାରଣ କରି ଶିଶୁର ଶ୍ୱାସ ପ୍ରଶ୍ୱାସ

କେନ୍ଦ୍ରରେ ଥିବା ଲୌହୀୟ ପୁଷ୍ପକୁ ସଂଯୋଗ କରେ । ଶିଶୁର ପାକସ୍ଥଳୀ ତଥା ଶ୍ରାବଣୀ ଚେତା ଘଟକୁ ମୈତୀମାୟା ସ୍ନାୟୁ ଜୀବବ୍ରହ୍ମର ଅଣୁ ପରମାଣୁରେ ସୌରଜଗତରୁ ଶକ୍ତି ଆଣି ଯୋଗାଇ ଥାଏ । ଶିଶୁଠାରେ ଥିବା ଶୈତାନୀ ସ୍ନାୟୁ ଗୃହକୁ ମୈତୀମାୟା ସ୍ନାୟୁ ପ୍ରାରବ୍ଧ ସହିତ କ୍ରିୟମାଣ କର୍ମଫଳକୁ ଡାକି ରଖିଥାଏ । ହିରଣ୍ୟ ଗର୍ଭର ଆତ୍ମସୃଜନ କେନ୍ଦ୍ର ଯେଉଁଠାରୁ ବିଶ୍ୱବ୍ରହ୍ମାଣ୍ଡକୁ ଆତ୍ମାଶକ୍ତି କୋଷଦ୍ୱାରା ଚୈତନ୍ୟକୁ ଆସି ଚିତ୍ତରେ ଚଳନ କ୍ରିୟା ସଂପାଦନ କରେ, ସେହି ଆତ୍ମସୃଜନ କେନ୍ଦ୍ରରୁ ଧୂସର ବର୍ଣ୍ଣର ଅଣୁ ଶକ୍ତି ଶିଶୁର ହୃତ୍‌ପିଣ୍ଡରେ ବାୟୁ ସଂଚାଳନ କରେ ।

ଜରାୟୁସ୍ଥ ଶିଶୁ ପାଇଁ ଆବଶ୍ୟକ ବାୟୁ ସଂଚାଳନ ହେବା ସମୟରେ ମାଆ ହାଇ ମାରେ । ଏହି ହାଇ ମାରିବା କ୍ରିୟା ମାଆ ଠାରେ ସପ୍ତାହ ସପ୍ତାହ ଧରି ପରିଲକ୍ଷିତ ହୋଇଥାଏ । ଏହାପରେ ଜରାୟୁ ମଧ୍ୟରେ ପିଣ୍ଡର ଘୂର୍ଣ୍ଣନ କ୍ରିୟା ଆରମ୍ଭ ହୋଇଯାଏ । ଜନନୀର ଜରାୟୁରେ ଏହି ଘୂର୍ଣ୍ଣନ ପ୍ରକ୍ରିୟା ଆରମ୍ଭ ହେବା ପରେ ପରେ ମାଆର ସ୍ଥୂଳ ଖାଦ୍ୟ ରୁଚିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଏହି ସମୟରେ ମାଆ ଅଭକ୍ଷ୍ୟ ଭକ୍ଷଣ ଅର୍ଥାତ୍ ଅଖାଦ୍ୟ ଖାଇବା (ଯଥା - ମାଟି ଖାଇବା, ଚକ୍‌ଖଡ଼ି ଖାଇବା ଇତ୍ୟାଦି)କୁ ମନ ବଳାଇ ଖାଇଥାଏ । ଲୁଣି ଖାଦ୍ୟ ଖାଇବାକୁ ରୁଚି କରେ । ଖଟା ଆଚାର ଇତ୍ୟାଦି ଖାଇବା ପାଇଁ ପ୍ରବଳ ଇଚ୍ଛା ହେବାରୁ ତାହା ମଧ୍ୟ ଖାଇଥାଏ । ଏହି ପର୍ଯ୍ୟାୟରେ ମାଆର ଚୈତନ୍ୟ କେନ୍ଦ୍ର ସହିତ ଗର୍ଭସ୍ଥ ଶିଶୁର ସମ୍ଭୂତ୍ୟ ମତି ସଂଯୁକ୍ତ ହୋଇଯାଏ । ସେହି ସମୟରେ ମୈତୀମାୟା ସ୍ନାୟୁର ପ୍ରଭାବରୁ ଗର୍ଭସ୍ଥ ଶିଶୁର ସମଗ୍ର ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଜରାୟୁ ମଧ୍ୟରେ ଦଶବତାର ଶୈଳୀରେ ଭାବଭଙ୍ଗୀ ଦେଖାନ୍ତି । ଏହାଦ୍ୱାରା ମାଆ ଜରାୟୁରେ ଯନ୍ତ୍ରଣା ଅନୁଭବ କରେ ।

ଜରାୟୁର ସୁଧୀନ୍ଦ୍ର ପଦ୍ମନାଡ଼ରେ ଥିବା ଧବଳ ଶ୍ରୁତୌଧିକ ପାଖୁଡ଼ା ଦୁର୍ବଳ ଅବସ୍ଥା ପ୍ରାପ୍ତ ହେଲେ, ଶୈତାନୀ ଚେତା ସ୍ନାୟୁ ମସ୍ତିଷ୍କକୁ ଗତି କରେ । ଦୁର୍ବଳ ମାଆର ଜରାୟୁରେ ଶିଶୁଥିବା ସମୟରେ ଏହି ଶୈତାନୀ ସ୍ନାୟୁ ପଦ୍ମପାଖୁଡ଼ାରେ ଷୋଡ଼ିଶ ଆକୃତିର ହୋଇ ରହିଥାଏ । କୁଣ୍ଡଳିନୀକୁ ଗତି କରୁଥିବା ମୈତୀମାୟା ସ୍ନାୟୁ ଛଅ ଇଞ୍ଚ ଲମ୍ବ ହୋଇ ଶିଶୁପିଣ୍ଡର ଚାରିପାଖରେ ଭ୍ରମଣ କରେ । ଭ୍ରମଣ କରୁଥିବା ସମୟରେ ମାଆର ମସ୍ତିଷ୍କ ଘୂର୍ଣ୍ଣନ ହୁଏ । ଏହାପରେ ମଥା ଭିତରେ ଟାଏଁ ଟାଏଁ ଶବ୍ଦ କରେ ଓ ମାଆକୁ ଅଧିକ ଯନ୍ତ୍ରଣା ହୁଏ । ଏହି ଯନ୍ତ୍ରଣା ଏକ ସପ୍ତାହ ପର୍ଯ୍ୟନ୍ତ ଲାଗି ରହେ । ଚିକିତ୍ସା କଲେ ବା ଔଷଧ ପ୍ରୟୋଗ କଲେ, ଯନ୍ତ୍ରଣାର ଉପଶମ ହୁଏ । ପୁଣି ଯନ୍ତ୍ରଣା ହୁଏ । ଶିଶୁ ଜରାୟୁରେ ଥିବା ଅବସ୍ଥାରେ ମୈତୀମାୟା ସ୍ନାୟୁ ଓ ଶୈତାନୀ ସ୍ନାୟୁ ପରସ୍ପର ସହିତ ଯୁକ୍ତ ହୋଇ ରହିଯାଆନ୍ତି । ଏହାଫଳରେ ମାଆ ମସ୍ତିଷ୍କରେ ଯନ୍ତ୍ରଣା ଅନୁଭବ କରେ । ଏତିକି ବେଳେ ମାଆ ଗୁରୁଣ୍ଡିବା ଅବସ୍ଥାରେ ରହିଲେ, ଯନ୍ତ୍ରଣାର ଉପଶମ ହୁଏ । ଛିଡ଼ା ହେବା, ଶୋଇବା, ବସିବା ଅବସ୍ଥାରେ ମାଆ ଅଧିକ କଷ୍ଟ ଅନୁଭବ କରେ । ଏତିକିବେଳେ ମାଆ ଗୁରୁଣ୍ଡିବା ଅବସ୍ଥାରେ ରହିଲେ ଉପରୋକ୍ତ ଦୁଇଟି ସ୍ନାୟୁ ପରସ୍ପରକୁ ଛେଦ କରି ଗୁଣନ ଚିହ୍ନ (x) ଅବସ୍ଥାରେ ରହିଯାଆନ୍ତି, ଫଳରେ ଯନ୍ତ୍ରଣା କମିଯାଏ । ଜରାୟୁରେ ଶିଶୁକନ୍ୟା ଥିଲେ, ମାଆର ପାଦ, ନାଭି ଇତ୍ୟାଦି ଫୁଲିଯାଏ । ଜଣେ ଜଣେ ମାଆର ମୁଖମଣ୍ଡଳ ଫୁଲିବା ମଧ୍ୟ ଦେଖାଯାଏ ।

ଏହି ଅବସ୍ଥାରେ ମୈତୀମାୟା ସ୍ନାୟୁ ଅର୍ଦ୍ଧବୃତ୍ତ ଆକାର ଧାରଣ କରିଥାଏ । ଶିଶୁର ଦୁଇପାଦ ଓ ଦୁଇହାତ ବଙ୍କା ହୋଇ ଶିଶୁର ବେକ ପାଖରେ ଲାଗିଯାଏ । ଜରାୟୁସ୍ଥ ଶିଶୁର ଏହି ଅବସ୍ଥା ସମୟରେ ମାଆ ନଇଁ ନଇଁ ଚାଲେ । ସିଧା ସଳଖ ହୋଇ ଚାଲିପାରେ ନାହିଁ । ମାଆ ଆଖିକୁ ଅସ୍ପଷ୍ଟ ଦେଖାଯାଏ, ସ୍ପଷ୍ଟ ଦେଖିପାରେ ନାହିଁ । କାନକୁ ମଧ୍ୟ ଶବ୍ଦ ଶୁଣାଯାଏ ନାହିଁ । କ୍ଷର ନିଃଶ୍ୱାସ ପ୍ରଶ୍ୱାସ ଚାଲେ । ବେଳେ ବେଳେ ମାଆ ଛାତିରେ ଯନ୍ତ୍ରଣା ଅନୁଭବ କରେ । ମାଆର ହଜମ କରିବା ଶକ୍ତି କମିଯାଏ । ଖାଦ୍ୟ ଯେତେ ସରଳ ଓ ଲଘୁପାକ ହେଲେ ମଧ୍ୟ ମାଆ ତାହା ହଜମ କରିପାରେ ନାହିଁ । ବଦ୍‌ହଜମି ଲକ୍ଷଣ ମାଆଠାରେ ଦେଖାଯାଏ । ଏହି ଅବସ୍ଥାରେ ଶିଶୁ ଜରାୟୁ ମଧ୍ୟରେ ଦୁର୍ବଳ ଅବସ୍ଥାକୁ ଗତିକରେ । ଭୂମିଷ୍ଠ ହେବା ପରେ ସଦ୍ୟଜାତ ଶିଶୁର ଦେହରେ ଲାଲ୍‌ରଂଗ ଦାଗମାନ ଦେଖାଯାଏ ଓ ଦେହରେ ସ୍ଥାନେ ସ୍ଥାନେ ଲାଲ୍ ପଡ଼ିଯାଇ ଫଳିଯାଏ ॥ (କ୍ରମଶଃ)



# କଲ୍ୟାଣ ଦେଲି ତୋତେ

(ମଣିଷ ମାତ୍ର ହିଁ ଭ୍ରମଣୀଳ ପ୍ରମାଦପୂର୍ଣ । ଭୁଲ, ତ୍ରୁଟି କାହା ଜୀବନରେ ନାହିଁ ? ଥରୁଟିଏ କେଉଁଠି ପାଦ ଖସିଗଲା ବୋଲି ତା'କୁ ଭାଳି ହୋଇ ଜୀବନକୁ ଜାଳି ଦେବା କ'ଣ ଆମର ଲକ୍ଷ୍ୟ ? ନିଜକୁ ସଜାଡ଼ିନେଇ ସୁସ୍ଥ ସୁନ୍ଦର ହୋଇଯିବା ପରା ! କେତେକେତେ ଜନ୍ମର ପୁଣ୍ୟ ଫଳରୁ ପ୍ରଭୁଙ୍କୁ ପାଇବାର ସୌଭାଗ୍ୟ ଆମେ ଲାଭ କରିଛୁ । ପ୍ରଭୁଙ୍କର ଚରଣ ତଳେ ଶରଣ ନେଇ ଚରଣାଶ୍ରିତ ହୋଇଛୁ, ଶରଣାଗତ ହୋଇଛୁ, ଶରଣ ରକ୍ଷଣ ହରି ହସି ହସି କରୁଣା କଲ୍ୟାଣ ଦେଇ ଚାଲିଛନ୍ତି ଆମ୍ଭମାନଙ୍କୁ ଅବିରତ । ଆସ, ତାଙ୍କରି ଦିବ୍ୟକଲ୍ୟାଣ ଉପଲବ୍ଧ କରିବାର ଯୋଗ୍ୟତା ଅର୍ଜନା କରିବା । ସବୁ ସମର୍ପି ଦେବା ତାଙ୍କ ଛାୟା ଚରଣ ତଳେ । କର୍ମ କରିଯିବା ତାଙ୍କରି ପାଇଁ, ତାଙ୍କୁ ହିଁ ଝୁରିହେବା ଶୟନେ, ସ୍ୱପନେ, ଜାଗରଣେ । ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି-ତମ, ରଜ, ସତ୍ତ୍ୱ-ଅତୀତ, ବର୍ତ୍ତମାନ ଭବିଷ୍ୟତ ସବୁ ଅବସ୍ଥାରେ ତାଙ୍କରି ପାଦ ପଦ୍ମରେ ଲୟ ରଖି କର୍ମ ପଥରେ ଆଗେଇଯିବା । କରୁଣାକର ଠାକୁରେ କଲ୍ୟାଣ ଅବଶ୍ୟ କରିବେ, କରୁଛନ୍ତି ସେ ପ୍ରତି ପଦକ୍ଷେପରେ, ପ୍ରତିଟି ମୁହୂର୍ତ୍ତରେ । ମୁହୂର୍ତ୍ତ ସାଧନାରେ ତେବେ ବ୍ୟତିକ୍ରମ କାହିଁକି କରିବା ?)

ଯାହା ଦେଇ ଅଛ    ହରି ନେବ ନାହିଁ
ଏତିକି ଭରସା ଦିଅ ।
ମୋ ମନ ତୁଳସୀ    ପାଦରେ ଦେଉଛି
ହସି ହସି ପ୍ରଭୁ ନିଅ ।।
ସବୁତ ତୁମର    ପରସାଦ ପ୍ରଭୁ
ସୁଖ ଦୁଃଖ ଭଲ ମନ୍ଦ ।
କଲ୍ୟାଣ କର    ହେ କରୁଣାକର
ନକରି ତିଳେ ହେଁ ଛନ୍ଦ ।।

‘ଚରମ’ରେ ଧନ ମୋର ଦରିଦ୍ର ପସରା ।
ତୋ’ ପାଇଁ କରୁଣା ମୋର ଅସରନ୍ତି ପରା ॥
‘ଦଶମୋଦକ’କୁ ଧନ ନଯିବୁ ପାଶୋରି ।
ସାଧିବୁ ପ୍ରତି ମୋଦକ ଗଣ୍ଠିଧନ କରି ॥
ଉଚ୍ଚନୀଚ ଭେଦଭାବ ନରଖିବୁ କେବେ ।
ଜଗତରେ ସାଧୁବୋଲି ବୋଲାଇବୁ ତେବେ ॥
ଶିକ୍ଷାଗତ ଯୋଗ୍ୟତାକୁ କେବେ ନମାପିବୁ ।
ଜ୍ଞାନୀପଣେ ପଣକରେ ଗଣାତୁ ହୋଇବୁ ॥
ଦିନ ନ ମାପିବୁ ଧନ ତେଜି ଅହଂକାର ।
‘ପୁରୁଖା ବୋଲି ନିଜକୁ ନ କହି ଆଦର ॥
ନୂଆ ଭାଇଭଉଣୀଙ୍କୁ କରିବୁ ଆଦର ।
କୋଳେଇ ନେବୁ ତାଙ୍କୁ ନକରି ହତାଦର ॥
ବିକାରଗ୍ରସ୍ତ ତୁ ହୋଇ ସଦ୍‌ସଂଘ ବର୍ଜନ ।
ନକରିବୁ ଅହଂଜ୍ଞାନ ଧରି କଦାଚନ ॥
ନ କରିବୁ ପ୍ରୟୋଗ ତୋ’ ନିଜ ଅହଂଜ୍ଞାନ ।
ମାନି ଚଳିଥିବୁ ଧନ ଗୁରଘର ଜ୍ଞାନ ॥
ପଦବୀ ଲାଳସା ମନେ ନରଖିବୁ କେବେ ।
ବିପଦୁ ଉଦ୍ଧାର ଲାଭ କରୁଥିବୁ ତେବେ ॥
ବଡସାନ ବିଚାର ତୁ କେବେ ନ କରିବୁ ।
ଅହଂକାର ଶୂନ୍ୟ ବାତୁ ତେବେ ତୁ ହୋଇବୁ ॥
ଚରିତ୍ର ଗଠନ ପାଇଁ କରିବୁ ଉଦ୍ୟମ ।
ଆଚରଣ ସିଦ୍ଧ ହୋଇ ହୋଇବୁ ଉତ୍ତମ ॥
ଏକମୁଖୀ ହୋଇ ବୀଜମନ୍ତ୍ର ଜପୁଥିବୁ ।
କରାଳ କାଳ କବଳୁ ଅବଶ୍ୟ ତରିବୁ ॥
ମୈତ୍ରୀଭାବ ଅନ୍ତସ୍ଥଳେ କରିବୁ ପୋଷଣ ।
ସେ ଭାବ ଫେଡ଼ିବ ତୋର ସକଳ କଷଣ ॥
ସଂଘର ନିୟମ ମାନି ଅବଶ୍ୟ ଚଳିବୁ ।
କଲ୍ୟାଣ କରୁଛି ଧନ ଅକାଳ ଟାଳିବୁ ॥

# କେଶବ କୈବଲ୍ୟ କଣିକା

୧. ଯେଉଁ ସମୟରେ ଆମକୁ ଦର୍ଶନ କରିବା ନିଷେଧ ଆଦେଶ ଦିଆଯାଇଛି, ସେ ସମୟ ସୀମା ମଧ୍ୟରେ ଦର୍ଶନ ପାଇଁ ଜିଦି ଧରିବା ବା ଯେଉଁ ସେବକ ଜଗୁଆଳି ରହିଛନ୍ତି ତାଙ୍କ ସହିତ ପାଟିତୁଣ୍ଡ କରିବା ଦ୍ୱାରା ଗୁରୁ ଆଜ୍ଞାକୁ ଅବଜ୍ଞା ଦୋଷ ଲାଗେ । ସେ ସମୟରେ ନୀରବ ରହି ଆଦେଶ ମାନି ଅପେକ୍ଷା କରିବା ଉଚିତ । କୋର୍ଟ, କଚେରୀ, ଥାନାରେ ଆଇନର ଭୟ ଅଛି । ତେଣୁ ସେଠାରେ କିଙ୍କର ପରି ଅପେକ୍ଷା କରି ରହୁଛ । ଅଥଚ ଗୁରୁକ୍ଷେତ୍ର ଧର୍ମଦ୍ୱାରରେ ପ୍ରକୃତ କଥା ବୁଝୁନାହଁ । କାହିଁକି ବାରଣ ଓ ନିଷେଧ କରିବା ପାଇଁ ଜଣକୁ ଛିଡା କରାଇ ରଖା ଯାଇଛି ? କେହି କ'ଣ ବାସ୍ତବରେ ତାହା ବୁଝୁଛ ??

୨. ଅନ୍ୟ ସବୁ ସାଧୁସନ୍ଥମାନଙ୍କୁ ଦର୍ଶନ କରିବା ଦୂରର କଥା, ତାଙ୍କ ପାଖକୁ ଯାଇ ପାରିବ ନାହିଁ । ଏଠାରେ ସେପରି କଟକଣା ନାହିଁ । ଅପେକ୍ଷାକର, କ'ଣ ଗୋଟାଏ କାର୍ଯ୍ୟ ଚାଲିଛି । ସରିଆସିଲାଣି । ସରିଗଲେ, ଗଲା । ଦର୍ଶନ ପାଇଁ ଏତେ ବ୍ୟସ୍ତ ହେବାର କ'ଣ ଅଛି ??

୩. ଯିଏ ସୃଷ୍ଟି କରିଛି, ସିଏ ତା' ସୃଷ୍ଟି କଥା ବୁଝିବନି ? ତୁମେ ସେଥିପାଇଁ ଚିନ୍ତାକରିବା କଣ ଦରକାର ? ତୁମେ ତୁମ ନିଜ କଥା, ନିଜ ଘର କଥା ଚିନ୍ତା ନକରି ପରଘର କଥା ଚିନ୍ତା କରିବା ଆବଶ୍ୟକ ନାହିଁ । ଯିଏ ଗଢ଼ିପାରେ, ସେ ଭାଙ୍ଗିରୁଜି ନୂତନ ଭାବରେ ସୁନ୍ଦର କରି ପୁଣି ଗଢ଼ିପାରେ, ଗଢ଼ିବା ଭାଙ୍ଗିବା କ୍ଷମତା ଯାହାର ଅଛି, ସେ ଦୁଃଖ କରିବ କାହିଁକି ? ତୁମର ଛଣ ଛପର ଘର ଖଣ୍ଡିକ ଅଛି । ତୁମେ ତାକୁ ଭାଙ୍ଗିଦେଇ ତ ପୁଣି କୋଠାଘରଟିଏ ସେ ସ୍ଥାନରେ ତୋଳୁଛ ନା ନାହିଁ ??

୪. ଦୂର ଭାବରେ ଝୁରିବା ରହିବ । ନିକଟ ଭାବରେ ଝୁରିବା ରହିବ ନାହିଁ । ନିକଟରେ ଥାଇ/ରହି ଦୂରଭାବ ରଖିବା ଭଲ ।

୫. ତୁମେ ସବୁ କି ସତ୍‌ସଙ୍ଗ କରୁଛ କି ? ଦ୍ୱାପର ସଂସ୍କୃତିରେ ଏକାଦିକ୍ରମେ ବାରରୁ ଚଉଦ ଘଣ୍ଟା ଧରି ସତ୍‌ସଙ୍ଗ କରୁଥିଲେ । ସେହି ସତ୍‌ସଙ୍ଗରେ ଅନେକେ ସମାଧିସ୍ଥ ହୋଇ ଯାଉଥିଲେ । ତୁମେମାନେ କେତେ ସମୟ ଧ୍ୟାନଧାରଣା, ଜପତପ କରୁଛ ? ସକର୍ମକ ଅକର୍ମକ କ୍ରିୟା ରହିଛି । ଯେଉଁ କାର୍ଯ୍ୟ ତୁମ ଆୟତ୍ତରେ ଅଛି, ସେଠାରେ କାର୍ଯ୍ୟ ନିର୍ଘଣ୍ଟ (Time Table) ଦିଆଯାଇପାରେ । ମାତ୍ର ଅଣଆୟତ୍ତ କାର୍ଯ୍ୟକ୍ରମରେ ଟାଇମ୍ ଟେବୁଲ୍ ଦିଆଯାଇପାରିବ ନାହିଁ ।

୬. ଯେଉଁ ବ୍ୟକ୍ତି ଅଧିକରୁ ଅଧିକ ଧନ ଅର୍ଜନ ଓ ସଞ୍ଚୟ ପାଇଁ ବ୍ୟାକୁଳ ହୋଇ ଅନବରତ ସେହି କାର୍ଯ୍ୟରେ ଲାଗି ରହିଥାଏ, ସେ ଲୋକ କାହାରିକୁ ବିଶ୍ୱାସ କରେ ନାହିଁ । ଏପରିକି ନିଜର ଆତ୍ମୀୟମାନଙ୍କୁ ମଧ୍ୟ ବିଶ୍ୱାସ କରି ପାରେନା ।

୭. ଧନ ସମ୍ପତ୍ତି ଲିପ୍ସୁ ଧନ ମଧ୍ୟ ଖର୍ଚ୍ଚ କରି ପାରେ ନାହିଁ । ସେ କେବଳ ଧନ ଅର୍ଜନ ଲକ୍ଷ୍ୟରେ କର୍ମର ଭାର ବୋହି ଚାଲିଥାଏ । ଏପରି ଜୀବକୁ କର୍ମବନ୍ଧନରେ ପଡ଼ି କର୍ମଫଳ ଭୋଗିବାକୁ ହୁଏ ଓ ଏହି କର୍ମଫଳ ଭୋଗ ନିମନ୍ତେ ବାରମ୍ବାର ଧରାଧାମରେ ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ । ତାଙ୍କ ପାଇଁ ମୁକ୍ତି କାହିଁ ??

୮. ସଞ୍ଚିତ ବା ଅର୍ଜିତ ଧନରେ ଯେ ତୃପ୍ତିଲାଭ କରି ନିଜକୁ ଚରିତାର୍ଥ ମନେ କରେ, ତା'ର ଧନବୃଦ୍ଧି ସମ୍ଭବ ହୁଏନାହିଁ ।

୯. ଯେଉଁବ୍ୟକ୍ତି ଅନ୍ୟଲୋକର ସହାୟତାକୁ ଉପାର୍ଜନର ମାଧ୍ୟମ ବୋଲି ମନେ କରିଥାଏ, ସେ ବ୍ୟକ୍ତି ସବୁ ଦିଗରୁ ଅଯୋଗ୍ୟ ।

୧୦. ଯେଉଁ ବୁଦ୍ଧିମାନ ପ୍ରତିଭାବାନ ଧନୀବ୍ୟକ୍ତି ଧନକ୍ଷୟ ହୋଇ ସବୁଶେଷ ହୋଇଗଲେ ମଧ୍ୟ ଚିନ୍ତିତ ବା ବିବ୍ରତ ହୁଅନ୍ତି ନାହିଁ, ସେ ହିଁ ଜ୍ଞାନୀ । କାରଣ : ସେ ଭଲଭାବରେ ଜାଣନ୍ତି-ଧନକ୍ଷୟ ହେଲେ ମଧ୍ୟ ଧନ ଉପାର୍ଜନର କ୍ଷମତା ଓ ଯୋଗ୍ୟତା ହଠାତ୍ କ୍ଷୟ ହୋଇ ଯାଏନା ।

୧୧. ଧନର ବାସ୍ତବ ସଦ୍‌ବ୍ୟବହାର ହେବା ଉଚିତ୍ । ଧନର ସଦ୍ ବ୍ୟବହାର ହିଁ ବାସ୍ତବ ଧନ ଅଟେ । ସେ ପ୍ରକାର ସଦ୍ ଧନରେ ଜଗତର କଲ୍ୟାଣ ପରି ସଦ୍‌କାର୍ଯ୍ୟ ହିଁ ସମ୍ପାଦିତ ହୋଇଥାଏ ।

୧୨. ଯୁଗେ ଯୁଗେ ସଂଘବଦ୍ଧ ଜୀବନ ବିଶୃଙ୍ଖଳା ଓ ସଂଘର୍ଷମୟ । ଭାଗବତ ବାଣୀ ମନେ ପକାଅ :

'ଅନେକ ଲୋକ ଯହିଁ ମିଳି ।
ଅବଶ୍ୟ ଉପୁଜଇ କଳି ॥'

ତୁମେମାନେ ଶୃଙ୍ଖଳା ଭିତରକୁ ପ୍ରଥମେ ଆସିଲେ, ତା'ପରେ ଯାଇ ଧିରେ ଧିରେ ନିୟମ ଦିଆଯିବ ।

୧୩. ଆମେ ତୁମ ସମସ୍ତଙ୍କୁ ମନେ ପକାଉଛୁ ବୋଲି ତୁମେମାନେ ଏଠାରେ ବାନ୍ଧି ହୋଇ ରହିଛ । ତା' ନୋହିଲେ କିଏ କୁଆଡ଼େ ଛିଡ଼ିଯାଇ ପଡ଼ନ୍ତଣି ।

୧୪. ମାଳିକା ପ୍ରବାଦୀୟ ବ୍ୟକ୍ତିମାନେ ତାଙ୍କ ଜନ୍ମଜନ୍ମାନ୍ତରର ପାପଫଳଗୁଡ଼ିକ ଆଗଆଗ ଭୋଗ କରନ୍ତି । ତାଙ୍କର ଯେତେ ଭଲଗୁଣ ଥିଲେ ମଧ୍ୟ ମନ୍ଦଗୁଣ ଗୁଡ଼ିକ ପ୍ରଥମେ ହିଁ ଆଗକୁ ଫୁଟି ବାହାରି ପଡ଼େ ।

୧୫. ଗୁରୁଦ୍ୱାରରେ ରହି ଯଦି କାହାର ବିକାର ଭାବ ଆସେ, ସେ ବାରମ୍ବାର ଗୁରୁଙ୍କ ସାନିଧ ଲାଭ କରିବା ଦରକାର । ତା' ନହେଲେ ଅହଂକାର ତା' ଭିତରେ ବୁଢ଼ିଆଣୀ ଜାଲ ଭଳି ଛନ୍ଦି ହୋଇଯିବ ।

ଜ୍ଞାନର ବେପାର ତତ୍ତ୍ୱର ବଣିଜ
ଏ ନୁହେଁ ଆମର ନୀତି ।
ନୀତି ନ ମାନିଲେ ବେପାରୀ ସାଜିଲେ
କାଳ ବିଦାରିବ ଛାତି ॥

# ପୂର୍ବବର୍ତ୍ତୀ ସଂଖ୍ୟାରେ ପତ୍ରସ୍ଥ 'ଆରେ ମନ ମୋର' ର ସରଳ ବ୍ୟାଖ୍ୟା

**'ଶୁଆ ମୂଳ ଶୁଆ କହିବା'** ପରି ଆଲୋଚ୍ୟ କବିତାଟିର ଅନ୍ତରଙ୍ଗ ମୂଲ୍ୟ ସେହି କବିତାଟି ହିଁ ଅଙ୍କନ କରେ । ପିଣ୍ଡତତ୍ତ୍ୱରେ ସାଧନ ଭଜନର ସୂକ୍ଷ୍ମ ପ୍ରକ୍ରିୟା ଏହି କବିତାରେ ପରିସ୍ଫୁଟିତ ।

ଏହି କବିତାରେ ଚୈତନ୍ୟ ମନକୁ ସମ୍ବୋଧନ କରି 'ମୁଁ' ବା ଉପାଧିଧାରୀ ଆତ୍ମା ବା ଜୀବରୂପର ସ୍ୱରୂପ ସମ୍ବନ୍ଧରେ ଉପଦେଶ ଦେଇ କହୁଅଛି ।

ଜ୍ୟୋତି ବୋଇଲେ ଉର୍ମ, ଧୂର୍ମ ଆଦି ୩୨କଳା ମଧ୍ୟରୁ ଗୋଟିଏ କଳା । ସେହି ଜ୍ୟୋତିର ଚଉକତି ବା ଚାରିପାର୍ଶ୍ୱରେ ଧ୍ୱନିଘର ବୋଇଲେ ଅନାହତ ନାଦର ମନ୍ଦିର ଅବସ୍ଥିତ । ତତ୍ପରତାର ସହିତ ଏହି ଜ୍ୟୋତି ସାଧନା କରାଯାଏ । ଲୟ ସ୍ଥିର କରି ଅନାହତ ନାଦ ସହିତ ତାଳ ଦେଇ ମାନସ ଜପ ଓ ଧ୍ୟାନ କରି ପାରିଲେ, ନିରାକାର ଶୂନ୍ୟ ପୁରୁଷଙ୍କର ଦର୍ଶନ ମିଳିଥାଏ । ଧବଳଚିତା ଅର୍ଥାତ୍ ଅର୍ଦ୍ଧମାତ୍ରାକୁ ତ୍ରିକୂଟରେ ଲୟ କରି ଜୀବାତ୍ମା ସେଠାରେ ପରମାତ୍ମାଙ୍କୁ ନିତ୍ୟ ଭଜନ କରୁଅଛି ଓ ନିରନ୍ତର ଧ୍ୟାନସ୍ଥ ହୋଇ ରହିଛି । ଦେଉଳ ବୋଇଲେ ଏହି ସ୍ଥୂଳ ଶରୀର । ତା'ର ଦଶମଦ୍ୱାର ବ୍ରହ୍ମରନ୍ଧ୍ରର ଠିକ୍ ତଳକୁ ସହସ୍ରାର ସହସ୍ରଦଳ ପଦ୍ମର କେଶର ମଧ୍ୟରେ ପରମାତ୍ମା ସର୍ବଦା ବିଜେ କରି ରହିଅଛନ୍ତି ।

ତ୍ରିକୂଟରେ ତ୍ରିବେଣୀ ଅର୍ଥାତ୍ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ତିନିତଟ ବୋଇଲେ, ସତ୍ତ୍ୱ, ରଜ, ତମ-ଏହି ତ୍ରିଗୁଣ । କଳ୍ପବଟ ବୋଇଲେ ଶରୀର ମଧ୍ୟରେ ବ୍ରହ୍ମଙ୍କର ଆଶ୍ରୟସ୍ଥଳ ଅର୍ଥାତ୍ ସହସ୍ରାର । ସେହି ବଟର ମୂଳ ଅର୍ଥାତ୍ ମୂଳାଧାର ଚକ୍ରରେ ଶଙ୍କର ରହିଛନ୍ତି । ସେହି ଶଙ୍କରଙ୍କୁ ବେଷ୍ଟନ କରି କୁଣ୍ଡଳିନୀ ସର୍ପ ରହିଛି । କୁଣ୍ଡଳିନୀ ଯୋଗ ସାଧନ କରି ବ୍ରହ୍ମଦଣ୍ଡ ବା ମେରୁଦଣ୍ଡ ମଧ୍ୟସ୍ଥ ସୁଷୁମ୍ନାରେ ପବନ ଚଳାଇ ଉର୍ଦ୍ଧ୍ୱକୁ ଉଠାଇ ପାରିଲେ, ସହସ୍ରାରେ ବ୍ରହ୍ମଙ୍କର ଦର୍ଶନ ମିଳେ ।

ଚୈତନ୍ୟ ମନକୁ ସମ୍ବୋଧନ କରି ବୁଝାଇ କରି କହୁଛି-ରେ ବାୟାମନ, ତୁ ସଦ୍‌ଗୁରୁ ବରଣ କରି, ସେବାରେ ତାଙ୍କୁ ସନ୍ତୁଷ୍ଟ କରି ଲୟସ୍ଥିର କରି ଧ୍ୟାନ ଜପ ଇତ୍ୟାଦି ଧର୍ମଧାରା ଠିକ୍ ଠିକ୍ ଭାବରେ କରିପାରିଲେ, ନିରାକାର ଶୂନ୍ୟପୁରୁଷଙ୍କୁ ଦର୍ଶନ କରିପାରିବୁ । ଯଦି ତୁ ଏହା ନ କରୁ ତେବେ ଅଚ୍ୟୁତାନନ୍ଦ ମହାପୁରୁଷ ଚେତାବନୀ ଦେଇ ଭଣିତାରେ କହୁଅଛନ୍ତି ଯେ, ଭଗାରି ଅର୍ଥାତ୍ ତୋର ଷଡ଼ରିପୁ (କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ) ତୋତେ ନାନା ପ୍ରକାର ଜଞ୍ଜାଳରେ ପକାଇ ନାରଖାର (ଛାରଖାର) କରିଦେବେ । ତୋର ଜନ୍ମ ବ୍ୟର୍ଥ ହେବ, ଜୀବନ ବିଫଳ ହେବ । ବହୁ ପୁଣ୍ୟ ଫଳରୁ ଲାଭ କରିଥିବାରେ ଶରୀର ଲକ୍ଷ୍ୟ ପ୍ରାପ୍ତି ହୋଇ ପାରିବ ନାହିଁ ।

ଧାରା ଗ୍ରହଣ କରି କର୍ମଯୋଗ ଓ ଧର୍ମଧାରା ପ୍ରତିଦିନ ବିଧିମୁତାବକ ଅଭ୍ୟାସ କରିବା ଦ୍ୱାରା ଜୀବନ ସଫଳ ସାର୍ଥକ ହୁଏ ଓ ଆଧ୍ୟାତ୍ମିକ ଉନ୍ନୟନ ହୁଏ ବୋଲି ସିଦ୍ଧସାଧକ ଅଚ୍ୟୁତାନନ୍ଦ ଏହି କ୍ଷୁଦ୍ର କବିତାରେ ମାନବ ସମାଜକୁ ଚେତାଇ ଦେଇ ଅଛନ୍ତି ।

ବଡ଼ପଣ ରଖି     ପୀୟୁଷ ନଚାଖି
ପାଞ୍ଚ ଛଅରେ ତୋ'ମନ ।
ଏଥିହୁଁ ବିପାକ     ଅଛି କି'ରେ ଆଉ
ଚିନ୍ତା କର ଥରେ ଧନ ॥

ନୀଳଚକ୍ର ଚରମର ସଂକେତ

ଧାରା ଗ୍ରହଣ ପରେ....

## 'ଚରମ' : ସପ୍ତମ ପୁଷ୍ପ : ଦ୍ୱିତୀୟ ପାଖୁଡ଼ା : ତ୍ରୟତ୍ରିଂଶତ୍ତମ(୩୩ଶ) ସଂଖ୍ୟାର ଅନୁଶତିରୁ:

### ଅର୍ଘ୍ୟଫଳ : ଅର୍ଘ୍ୟ ତିଥି :

ତୁମମାନଙ୍କର ଜିନ୍ (ସୂକ୍ଷ୍ମ ଶରୀର) ଅନୁସାରେ ଆମେ ଧାରାଗ୍ରହଣ ସମୟରେ ତୁମମାନଙ୍କୁ ଅର୍ଘ୍ୟଫଳ ଓ ଅର୍ଘ୍ୟତିଥି ନିର୍ବାଚନ କରିଦେଇଥାଉଁ । ସନ୍ଦେଶପଥରେ ତୁମର ଅର୍ଘ୍ୟ ମନ୍ତ୍ର, ମୁଦ୍ରା, ଫଳ, ଫଳର ସଂଖ୍ୟା, ତିଥି ଇତ୍ୟାଦି ଲେଖା ହୋଇଛି । ଦେଖିଥିବ ।

ତୁମ ମନରେ ଉଙ୍କି ମାରୁଥିବ-ଜିନ୍ କ'ଣ ? ଜିନ୍ ହେଉଛି ତୁମର ସୂକ୍ଷ୍ମ ଶରୀର । ଏ ସମ୍ପର୍କରେ ଗୀତାର ପଞ୍ଚଦଶ (୧୫ଶ) ଅଧ୍ୟାୟର ସପ୍ତମ, ଅଷ୍ଟମ, ନବମ ଓ ଦଶମ- ଏହି ଚାରିଗୋଟି ଶ୍ଳୋକରେ ସଂକେତ ଦିଆ ଯାଇଅଛି । ଏହି ସୂକ୍ଷ୍ମ ଶରୀରରେ ତୁମର ପୂର୍ବଜନ୍ମ ଜନ୍ମାନ୍ତର ସଂସ୍କାର ରହିଛି । ସେହି ସଂସ୍କାରକୁ ଲକ୍ଷ୍ୟ ରଖି ତୁମମାନଙ୍କର ଅର୍ଘ୍ୟ ମନ୍ତ୍ର, ମୁଦ୍ରା, ଫଳ, ଫଳ ସଂଖ୍ୟା ଓ ତିଥି ନିର୍ବାଚନ କରାଯାଏ । ତେଣୁ ତୁମମାନଙ୍କର ପ୍ରତ୍ୟେକଙ୍କର ମନ୍ତ୍ର, ମୁଦ୍ରା, ଫଳ, ଫଳସଂଖ୍ୟା ଓ ତିଥିରେ ତାରତମ୍ୟ ରହୁଛି । ଏଥିରେ ତୁମେ ହତାଶ ହେବା ଉଚିତ ନୁହେଁ । ତୁମ ପାଇଁ ଯାହା ମଙ୍ଗଳଦାୟକ ଓ କଲ୍ୟାଣକର ତାହାହିଁ ତୁମକୁ ଦିଆଯାଇଛି, ଅନ୍ୟ ଜଣକ ପାଇଁ ସେହିପରି ଯାହା ମଙ୍ଗଳ ଓ କଲ୍ୟାଣକର ତାହା ତା'କୁ ଦିଆଯାଇଛି ।

ଉଦାହରଣଟିଏ ଦେଉଛି । ବୁଝିବାକୁ ଚେଷ୍ଟାକର । ଜଣେ ଡାକ୍ତରଙ୍କ ପାଖକୁ ଅନେକ ରୋଗୀ ଯାଉଛନ୍ତି । ନୁହେଁ ? ଡାକ୍ତରବାବୁ କ'ଣ ସବୁ ରୋଗୀଙ୍କୁ ଏକପ୍ରକାର ଔଷଧ ଦେଉଛନ୍ତି? ନୁହେଁ ତ ? ଯାହାର ଯେମିତି ରୋଗ, ତା'କୁ ସେମିତି ଔଷଧ ଦିଆଯାଉଛି । ଏକପ୍ରକାର ରୋଗ ପାଇଁ ମଧ୍ୟ ଭିନ ଭିନ ଔଷଧ ଦିଆଯାଏ । ଯେମିତି ଅଜୀର୍ଣ୍ଣରୁ ପେଟବଥା, ଆଉ ଏପେଣ୍ଡିସାଇଟିସ୍‌ରୁ ପେଟବଥା, କୋଷ୍ଠକାଠିନ୍ୟରୁ ପେଟବଥା । ଏକା ରୋଗ ପେଟବଥା । କାରଣ କିନ୍ତୁ ଅଲଗା ଅଲଗା । ତେଣୁ ଅଲଗା ଅଲଗା ଔଷଧର ବ୍ୟବସ୍ଥା କରାଯାଏ । ଜଣକର ପେଟ ବଥା ତ ଆଉ ଜଣକର ମୁଣ୍ଡବଥା । ପେଟବଥା ରୋଗୀକୁ ଯେଉଁ ଔଷଧ ଦିଆଗଲା, ମୁଣ୍ଡ ବଥା ରୋଗୀକୁ ସେହି ଔଷଧ ନ ଦେଇ ଅନ୍ୟ ଔଷଧ ଦିଆଗଲା ବୋଲି ମନଭଣା କରିବା ଠିକ୍ ହେବ କି ? ଯଦି ନୁହେଁ, ତେବେ ତୁମେ ଏହି ଅର୍ଘ୍ୟଫଳ, ଅର୍ଘ୍ୟତିଥିକୁ ନେଇ ଏମିତି ଅସ୍ତବ୍ୟସ୍ତ ବିବ୍ରତ ହୋଇ ଯାଉଛ କାହିଁକି ?

ଆମକୁ ଯଦି ପ୍ରଭୁ ବୋଲି ମାନି ନେଉଛ, ତେବେ ଆମ ଉପରେ ବିଶ୍ୱାସ ରଖ । ଆମେ ତୁମର କଲ୍ୟାଣ କରିବୁ, କରୁଛୁ । ତୁମ ମଙ୍ଗଳ ପାଇଁ ଯାହା ଲୋଡ଼ା, ତାହା ତ ଆମେ ତୁମକୁ ଦେଇଛୁ, ଦେଉଛୁ । ତୁମର କେଉଁଥିରେ ମଙ୍ଗଳ, ତାହା ତୁମେ ଯଦି ଜାଣିଛ, ତେବେ ଆମ ପାଖକୁ ଆସୁଥିଲ କାହିଁକି ?

ଯାହାର ତିଥି ଅମାବାସ୍ୟା, ସେ ପୂର୍ଣ୍ଣିମା ତିଥିର ଆତ୍ମାଠାରୁ ନ୍ୟୂନ ନୁହେଁ । କେହି କାହା ଠାରୁ ବଡ଼ ନୁହେଁ କି ସାନ ମଧ୍ୟ ନୁହେଁ । ଏପରି ସାମ୍ୟଭାବ ମନରେ ପୋଷଣ କରି ପାରୁନା ? ପରସ୍ପରକୁ ସ୍ନେହଶ୍ରଦ୍ଧା, ବିଶ୍ୱାସ କରି ପାରୁନା ? ଧାରା ନେଇ କରୁଛ କ'ଣ ? ଦିବ୍ୟାତ୍ମା ବୋଲେଇ ହେଉଛ ନା ପ୍ରକୃତ ପକ୍ଷରେ ଦିବ୍ୟାତ୍ମା ହେବାକୁ ଚେଷ୍ଟା କରୁଛ ? ବିଶ୍ୱାସ, ନିଷ୍ଠା, ନିୟମାନୁବର୍ତ୍ତିତା, ସମୟାନୁବର୍ତ୍ତିତା, ସ୍ନେହ, ଶ୍ରଦ୍ଧା, ପ୍ରେମ, ପ୍ରୀତି, ସାହାଯ୍ୟ, ସହଯୋଗ, ସହାୟତା, ସହିଷ୍ଣୁତା, ସ୍ଥିରତା, ଧୈର୍ଯ୍ୟ, ନିର୍ଭରତା, ନିର୍ଭୀକତା-ଏହିପରି ସବୁ ଭଲଗୁଣର ଅଧିକାରୀ ହେବାକୁ ସାଧନା କର । ଦିବ୍ୟାତ୍ମା ନ ବୋଲାଇ ପ୍ରକୃତ ଅର୍ଥରେ ଦିବ୍ୟାତ୍ମା ହୋଇଯାଅ ।

ପିଣ୍ଡ(ଦେହ) ଛାଡ଼ି ପୁରୁଷ (ଆତ୍ମା) ଯେତେବେଳେ ଯାଏ ସାଥିରେ ମନ, ଜ୍ଞାନେନ୍ଦ୍ରିୟକୁ ନେଇଯାଏ । ଅର୍ଥାତ୍ ଆତ୍ମା ସଂସ୍କାରକୁ ନେଇଯାଏ । ଯାଇ ପିଣ୍ଡପୁରୁଷ ମଣ୍ଡଳରେ ନୀଳାଭଜ୍ୟୋତିଃଟିଏ ହୋଇ ସୂକ୍ଷ୍ମଶରୀର (ଜିନ୍) ଧରି ପୁନର୍ଜନ୍ମକୁ ଅପେକ୍ଷା କରୁଥାଏ । ପୁଣି ଯଥାକାଳରେ ବ୍ରହ୍ମଙ୍କ ନିର୍ଦ୍ଦେଶରେ କର୍ମଫଳ ହିସାବ ଅନୁସାରେ ଗ୍ରହ ନକ୍ଷତ୍ର ଯୋଗରେ ଆଲୋକ ରେଖାଟିଏ ହୋଇ ଧରାଧାମରେ ମାତୃଗର୍ଭରେ ଜରାୟୁ ମଧ୍ୟରେ ବିନ୍ଦୁ ସ୍ୱରୂପରେ ସ୍ଥାନ ପାଏ ।

ଏବେ ଅର୍ଘ୍ୟ ତିଥି, ଅର୍ଘ୍ୟଫଳ ନିର୍ବାଚନର ସୂକ୍ଷ୍ମତତ୍ତ୍ୱ ସଂକ୍ଷେପରେ ବତାଇ ଦେଉଛି -

୧. ପିଣ୍ଡପୁରୁଷ ମଣ୍ଡଳର ଅକ୍ଷୋୟ ଗୃହରେ ଯେଉଁ ଆତ୍ମା ଥାଏ, ସେ ଭୂମିଷ୍ଠ ହେଲେ, ତା'କୁ ଅମାବାସ୍ୟା ତିଥି ଦିଆଯାଏ । ତା'କୁ ୧ରୁ ୭ ପର୍ଯ୍ୟନ୍ତ ଗୁଆ ତା'ର ସତ୍ତ୍ୱଗୁଣ ହିସାବରେ ଦିଆ ଯାଇଥାଏ ।

୨. ପିଣ୍ଡପୁରୁଷ ମଣ୍ଡଳର ପ୍ରତ୍ୟେକ ଗୃହର ଆତ୍ମାକୁ ୮ରୁ ୧୪ ପର୍ଯ୍ୟନ୍ତ ଗୁଆ ଦିଆଯାଏ । ତା'ର ମଧ୍ୟ ତିଥି ଅମାବାସ୍ୟା ।

୩. ପିଣ୍ଡ ପୁରୁଷ ମଣ୍ଡଳର ରୁଦ୍ରକକ୍ଷ ଗୃହରେ ଆତ୍ମାକୁ ୧୫ରୁ ୨୧ ପର୍ଯ୍ୟନ୍ତ ଗୁଆ ଦିଆଯାଏ । ସେ ମଧ୍ୟ ଅମାବାସ୍ୟା ତିଥି ପାଏ ।

୪. ପିଣ୍ଡ ପୁରୁଷ ମଣ୍ଡଳର କୌଶୀକ ଗୃହର ଆତ୍ମା ଅମାବାସ୍ୟା ତିଥି ସହିତ ୧ ଗୁଆ, ୧ ହରିଡ଼ା, ୨ଗୁଆ, ୨ ହରିଡ଼ା, ୧ ହରିଡ଼ା, ୨ ହରିଡ଼ା, ୪ ହରିଡ଼ା, ୫ ହରିଡ଼ା, ୭ ହରିଡ଼ା ଦିଆଯାଏ । ସତ୍ତ୍ୱ ଓ ରଜଗୁଣର ତାରତମ୍ୟକୁ ଲକ୍ଷ୍ୟ କରି ଏପରି ଫଳ ଦିଆଯାଇଥାଏ ।

୫. ପିଣ୍ଡପୁରୁଷ ମଣ୍ଡଳର ନୃଧୀୟା ଗୃହର ଆତ୍ମାକୁ ଅମାବାସ୍ୟା ତିଥି ସହିତ ୧ ଗୁଆ, ୨ ହରିଡ଼ା, ୨ ବାହାଡ଼ା ବା ୧ ହରିଡ଼ା, ୧ ବାହାଡ଼ା, ୨ ବାହାଡ଼ା, ୪ ବାହାଡ଼ା, ୫ ବାହାଡ଼ା, ୭ବାହାଡ଼ା, ୧୨ ବାହାଡ଼ା ପୃଥକ୍ ପୃଥକ୍ ଭାବେ ସତ୍ତ୍ୱ, ରଜ, ତମ ଗୁଣର ତାରତମ୍ୟକୁ ଲକ୍ଷ୍ୟ କରି ଦିଆଯାଏ ।

୬. ସେହିପରି ପିଣ୍ଡ ପୁରୁଷ ମଣ୍ଡଳର ନୃଧୀୟା ଗୃହର ଆତ୍ମାକୁ ଅମାବାସ୍ୟା ତିଥି ସହିତ ୧ ନଡ଼ିଆ, ୨ ନଡ଼ିଆ, ୫ ନଡ଼ିଆରୁ ୭ ନଡ଼ିଆ ପର୍ଯ୍ୟନ୍ତ ଫଳ ଦିଆଯାଏ । ସେହିପରି ଗୁଣକର୍ମର ତାରତମ୍ୟକୁ ହିସାବ କରି ୧ ନଡ଼ିଆ, ୧ ଗୁଆ/୧ ନଡ଼ିଆ, ୧ ହରିଡ଼ା/୧ନଡ଼ିଆ, ୪ ହରିଡ଼ା/୧ନଡ଼ିଆ, ୫ ହରିଡ଼ା, ୭ ହରିଡ଼ା ପର୍ଯ୍ୟନ୍ତ ଫଳ ନିର୍ବାଚନ କରି ଦିଆଯାଏ ।

୭. ପିଣ୍ଡପୁରୁଷ ମଣ୍ଡଳର ବୃହତୀ ପାପାତ୍ମା ଗୃହରୁ ଯେଉଁ ଆତ୍ମା ଆସିଥାଏ, ତା'କୁ ତାମ୍ର ଫଳକରେ ଅଣାକ୍ଷର ଯନ୍ତ୍ର ଲେଖାଯାଇ ସ୍ପର୍ଶ କରାଯାଏ । ସେହିପରି ଗୁଣକର୍ମର ତାରତମ୍ୟକୁ ହିସାବ କରି ରୌପ୍ୟ ଫଳକରେ ଜନ୍ମକୁଣ୍ଡଳି ରେଖା ଅଙ୍କନ କରି ଦିଅଯାଏ । ସେମାନେ ମଧ୍ୟ ଅମାବାସ୍ୟା ତିଥି ସହିତ ୧ଗୁଆ, ୨ଗୁଆ, ୪ଗୁଆ, ୫ଗୁଆ, ୭ଗୁଆ ଫଳ ସ୍ୱରୂପ ପାଇ ଥାଆନ୍ତି ।

ଫଳର ପ୍ରଭାବ ପ୍ରକାର ଭେଦ ସାଧାରଣତଃ ସତ୍ତ୍ୱ, ରଜ, ତମ ଗୁଣର ତାରତମ୍ୟରୁ ନିର୍ବାଚନ କରାଯାଏ । (୧) ଗୁଆ ଓ ନଡ଼ିଆ ସତ୍ତ୍ୱଗୁଣ (୨) ହରିଡ଼ା ରଜଗୁଣ (୩) ବାହାଡ଼ା ତମଗୁଣ । ପୂର୍ବଜନ୍ମ ଜନ୍ମାନ୍ତରର ପାପ ଓ ପୁଣ୍ୟର ଫଳକୁ ହିସାବରେ ରଖି ଫଳର ସଂଖ୍ୟାର ତାରତମ୍ୟ ହୁଏ । ପିଣ୍ଡପୁରୁଷ ମଣ୍ଡଳର ଗୃହକୁ ଲକ୍ଷ୍ୟ କରି ଅର୍ଘ୍ୟ ତିଥି ନିର୍ବାଚନ କରାଯାଏ । ଏସବୁର ତତ୍ତ୍ୱ ଅତି ନିଗୂଢ଼ । ସଂକ୍ଷେପରେ ତୁମମାନଙ୍କର ଯେତିକି ଜାଣିବା ଆବଶ୍ୟକ କେବଳ ସେତିକି ମାତ୍ର 'ଚରମ' ପୃଷ୍ଠାରେ କ୍ରମାନ୍ୱୟରେ ପ୍ରକାଶ କରିବା ପାଇଁ ଚେଷ୍ଟା କରାଯାଉଅଛି । *(କ୍ରମଶଃ)*

# ଉତ୍ସବ ପରିଚିତି

## ସଦ୍‌ଭାବନା ସ୍ମରଣେ

**ସଦ୍‌ଭାବନା ସମିତି, ବାରିପଦା ଆନୁକୂଲ୍ୟରେ ଆୟୋଜିତ ବିଶ୍ୱମାନବ ଧର୍ମ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ ଅବସର, ତା୩୧।୦୧।୨୦୦୦(ସୋମବାର) ଓ ତା ଡା୦୧।୦୨।୨୦୦୦ (ମଙ୍ଗଳବାର)**

*ତ୍ରିତାପହରଂ ତ୍ରିଭୁବନନାଥଂ ତ୍ରିପୁରପତି ତ୍ରିଗୁଣାତୀତହ୍ମ୍*
*ତ୍ୱମେକନାଥ ମମଦାନବନ୍ଧୋ ତଷସ୍ୱ ଦେବ ପରିପାଳୟତୁ ॥*
*ରୂପାତୀତଃ ଗୁଣାତୀତଃ ନିରାକାର ସ୍ୱରୂପିଣେ ମନୁଷ୍ୟ ଚତୁରାଶ୍ରିତ୍ୟ ନମସ୍ତେ ପୁରୁଷୋତ୍ତମଃ ॥*
*ବିପ୍ରାଃ ନମନ୍ତି ଦ୍ରୁହିଣଂ ପରମଂ ସଦାସ୍ମିନ୍ ଯଂ ବୈଷ୍ଣବାଃ ହରିରିତି ପ୍ରଣମନ୍ତି ବିଷ୍ଣୁମ୍*
*ଅର୍ଦ୍ଧାଙ୍ଗିକେଶମଖିଳଂ ପ୍ରଣମନ୍ତି ଶୈବାଃ ବନ୍ଦେ ଗୁରୁଂ ଜୁଷଜଦଂ ତମହଂ ଜନସ୍ୟ ॥*

## ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !

ଅବ୍ୟକ୍ତ ପୂର୍ଣ୍ଣପରଂବ୍ରହ୍ମଙ୍କର ବ୍ୟକ୍ତାବ୍ୟକ୍ତ ଲୀଳାର ମହିମା ଅପାର ଓ ଅନନ୍ତ । କାରଣ, ସୂକ୍ଷ୍ମ ଓ ସ୍ଥୂଳ ମୁଖ୍ୟତଃ ଏହି ତିନି ପର୍ଯ୍ୟାୟରେ ତାଙ୍କର ଲୀଳା ସୃଷ୍ଟି ପ୍ରକ୍ରିୟାର ଅୟମାରମ୍ଭରୁ ଏଯାବତ୍ ନିରବିଚ୍ଛିନ୍ନ ଭାବରେ ସଂଘଟିତ ହୋଇ ଚାଲିଛି । ତାଙ୍କ ବ୍ୟତୀତ ସଚରାଚର ଦେବ, ଅସୁର, ନର, କିନ୍ନର, ଯକ୍ଷ, ନାଗ କାହାର ଶକ୍ତି ଅଛି ଏ ସକଳ ଲୀଳାର ଇତିହାସ ଲିପିବଦ୍ଧ କରିପାରିବ ? ଏ ସମସ୍ତ ଲୀଳା ରହସ୍ୟର ନା ଅଛି ଆଦି ନା ଅଛି ଅନ୍ତ ! ହିରଣ୍ୟଗର୍ଭର ହିରଣ୍ମୟ କେନ୍ଦ୍ରବିନ୍ଦୁରେ ଏ ସକଳ ସଞ୍ଚିତ ହୋଇ ରହିଛି, ପ୍ରତିକ୍ଷଣ ସଞ୍ଚିତ ହୋଇ ରହୁଛି । ହିରଣ୍ୟଗର୍ଭର ହିରଣ୍ମୟ ବିନ୍ଦୁର ଅନ୍ତରାଳ ଘନରହସ୍ୟାବୃତ । ବ୍ରହ୍ମା ବିଷ୍ଣୁ ମହେଶ୍ୱରାଦି ଦେବତାଙ୍କର ଆଗୋଚର । ଅବ୍ୟକ୍ତ ପୂର୍ଣ୍ଣ ପରଂବ୍ରହ୍ମଙ୍କର ବିନାନୁମୋଦନରେ ସେହି ରହସ୍ୟାଘନାବୃତ୍ତ ତଥ୍ୟ ଜଗତର ଗୋଚରକୁ ସ୍ଥୂଳତଃ ଆଣି ପ୍ରକାଶ କରିବା ସର୍ବାଦୌ ଅସମ୍ଭବ । ପୁଣି ଯତ୍‌କିଞ୍ଚିତ୍ ପ୍ରକାଶ କରିବା ଆବଶ୍ୟକ ସେଥିପାଇଁ ଉପଯୁକ୍ତ ଶବ୍ଦ ସମ୍ଭାର ଏଯାବତ୍ ଧରାପୃଷ୍ଠକୁ ଅବତରଣ କରିନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି ବ୍ୟକ୍ତରୂପଙ୍କର ଅବ୍ୟକ୍ତ ମହତୀ ଇଚ୍ଛାଶକ୍ତିର କାର୍ଯ୍ୟକାରିଣୀ ଅଙ୍ଗର ସ୍ୱାତନ୍ତ୍ର୍ୟ ରହିଛି ଓ ତାହାରି ବଳରେ ବିଶ୍ୱ ଇତିହାସରେ ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ବିଶ୍ୱ ମାନବ କଲ୍ୟାଣ ଲକ୍ଷ୍ୟରେ କାର୍ଯ୍ୟକାରୀ ହେବାକୁ ଯାଉଛି । ତେଣୁ ସର୍ବ ପ୍ରଥମେ ବ୍ୟକ୍ତ ରୂପ ଅବ୍ୟକ୍ତ ପୂର୍ଣ୍ଣ ପରଂବ୍ରହ୍ମଙ୍କ ଠାରେ ଶରଣାଗତ ହୋଇ ତାଙ୍କ ପ୍ରତି ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ ପୂର୍ବକ ନତଶିରରେ ତାଙ୍କରି କରୁଣା ଓ କଲ୍ୟାଣ ଭିକ୍ଷା କରିବା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସର୍ବପ୍ରଧାନ ଓ ସର୍ବୋତ୍ତମ କର୍ତ୍ତବ୍ୟ ।

ତାଙ୍କରି ଲୀଳାର ଅୟମାରମ୍ଭ ହିଁ ସୃଷ୍ଟିର ଅୟମାରମ୍ଭ । ସର୍ବ ଶୁଭରେ ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୋଇ ଧରାପୃଷ୍ଠରେ କାଳକ୍ରମେ ମାନବର ଅବତରଣ ହୁଏ । ମାନବ ସୃଷ୍ଟିର ସର୍ବଶ୍ରେଷ୍ଠ ସୃଷ୍ଟିରେ ପରିଗଣିତ ହୁଏ । ପ୍ରାକ୍ ବୈଦିକ ଯୁଗର ବହୁ ବହୁ କାଳ ପୂର୍ବରୁ ମାନବ ମଧ୍ୟରେ ଧର୍ମ ଧାରଣା ସୃଷ୍ଟି ହୁଏ । ପରମାତ୍ମା ପରମେଶ୍ୱରଙ୍କୁ ବିଶ୍ୱଗୁରୁ ରୂପରେ ଅଧିଷ୍ଠିତ କରାଯାଇ ଉପାସନା କରାଯାଏ । ଧର୍ମରଥ ଗଡ଼ିଚାଲେ । ଗଡ଼ିଚାଲେ କାଳଚକ୍ର । ସମୟାନୁକ୍ରମେ ମାନବ ଧର୍ମ ଧାରାରେ ଭାବକମଳ ଉନ୍ମୀଳନ କରିବା ଅଭିପ୍ରାୟରେ ସତ୍ୟରେ ଶ୍ରୀହରି, ତ୍ରେତୟାରେ ଶ୍ରୀରାମ, ଦ୍ୱାପରରେ ଶ୍ରୀକୃଷ୍ଣ ପଞ୍ଚଭୂତର ଶରୀର ଧରି ମହାମହେଶ୍ୱରର ଭାବର ପରମତତ୍ତ୍ୱ ଧରାପୃଷ୍ଠରେ ବିତରଣ କରିଯାଆନ୍ତି । ଧର୍ମଚକ୍ରରେ ଯୋଡ଼ି ହୋଇଯାଏ ଗୋଟିଏ ଗୋଟିଏ ଥର । ମୁନି, ଋଷି, ଯୋଗୀ, ତପସ୍ୱୀ

ଆଦି ଧ୍ୟାନଯୋଗ ବଳରେ ପ୍ରଭୁଙ୍କର ପରିଚୟ ଲାଭ କରି ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଜନମାନସରେ ପୁରୁଷୋତ୍ତମଙ୍କୁ ପରିଚିତ କରାଇ ଦିଅନ୍ତି । ଦ୍ୱାପର ଯୁଗର ଅନ୍ତିମ ପର୍ଯ୍ୟାୟରେ ମହାତ୍ମା ଗର୍ଗ ସକଳ ରହସ୍ୟ ଉଦ୍‌ଘାଟନ କରି ଅବତାର, ଅବତାରୀ, ପୂର୍ଣ୍ଣବତାର, ଖଣ୍ଡଅବତାର ଆଦି ପରିଭାଷା ସୃଷ୍ଟି କରିଯାଆନ୍ତି । ପ୍ରଭୁଙ୍କର ଲୀଳା ବିଜଡ଼ିତ ନାମର ବହୁଳ ପ୍ରଚାର ଓ ପ୍ରସାର ସେହି ସମୟରୁ ଅଦ୍ୟାବଧି ହୋଇ ଆସିଅଛି । ଏହି ସମୟ ପୂର୍ବରୁ ଏ ସବୁ ପ୍ରତି ବିଶେଷ ଲକ୍ଷ୍ୟ ଦିଆ ନ ଯାଇ ମାନବିକ ଧର୍ମ ମଧ୍ୟରେ ଭାବଭକ୍ତି, ସେବା, ତ୍ୟାଗ ନିଷ୍ଠା ଆଦି ଉପରେ ଯଥେଷ୍ଟ ଗୁରୁତ୍ୱ ଅବଶ୍ୟ ଦିଆଯାଉଥିଲା ।

ସତ୍ୟଯୁଗରେ ମଧ୍ୟ ଗୁରୁମାନେ ଥିଲେ । ମୁମୁକ୍ଷୁମାନଙ୍କୁ ମୁକ୍ତି ଓ ମୋକ୍ଷର ମାର୍ଗ ପ୍ରଦର୍ଶନ କରିବାଥିଲା ସେମାନଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ସେମାନଙ୍କ ମଧ୍ୟରେ ଧର୍ମ ଓ ଧର୍ମଧାରାକୁ ନେଇ ନଥିଲା କୌଣସି ବାଦ ବିବାଦ । ପୂର୍ଣ୍ଣ ସହଯୋଗ ଓ ସଦ୍‌ଭାବନା ମଧ୍ୟରେ ଜଗତର କଲ୍ୟାଣ କରିବା ଥିଲା ସେମାନଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ବିଶ୍ୱଗୁରୁ ପରମାତ୍ମାଙ୍କର ବନ୍ଦନା, ଅର୍ଚ୍ଚନା ଓ ଉପାସନା ମଧ୍ୟରେ ସାଧାରଣ ଧର୍ମଜୀବନ ସୁଶୃଙ୍ଖଳ ଓ ସୁସଂଯତ ଥିଲା । ତେଣେ ପୂର୍ଣ୍ଣପରଂବ୍ରହ୍ମଙ୍କର ଲୀଳା ଯଥାରୀତି ସଂଘଟିତ ମଧ୍ୟ ହୋଇ ଯାଉଥିଲା । ଏବଂ ପ୍ରତିଟି ଲୀଳାର ବିଶଦ ବିବରଣୀ ହିରଣ୍ୟ ଗର୍ଭର ହିରଣ୍ମୟ ବିନ୍ଦୁର ଅନ୍ତରାଳରେ ସଞ୍ଚିତ ଓ ସୁରକ୍ଷିତ ହୋଇ ରହିଯାଉଥିଲା, ଯେପରି ସୃଷ୍ଟିର ଅୟମାରମ୍ଭରୁ ଆଜି ପର୍ଯ୍ୟନ୍ତ ତାହା ଯଥାରୀତି ବିଧିବଦ୍ଧ ଭାବରେ ଚାଲିଆସୁଅଛି ।

ବିଶ୍ୱ ପଥରେ ଚାଲିଛି ବିଶ୍ୱ । ନିଃସ୍ୱ ହୋଇ ନାହିଁ ବିଶ୍ୱମାନବ । ନିଃଶ୍ୱମାନସରେ ବିଶ୍ୱାତ୍ମା ଭରିଦେଇଛନ୍ତି ଅସୁମାରି ଭାବ ଉଚ୍ଛଳ ଅନୁଭୂତି । ବିଶ୍ୱପ୍ରାଣରେ କୁସୁମିତ ହୋଇଛି ମାନବିକତାର ସୁରଭିତ ପାରିଜାତ । ଯଥା ସମୟରେ କାଳଚକ୍ରରେ ଘୂର୍ଣ୍ଣନ ଫଳରେ ଧରାପୃଷ୍ଠରୁ ସତ୍ୟଯୁଗ ଅପସରି ଯାଇଛି । ଆସିଛି ତ୍ରେତୟା । ଜମଦଗ୍ନିସୁତ ପର୍ଶୁରାମଙ୍କର ଆବିର୍ଭାବ ଘଟିଛି । ଲୀଳା ରଚନା ମାଧ୍ୟମରେ ଖେଳି ଚାଲିଛନ୍ତି ପୂର୍ଣ୍ଣପରଂବ୍ରହ୍ମ ହ୍ଲାଦିନୀଶକ୍ତିର ଅମାପ ଆହ୍ଲାଦରେ ଆହ୍ଲାଦିତ ହୋଇ । ମର୍ଯ୍ୟାଦାପୁରୁଷ ରୂପରେ ଶ୍ରୀରାମ ଧରାବତରଣ କରି ମୁନିଋଷି ମାନଙ୍କର ଯଜ୍ଞରକ୍ଷା ଆଳରେ ଆସୁରୀ ଶକ୍ତିର ବିନାଶ କରି ଚାଲିଛନ୍ତି । ବିଶ୍ୱବକ୍ଷରେ ଲୀଳା ପର୍ଯ୍ୟାୟାନୁସାରେ ଅସୁମାରି ଘଟଣ ଅଘଟଣ ଘଟିଯାଇଛି । ଧର୍ମର ପ୍ରଧାନ ଅଙ୍ଗ ଭାବରେ ଜାଗଯଜ୍ଞ ସଂଯୋଜିତ ହୋଇ ଯାଇଛି । ତପଶ୍ଚରଣ ମାଧ୍ୟମରେ ବ୍ରହ୍ମ ଦର୍ଶନ ବାସ୍ତବରୂପ ପରିଗ୍ରହ କରିଛି । ଦ୍ୱନ୍ଦ ଓ ସଂଘର୍ଷ ମଧ୍ୟରେ ସତ୍ୟଧର୍ମର ପ୍ରତିଷ୍ଠା ହୋଇଛି । ଲୀଳାମୟଙ୍କର ଲୀଳାଖେଳାର ଅନ୍ତ ନାହିଁ । ରାତ୍ରଦିନ ପ୍ରତିକ୍ଷଣର ପ୍ରତିଟି ଲୀଳାର ପରିପୂର୍ଣ୍ଣ ବିବରଣୀ ସଞ୍ଚିତ ଓ ସଂରକ୍ଷିତ ହୋଇ ରହିଯାଉଛି ହିରଣ୍ୟ ଗର୍ଭର ହିରଣ୍ମୟ ବିନ୍ଦୁର ଅନ୍ତରାଳରେ ସୁସଂଯତ ସୁଶୃଙ୍ଖଳ ଭାବରେ ପୂର୍ବବଦ୍ ଯଥାବିଧି ଯଥାରୀତି ।

ଘୂର୍ଣ୍ଣାୟମାନ କାଳଚକ୍ରର ଗତିରୋଧ ହୋଇନି, ହୁଏ ନାହିଁ । କାଳକ୍ରମେ ବିଶ୍ୱ ବକ୍ଷରୁ ତ୍ରେତୟା ଯୁଗର ଅବସାନ ଘଟିଛି ଓ ତଦ୍‌ସହିତ ଯଥା ସମୟରେ ଦ୍ୱାପର ଯୁଗର ଅୟମାରମ୍ଭ ହୋଇଛି । ଆସୁରି ଶକ୍ତି ସୁଯୋଗ ଦେଖି ପୁଣି ମୁଣ୍ଡ ଟେକିଛି । ଜଗତଜନ ତ୍ରାହି ତ୍ରାହି ଡାକ ଛାଡ଼ିଛନ୍ତି । ଲୀଳା ସଂରଚନ ମଧ୍ୟରେ ପୂର୍ଣ୍ଣ ପରଂବ୍ରହ୍ମଙ୍କର ଖେଳ ଜମି ଉଠିଛି । ଅନନ୍ତ ତାଙ୍କର ଲୀଳା, ଅସୀମ ତାଙ୍କର ଖେଳ । ଅପାର ତାଙ୍କର ମହିମା । ଲୀଳାଖେଳା ପ୍ରବୀଣ କୃଷ୍ଣ ମର୍ତ୍ତ୍ୟାବତରଣ କରନ୍ତି । ତ୍ରେତୟାର ରାମ ଲୀଳାର ଚରମ ପର୍ଯ୍ୟାୟ ସୃଷ୍ଟି କରନ୍ତି ଭଗବାନ ଶ୍ରୀକୃଷ୍ଣ । କୃଷ୍ଣ ଲୀଳାର ଆମୋଦରେ ଆମୋଦିତ ତ୍ରେତୟାର ବନବାସୀ ଷୋଳସହସ୍ର ମୁନିଋଷି ଯୋଗୀ ତପସ୍ୱୀ । ବିଚିତ୍ର ତାଙ୍କର ଲୀଳା । ଏ ସକଳ ଲୀଳାର ଅନ୍ତରାଳରେ ଗଚ୍ଛିତ ରହସ୍ୟ ଉଦ୍‌ଘାଟନ କିଏ କରିପାରେ ? ଦେବମାନବଙ୍କୁ ମଧ୍ୟ ତାହା ଯେ ଅଗୋଚର ! କାରଣ ଜଗତର, ସୂକ୍ଷ୍ମ ଜଗତର ତଥା ସ୍ଥୂଳଶକଟକ ମଣ୍ଡଳର ତ୍ରିବିଧ ଲୀଳାର ସାମଞ୍ଜସ୍ୟ ରକ୍ଷା କରିବା ଏ ବିଶ୍ୱ ବ୍ରହ୍ମାଣ୍ଡରେ କାହା ପକ୍ଷରେ ଅବା ସମ୍ଭବ ହୋଇପାରେ ? ସମ୍ଭବ ହୋଇପାରେ କେବଳ ତାଙ୍କରି ପକ୍ଷରେ ସେ ବିଶ୍ୱର ପଞ୍ଚଭୂତର ପ୍ରତିଟି ଅଣୁ ପରମାଣୁରେ ଯେ ଲୁଚିରହି ସ୍ୱୟଂ ଆହ୍ଲାଦିତ ହୋଇ ଲୀଳାଖେଳା କରିଚାଲିଛନ୍ତି ପ୍ରତିଟି ମୁହୂର୍ତ୍ତରେ, ଯାହାଙ୍କର ଅବ୍ୟକ୍ତ ଇଚ୍ଛାରୁ ହିରଣ୍ୟଗର୍ଭର ହିରଣ୍ମୟ ବିନ୍ଦୁରେ ପ୍ରତିଟି ଲୀଳାର ପୂର୍ଣ୍ଣ ବିବରଣୀ ସଂଗୃହୀତ, ସଞ୍ଚିତ ଓ ସଂରକ୍ଷିତ ହୋଇ ରହୁଛି । ସେହି ଅବ୍ୟକ୍ତ ପୂର୍ଣ୍ଣ ପରଂବ୍ରହ୍ମ

ବ୍ୟକ୍ତରୂପ ହୋଇ ଇଚ୍ଛାବ୍ୟକ୍ତ କଲେ, ତାହା ପୁଣି ଏ ଧରା ପୃଷ୍ଠକୁ ନ ଆସିବ ବା କିପରି ? ସବୁ ତାଙ୍କରି ଇଚ୍ଛା । ତାଙ୍କରି ଇଚ୍ଛାର ଜୟ ହେଉ ।

ସତ୍ୟ ଯୁଗରୁ ଦ୍ୱାପର ଯୁଗ ପର୍ଯ୍ୟନ୍ତ ମାନବ ଧର୍ମରେ ଯେତେସବୁ ସଂସ୍କାର ଊଣାଅଧିକ ହୋଇଯାଇଛି ତନ୍ମଧ୍ୟରେ ବର୍ଣ୍ଣାଶ୍ରମର ପାଚେରି ଦୋହଲି ଯାଇନାହିଁ । ସେ ସମୟରେ ତାହାର ଆବଶ୍ୟକତା ମଧ୍ୟ ଉପଲବ୍ଧ କରାଯାଇ ନାହିଁ । ଧର୍ମ ନାମରେ ଅଧର୍ମକୁ ପ୍ରଶ୍ରୟ ଦିଆଯାଇନାହିଁ । ମାନବିକତାକୁ ସତ୍ୟର ଉର୍ଦ୍ଧ୍ୱରେ ରକ୍ଷାକରି ରଖାଯାଇଛି । ଲୀଳାମାଧ୍ୟମରେ ଯେଉଁଠି ଯେପରି ଯେତିକି ଆବଶ୍ୟକ ବିଶ୍ୱ କଲ୍ୟାଣକୁ ଦୃଷ୍ଟିରେ ରଖି କେବଳ ସେତିକି କରାଯାଇଛି । ପ୍ରତ୍ୟେକ ବର୍ଣ୍ଣ ଗୁଣକର୍ମର ବିଭାଗ ଅନୁସାରେ କାର୍ଯ୍ୟ ନିର୍ବାହ କରୁଥିଲେ ମଧ୍ୟ ପାରସ୍ପରିକ ସ୍ନେହ ସୌହାର୍ଦ୍ଦ୍ୟ, ସଂପର୍କ ଓ ସହଯୋଗ ଅତୁଟ ରହିଛି । କଦବା କେମିତି ବ୍ୟତିକ୍ରମ ହୋଇଥିଲେ ମଧ୍ୟ ତାହା ମୌଳିକ ଭାବଧାରାର ମୌଳିକତାକୁ ସମୂଳେ ନଷ୍ଟ କରିବା ପାଇଁ ଉଦିଷ୍ଟ ନୁହେଁ ବୋଲି ଲୀଳାର ପରବର୍ତ୍ତୀ ପର୍ଯ୍ୟାୟରେ ବୋଧଗମ୍ୟ ହୋଇପାରିଛି । ନିତ୍ୟ ସତ୍ୟ ସନାତନ ମାନବିକ ଧର୍ମଧ୍ୱଜା ବିଶ୍ୱ ଆକାଶରେ ଯଥାରୀତି ଉଡ଼ିଛି । ପଞ୍ଚଭୂତର ମାନୁଷୀ ତନୁରେ ମହାମହେଶ୍ୱରଙ୍କର ପରଂଭାବକୁ ଯେଉଁମାନେ ପ୍ରତ୍ୟକ୍ଷ ଅନୁଭୂତିରେ ଉପଲବ୍ଧ କରିଛନ୍ତି, ସେମାନେ ଧନ୍ୟ ହୋଇଯାଇଛନ୍ତି, ସେମାନଙ୍କର ଲୀଳା ପ୍ରସଙ୍ଗ ଆଲୋଚନାରେ ଯେଉଁମାନେ ଅତୁଟ ଅଟଳ ବିଶ୍ୱାସ ସ୍ଥାପନ କରିପାରିଛନ୍ତି, ସେମାନେ ମଧ୍ୟ ତତ୍ତୁଲ୍ୟ ଧନ୍ୟ ହୋଇଯାଇଛନ୍ତି ।

ଅନ୍ତଃସଲୀଳା ଫଲ୍‌ଗୁତୁଲ୍ୟ ସୁକ୍ଷ୍ମଦୃଷ୍ଟିର ଅନ୍ତରାଳରେ ଘୂରି ଘୂରି ଗଡ଼ି ଗଡ଼ି ଚାଲିଛି କାଳଚକ୍ର । କାଳଚକ୍ର ସହିତ ସମତା ରକ୍ଷାକରି ଅବ୍ୟକ୍ତ ପୂର୍ଣ୍ଣ ପରଂବ୍ରହ୍ମଙ୍କର ମହତୀ ଇଚ୍ଛାରେ ଘୂର୍ଣ୍ଣାୟମାନ ଧର୍ମଚକ୍ର ସମତାଳରେ । ଫଳତଃ ବିଶ୍ୱ ଆକାଶରେ ଅସ୍ତ ଯାଇଛି ଦ୍ୱାପରର ଶେଷ ସୂର୍ଯ୍ୟ । ଉଦୟ ଲଭିଛି କଳିଯୁଗର ପ୍ରଥମ ସୂର୍ଯ୍ୟ । କଳିର ପ୍ରଭାବ ବିଶ୍ୱପ୍ରାଣରେ ସୃଷ୍ଟି କରିଚାଲେ ଆସୁରିକ ପ୍ରକୃତି ସମନ୍ୱିତ ପ୍ରବୃତ୍ତି । ଅତ୍ୟନ୍ତ ଗମ୍ଭୀର କଳିର ଏହି ନାରକୀୟ ପ୍ରଭାବ । ଅବ୍ୟକ୍ତ ପୂର୍ଣ୍ଣବ୍ରହ୍ମଙ୍କର ଲୀଳାରଚନାର କୌଶଳ ମଧ୍ୟ କଳିଯୁଗରେ ଭିନ୍ନ ରୂପ ନେଇ ଚାଲେ । ବିଶ୍ୱଗୁରୁ ପରମାତ୍ମା ପୂର୍ଣ୍ଣପରଂବ୍ରହ୍ମଙ୍କର ଲୀଳାଖେଳା ଏ ଯୁଗରେ ଚରମ ପର୍ଯ୍ୟାୟରେ ଉପନୀତ । ଏକ ଅଂଶରୁ ବହୁ ସମୟରେ ଅନେକ ଗୁରୁଅଙ୍ଗ କଳିଯୁଗରେ ଧରାପୃଷ୍ଠରେ ଅବତରଣ କରି ସ୍ୱଅନୁଭୂତ ମାର୍ଗଦର୍ଶନରେ ପ୍ରକଟ ହୁଅନ୍ତି । ତତ୍ ସହିତ ପୂର୍ବକାଳର ମର୍ଯ୍ୟାଦାପୁରୁଷ ଭଗବାନ ଶ୍ରୀରାମ, ଭକ୍ତଶ୍ରେଷ୍ଠ ମହାବୀର ହନୁମାନ, ଭଗବାନ ଶ୍ରୀକୃଷ୍ଣ, ହଳଧର ବଳରାମ ଇତ୍ୟାଦିଙ୍କର ପୂଜା ଉପାସନାଦିରେ ତାମସ ଗୁଣର ପ୍ରଭାବ ବହୁଳ ଭାବରେ ଅନୁଭୂତ ହୁଏ । ପ୍ରତ୍ୟେକ ଗୁରୁ ଅଙ୍ଗ ଗୋଟିଏ ବିନ୍ଦୁରୁ ଧରାପୃଷ୍ଠକୁ ଭିନ୍ନ ଭିନ୍ନ ପଥ ଦେଇ ଅବତରଣ କରି ସେହି ପଥକୁ ଶ୍ରେଷ୍ଠ ବୋଲି ପ୍ରତିପାଦନ କରିବା ଅବଶ୍ୟ ସତ୍ୟ ଓ ସ୍ୱାଭାବିକ । ମାତ୍ର ତାଙ୍କର ଦେହରକ୍ଷାନ୍ତେ ସେହି ଗୋଷ୍ଠିର ଶିଷ୍ୟ ପ୍ରଶିଷ୍ୟମାନେ କଳିର ଦୁର୍ବାର ପ୍ରଭାବରୁ ଅନ୍ୟ ଗୁରୁଅଙ୍ଗମାନଙ୍କର ପ୍ରଦର୍ଶିତ ପଥକୁ ମିଥ୍ୟା, ଅସତ୍ୟ ଓ ଅଧର୍ମ ବୋଲି ଅଭିହିତ କରିବା ବିଶ୍ୱ ଆଧ୍ୟାତ୍ମିକ ଇତିହାସର ଦୁର୍ଭାଗ୍ୟର ଅଟ୍ଟହାସ ବୋଲି ବିବେଚନା କରାଯାଏ । ପଥ ଭିନ୍ନ ଭିନ୍ନ ହେଲେ ମଧ୍ୟ ଲକ୍ଷ୍ୟ ଯେ ଏକ ଅଭିନ୍ନ ଏହା ଅନ୍ତକରଣରେ ସ୍ୱୀକାର କରି ମଧ୍ୟ ଅନେକେ ଆଜି ନୀରବ । କଳିର କଳୁଷମୟ ପ୍ରଭାବରୁ ସତ୍ୟ ଉଚ୍ଚାରଣ କରିବାର ସତ୍‌ସାହସ ମଧ୍ୟ ଅନେକ ଯୋଗୀ ଓ ସାଧକ ମାନଙ୍କର ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ! ନିଜ ଲକ୍ଷ୍ୟ ହାସଲ ପାଇଁ ନିଜ ପଥରେ ଆଗେଇ ଯିବା ସହିତ ଅନ୍ୟମାନଙ୍କ ପଥରେ ସେମାନଙ୍କୁ ଆଗେଇଯିବାରେ ଉତ୍ସାହିତ କରିବା ଓ ପାରସ୍ପରିକ ସ୍ନେହ, ସୌହାର୍ଦ୍ଦ୍ୟ, ସହଯୋଗ, ସହାନୁଭୂତି, ସହନଶୀଳତା ବିଧିବଦ୍ଧଭାବରେ ରକ୍ଷା କରିବା ପ୍ରତ୍ୟେକ ଆଧ୍ୟାତ୍ମ ପ୍ରେମୀ ଯୋଗୀ ଓ ସାଧକ ଜୀବନର ଏକ ଦିବ୍ୟ ଲକ୍ଷଣ ବୋଲି ଗ୍ରହଣ କରି ତାକୁ ବାସ୍ତବ ଜୀବନର ରୂପ ଦେବାର ସମୟ ଆଜି ଉପନୀତ ।

କଳିରେ ପରଂବ୍ରହ୍ମଙ୍କର ଲୀଳାର ଅଂଶ ସ୍ୱରୂପ ଏକାଧିକ ଗୁରୁ ଓ ସେମାନଙ୍କର ଶିଷ୍ୟଗୋଷ୍ଠୀ, ଭକ୍ତ ସମ୍ପ୍ରଦାୟଙ୍କର ଉଦ୍ଭବ ହୋଇଛି । ପରସ୍ପର ମଧ୍ୟରେ ପ୍ରତିଯୋଗିତା ଲକ୍ଷ୍ୟ କରାଯାଇଛି । ପାରସ୍ପରିକ ହାର୍ଦ୍ଦିକତା

ନାହିଁ । ଅହଂବୁଦ୍ଧି ଓ ଅହଂଜ୍ଞାନ ପରିଚାଳିତ ଶିଷ୍ୟ ଓ ଭକ୍ତମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ବିଫଳ ଓ ବ୍ୟର୍ଥ ହେଉଛନ୍ତି । ଆଧ୍ୟାତ୍ମିକ ଜୀବନର ଏହା ଯେ ଏକ ବିରାଟ ପ୍ରତିବନ୍ଧ ତାହା ସେମାନେ ଅନୁଭବ କରିପାରୁ ନାହାନ୍ତି କିମ୍ବା ଶିକ୍ଷା କରିପାରୁ ନାହାନ୍ତି । ସୃଷ୍ଟିର ଶ୍ରେଷ୍ଠଜୀବ ମାନବ ପରଂବ୍ରହ୍ମଙ୍କର ଏହି ଲୀଳା ରହସ୍ୟ ହୃଦୟଙ୍ଗମ କରିବାକୁ ମଧ୍ୟ ଅସମର୍ଥ । ଲୀଳା ପ୍ରଭାବରେ ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗର ବର୍ଣ୍ଣାଶ୍ରମ କଳିରେ ରୂପାନ୍ତରିତ ହୋଇ ବହୁ ଧର୍ମ ସମ୍ପ୍ରଦାୟରେ ପରିଣତ ହୋଇଛି ଓ ହେଉଛି, ଏହା କିଏ ଅବା ଉପଲବ୍ଧ କରିପାରିବ ? କଳିର ପ୍ରଭାବ ଓ ଲୀଳାର ରହସ୍ୟରୁ କଳିରେ ନୂତନ ଦେବଦେବୀ ମାନଙ୍କର ବିଭିନ୍ନ ଭାବରେ ପୂଜାର୍ଚ୍ଚନା ମଧ୍ୟ ହେଉଛି ଓ ହେବ । ଏହା ଏକ ବିଚିତ୍ର ଲୀଳାର ବୈଚିତ୍ର୍ୟମୟ ଅଂଶ ବିଶେଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ପୁନଶ୍ଚ ବିଭିନ୍ନ ସାମ୍ପ୍ରଦାୟିକ ଶିଷ୍ୟ ଓ ଭକ୍ତ ସମାଜ ତଥା ପ୍ରମୁଖ ଭାଷ୍ୟକାର ଓ ପ୍ରବଚକ ମାନଙ୍କର ସ୍ୱୀୟ ବୁଦ୍ଧିବିନ୍ୟାସରୁ ଗୋଟିଏ ଗୋଟିଏ ଗୁରୁ ସମ୍ପ୍ରଦାୟ ଏକାଧିକ ଗୋଷ୍ଠୀରେ ବିଭାଜିତ ହୋଇ ଆପଣା ଆପଣାର ଶ୍ରେଷ୍ଠତ୍ୱ ବଜାଇ ରଖିବାର ବୃଥା ପ୍ରୟାସ ଚଳାଇ ନେବେ ।

ସତ୍ୟ ଧର୍ମ ସନାତନ । ଏହି ଧର୍ମ ମନୁଷ୍ୟର ଅତ୍ୟନ୍ତ ଅନ୍ତରଙ୍ଗ । ଅନ୍ତରଙ୍ଗ ହୋଇ ଅନ୍ତସ୍ଥଳର ଅନ୍ତକରଣର ବାଣୀ ଶୁଣିପାରିଲେ ଧର୍ମର ସ୍ୱରୂପ ଓ ସଜ୍ଞା ସ୍ପଷ୍ଟଅନୁଭୂତ ଓ ଉପଲବ୍ଧ ହୋଇପାରେ । ସତ୍ୟ ଧର୍ମ ସନାତନ ହିଁ ମାନବିକ ଧର୍ମ । ଧର୍ମର ମୌଳିକତା ମାନବିକ ସମ୍ବେଦନଶୀଳତାରେ ନିହିତ । ଏହା ଧର୍ମାଚରଣ କରୁଥିବା ଦିବ୍ୟାତ୍ମା ମାନଙ୍କର ଅନ୍ତର୍ନିହିତ ଭାବ । ଏହି ଭାବକୁ ସମ୍ବଳ କଲେ ଅନ୍ତରଙ୍ଗ ମନୋଭାବ ସୃଷ୍ଟି ହେବ । ସେତେବେଳେ ସ୍ପଷ୍ଟ ପ୍ରତୀୟମାନ ହେବ ଯେ, ଧର୍ମ ଗୋଟିଏ ଓ ସମ୍ପ୍ରଦାୟ ଗୁଡ଼ିକ ସେହି ଏକ ଧର୍ମର ଅନେକ ଅଙ୍ଗ ପ୍ରତ୍ୟଙ୍ଗ । ଅଙ୍ଗ ପ୍ରତ୍ୟଙ୍ଗ ଗୁଡିକ ମଧ୍ୟରେ ସମନ୍ୱୟ ସୁରକ୍ଷିତ ନ ହେଲେ ଶରୀରର ଯେପରି କ୍ଷତି ସାଧନ ହେବା ସୁନିଶ୍ଚିତ ସେହିପରି ସମ୍ପ୍ରଦାୟ ଗୁଡିକ ମଧ୍ୟରେ ପାରସ୍ପରିକ ସମନ୍ୱୟ, ସଂହତି ଓ ଏକତ୍ୱବୋଧ ନ ରହିଲେ ମାନବିକ ଧର୍ମ ଓ ମାନବ ସମାଜର ପ୍ରଭୂତ ବାସ୍ତବ କ୍ଷତି ଘଟିବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନ ପାରେ ।

ବିଶ୍ୱ ଆଧ୍ୟାତ୍ମିକ ଜୀବନରେ କଳିର ଅନ୍ତିମ ପ୍ରହରର ଏହି ଚରମ ସଙ୍କଟମୟ ସମୟରେ ବିଶ୍ୱମାନବ ଧର୍ମ ସମ୍ମିଳନୀ ବିଶ୍ୱମାନବର କଲ୍ୟାଣରେ ସାମ୍ପ୍ରଦାୟିକ ସମନ୍ୱୟ, ସଦ୍‌ଭାବନା, ସହଯୋଗ ଓ ସହାନୁଭୂତି ରକ୍ଷା କରି ବିଶ୍ୱ ଭ୍ରାତୃତ୍ୱର ମୂଳଭିତ୍ତି ପକାଇଛି କହିଲେ, ସତ୍ୟର ଅପଳାପ ହେବନାହିଁ । ବାରିପଦାରେ ଏହି ମୂଳଦୁଆ ନିମନ୍ତେ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ବାରିଣୀ ମୁନିଙ୍କର କନ୍ୟା ପ୍ରଦାଙ୍କ ପ୍ରାର୍ଥନା ପୂରଣ କରିବା ପାଇଁ ସ୍ୱୀକୃତି ଦେଇଥିଲେ ବୋଲି ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ରଚିତ ମାଳିକାଂଶରୁ ସ୍ପଷ୍ଟ ଜଣାଯାଏ । ପୃଥିବୀର ବିଭିନ୍ନ ପ୍ରାନ୍ତର ଭବିଷ୍ୟଦ୍ ପ୍ରବକ୍ତା ମାନଙ୍କ ମଧ୍ୟରେ ଓଡିଶାର ପଞ୍ଚଦଶ ଶତାବ୍ଦୀର ପଞ୍ଚସଖାମାନଙ୍କ ମଧ୍ୟରୁ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ନାମର ସ୍ୱାତନ୍ତ୍ର୍ୟ ରହିଛି । ମହାପୁରୁଷ ଅଚ୍ୟୁତ ସିଧାସଳଖ ଭାବରେ ଅନେକ କଥା ନ କହିଥିଲେ ମଧ୍ୟ ବକ୍ରୋକ୍ତି ମାଧ୍ୟମରେ ସ୍ୱରଚିତ ମାଳିକାରେ ବିଭିନ୍ନ ପ୍ରସଙ୍ଗରେ ଭବିଷ୍ୟତ ବାଣୀମାନ ଦେଇଅଛନ୍ତି । କଳିର ଅନ୍ତିମ ପର୍ଯ୍ୟାୟରେ ଧର୍ମ, ଧର୍ମଧାରଣା, ଧର୍ମସମ୍ପ୍ରଦାୟ ବା ଗୋଷ୍ଠୀ, ଅବ୍ୟକ୍ତ ପୂର୍ଣ୍ଣ ପରଂବ୍ରହ୍ମଙ୍କର ଲୀଳା ରହସ୍ୟ ସଂପର୍କରେ ମଧ୍ୟ ସେ ଭବିଷ୍ୟତ ବାଣୀ ଦେଇ ଅଛନ୍ତି । ଆଜି ତାହା ସତ୍ୟପ୍ରତିପାଦିତ ହେବାକୁ ଯାଉଛି । ସେହି ସତ୍ୟର ଅଙ୍ଗ ସ୍ୱରୂପ ବାରିପଦା ମହାରାଣୀ ଲକ୍ଷ୍ମୀକୁମାରୀ ଧର୍ମଶାଳାରେ ନିର୍ମିତ ସଦ୍‌ଭାବନା ମଣ୍ଡପରେ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟ ଓ ଗୋଷ୍ଠୀ ତରଫରୁ ବିଶ୍ୱମାନବ ଧର୍ମ ସମ୍ମିଳନୀରେ ପ୍ରବଚନ କାର୍ଯ୍ୟକ୍ରମ ସର୍ବ ସାଫଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସର୍ବଧର୍ମ ସମନ୍ୱୟ ପଥରେ ଏହା ଏକ ଐତିହାସିକ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ମାନବ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଓ ଅତୀବ ଶୁଭ ଲକ୍ଷଣ ମଧ୍ୟ । କିନ୍ତୁ ଏହି ଉଦ୍ୟମ ଅଚାନକ ନୁହେଁ । ଏହା ସଂପୂର୍ଣ୍ଣ ବିଧି ନିର୍ଦ୍ଦିଷ୍ଟ ଓ ସ୍ଥିରୀକୃତ ନିଷ୍ପତ୍ତି ।

ନିର୍ବିକଳ୍ପ ସମାଧିର ପ୍ରାତଃ ସ୍ମରଣୀୟ ଯୋଗୀବର ମହାପୁରୁଷ ଅଚ୍ୟୁତ କଳିଲୀଳାର ସମସ୍ତ ବିବରଣୀ ତାଙ୍କ ଧ୍ୟାନ ଚକ୍ଷୁରେ ଦେଖିପାରିଥିଲେ । ଲକ୍ଷାଧିକ ମାଳିକା ରଚନା କରି କଳିର ସମସ୍ତ ଗୁପ୍ତ ରହସ୍ୟ ଏବଂ

ଭବିଷ୍ୟତ ସମ୍ପର୍କରେ **ସ୍ପଷ୍ଟ** ସୂଚନା ଦେଇ ଯାଇଥିଲେ । ତାଙ୍କର ପ୍ରାଣାଧିକ ପ୍ରିୟ ଶିଷ୍ୟ ରାମ ଦାସ ପ୍ରତ୍ୟେକ ଅବସ୍ଥାରେ ଭବିଷ୍ୟତ ଘଟଣାବଳୀ ପ୍ରକାଶିତ ହେବା ଲକ୍ଷ୍ୟନେଇ ତାଙ୍କୁ ପ୍ରାର୍ଥନା କରୁଥିଲେ । ସେହି କ୍ରମରେ ବର୍ଣ୍ଣାଶ୍ରମ ଲୁପ୍ତ ହୋଇଯିବା ପରେ ସନାତନ ଧର୍ମ କିପରି ପ୍ରତିଷ୍ଠିତ ହୋଇ ରହିବ ଏବଂ କଳିରେ ଅବତରିତ ହୋଇ ଲୀଳା କରୁଥିବା ଚରମ ପୁରୁଷ କିପରି କେଉଁଠାରେ ବିଭିନ୍ନ ଅଂଶରେ ବିକ୍ଷିପ୍ତ ହୋଇଥିବା ସନାତନ ଧର୍ମ ପୁନଶ୍ଚ ପୂର୍ବଯୁଗମାନଙ୍କ ପରି ଏକୀଭୂତ ହେବ, ତାହାର ସୂଚନା ପାଇଁ ଗୁରୁଦେବ ଶ୍ରୀ ଅଚ୍ୟୁତଙ୍କୁ ପ୍ରାର୍ଥନା କରିଥିଲେ । ନିଷ୍ପାପର ଶିଷ୍ୟଙ୍କ ଅଳି ଗ୍ରହଣ କରି ସେ ଯେଉଁ ଭବିଷ୍ୟ ସୂଚନା ଦେଇଥିଲେ, ତାହା ତାଙ୍କର ଅନ୍ୟତମ କୃତି "ମହାଭବିଷ୍ୟ ଗ୍ରନ୍ଥ, ଦ୍ୱିତୀୟ ଖଣ୍ଡ"ରେ ଲିପିବଦ୍ଧ ହୋଇ ରହିଛି । ତହିଁରୁ କିଛି ଅଂଶ ନିମ୍ନରେ ଆଲୋଚିତ ହେଉଅଛି ।

**"ଅଚ୍ୟୁତ କହନ୍ତି ଶିଷ୍ୟରାମ ମୁଖଚାହିଁ । କଳିର ସୁଧର୍ମା ସଭା ଦେଉଛି ବତାଇ ।।**
**ଧର୍ମ ସିନା ମୂଳପିଣ୍ଡ ସନାତନ ସତ୍ୟ । ଯୁଗେ ଯୁଗେ ବିରାଜଇ ଅବ୍ୟକ୍ତରୁ ନିତ୍ୟ ।।"**

ଉକ୍ତ ପଦ୍ୟାଂଶରେ ମହାପୁରୁଷ ଅଚ୍ୟୁତ କହିଛନ୍ତି "ହେ ରାମ ! ତୋର ଜିଜ୍ଞାସାର ସମାଧାନ ପାଇଁ କଳିରେ ଯେଉଁ ସୁଧର୍ମା ସଭାମାନ ଅନୁଷ୍ଠିତ ହେବ, ସେ ସମ୍ପର୍କରେ କହି ଦେଉଛୁ । ସୁଧର୍ମା ଶବ୍ଦର ଅର୍ଥ ଧର୍ମକୁ ଧାରଣ କରି ସତ୍ୟରେ ଜୀବନ ପରିଚର୍ଯ୍ୟା କରି କରାଉଥିବା ସାଧୁ ମଣ୍ଡଳୀ । ଧର୍ମ ଗୋଟିଏ । ତାହା ହେଉଛି "ସନାତନ ଧର୍ମ ।" ଏହି ସନାତନ ଧର୍ମ ହିଁ ମୂଳପିଣ୍ଡ ଅଟେ । ସନାତନ ଧର୍ମକୁ ସର୍ବଦା ଅମ୍ଳାନ ରଖିବା ପାଇଁ ଯୁଗେ ଯୁଗେ ଅବ୍ୟକ୍ତପତି ସ୍ରଷ୍ଟା ଧରାଧାମରେ ଅବତୀର୍ଣ୍ଣ ହୁଅନ୍ତି ।

**"କଳିର ମହିମା ଅଟେ ଅତୀବ ଗମ୍ଭୀର । ଭିନ ଅଂଗେ ବହୁଭାବେ ଅଂଶ ହେବ ସାର ।।**
**ବର୍ଣ୍ଣାଶ୍ରମ ଲୁଚିଯିବ ଲୀଳାର ପ୍ରସାରେ । ବେଦଭାଷ୍ୟ ରହିଯିବ ଚିର ଅଗୋଚରେ ।।"**

ଏହି ଉଦ୍ଧୃତାଂଶରେ ମହାପୁରୁଷ କଳିଯୁଗରେ ସନାତନ ଧର୍ମର ସ୍ଥିତି ଓ ସ୍ୱରୂପ ସମ୍ପର୍କରେ ସୂଚନା ଦେଇଛନ୍ତି । ତାଙ୍କ ଭବିଷ୍ୟ ଦର୍ଶନରେ ସେ ଦେଖି ପାରିଛନ୍ତି ଯେ, ପୂର୍ବଯୁଗମାନଙ୍କରେ ଧର୍ମର ଆଧାର ବର୍ଣ୍ଣାଶ୍ରମ ଲୁପ୍ତ ହୋଇଯିବ । ଗୁରୁକୁଳାଶ୍ରମର ରୀତି ନୀତି ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯିବ । କିନ୍ତୁ ସନାତନ ଧର୍ମ ବିଭିନ୍ନ ଅଂଶୀୟ ସତ୍ତା ନେଇ ରହିବ । ପ୍ରତ୍ୟେକ ଅଂଶ ଏକ ଏକ ମହତ ଆଦର୍ଶ, ଧର୍ମୀୟ ଭାବନା ଓ ସଦ୍‌ର ସ୍ୱରୂପ ପ୍ରକାଶ କରି ଚାଲିବ । ସ୍ରଷ୍ଟାଙ୍କ ଲୀଳା ପ୍ରସାରର ଅଂଶ ସ୍ୱରୂପ ଯୁଗର ପ୍ରଭାବରେ କଳିଯୁଗର ମଣିଷ ଚେତନା ଶୂନ୍ୟ ହୋଇଯିବ । ତେଣୁ ବେଦର ତତ୍ତ୍ୱ, ଅର୍ଥ, ଆଦର୍ଶ ଜୀବ ଚେତନାର ଅନେକ ଉର୍ଦ୍ଧ୍ୱରେ ରହି ଅଲୋଡ଼ା ହୋଇଯିବ । ସନାତନ ଧର୍ମର ବିଭିନ୍ନ ଅଂଶ ଓ ବହୁଭାବ ସମ୍ପର୍କରେ ଯେଉଁ ତଥ୍ୟ ମହାପୁରୁଷ ଉପସ୍ଥାପନ କରିଛନ୍ତି, ତାହାହିଁ ଆଜିର ସମାଜରେ ପ୍ରତିଷ୍ଠିତ ବିଭିନ୍ନ ସମ୍ପ୍ରଦାୟ । ଯଥା :- ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଜୈନ, ବୌଦ୍ଧ ଇତ୍ୟାଦି । ଏହାହିଁ ମୂଳପିଣ୍ଡ ସନାତନ ଧର୍ମର ଏକ ଏକ ଅଙ୍ଗ । ପ୍ରତ୍ୟେକଙ୍କର ଭାବଧାରା ଭିନ୍ନ । ଆଦର୍ଶ ପୃଥକ୍ । କିନ୍ତୁ ଲକ୍ଷ୍ୟ ଏକ । ସେହି ଅବ୍ୟକ୍ତ ପୁରୁଷ ପ୍ରାପ୍ତି । ପ୍ରତ୍ୟେକ ସଂପ୍ରଦାୟ ସେମାନଙ୍କ ସ୍ୱସ୍ୱ ଆଦର୍ଶରେ ଶ୍ରେଷ୍ଠତା ବଜାୟ ରଖିଛନ୍ତି । କେହି କାହାଠାରୁ ଉଚ୍ଚ ବା ନୀଚ ନୁହଁନ୍ତି । ଏହାହିଁ ଧ୍ୟାନସ୍ଥ ମହାପୁରୁଷଙ୍କ କଳିର ସନାତନ ଧର୍ମର ସ୍ୱରୂପ ।

**"ସଭିଏଁ କହିବେ ରାମ ଆମେ ମୂଳପିଣ୍ଡ । ଲୀଳାରେ ପୂରିତ ହୋଇ ରହିବ ବ୍ରହ୍ମାଣ୍ଡ ।।**
**ସତ୍ୟ, ତ୍ରେତା, ଦ୍ୱାପରର ଯେତକ ମହିମା । ଓଲଟ ଭାବରେ ରହି ରଖିବ ଗାରିମା ।।"**

ମହାପୁରୁଷ ପୁନଶ୍ଚ ବୁଝାଇବାକୁ ଯାଇ କହିଛନ୍ତି । ହେ ରାମ ! ପୂର୍ବପଦରେ ଯେଉଁ ସଂପ୍ରଦାୟ ସମ୍ପର୍କରେ (ସନାତନ ଧର୍ମର ଅଂଶ) କହିଲି, ସେହି ସମସ୍ତ ସଂପ୍ରଦାୟ ପରମବ୍ରହ୍ମଙ୍କ ଅପୂର୍ବ, ଅଦ୍ଭୁତ ଲୀଳା ପ୍ରଭାବରେ ବିଭୋର ହୋଇ ରହିବେ । କାରଣ ପ୍ରତ୍ୟେକ ସଂପ୍ରଦାୟର ସ୍ରଷ୍ଟା ସେହି ପରମ ପୁରୁଷଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ

ତାଙ୍କରି ପ୍ରାପ୍ତି ରୂପ, ଗୁଣର ମହିମା, ଲୀଳା, କୀର୍ତ୍ତନ, ପ୍ରଚାର ଓ ପ୍ରସାର କରି ଚାଲିବେ । ପ୍ରତ୍ୟେକ ନିଜକୁ "ଆମେ ହିଁ ଧର୍ମର ମୂଳପିଣ୍ଡ, ଆମରି ଇଷ୍ଟ ହିଁ ଜଗତ ଇଷ୍ଟ", ଭାବରେ ଦାବୀ କରିବେ । ସତ୍ୟ, ତ୍ରେତା, ଦ୍ୱାପରର ବର୍ଣ୍ଣାଶ୍ରମ, ଧର୍ମୀୟ ଆଧାର ଭାବନାର ବିଚ୍ୟୁତି ଘଟିଥିଲେ ମଧ୍ୟ ସନାତନ ଧର୍ମର ମହିମା ଓଲଟ ଭାବରେ ଅର୍ଥାତ୍ ଏକ ଭିନ୍ନ ପର୍ଯ୍ୟାୟରେ ଉପର ଆଲୋଚିତ ଭିନ୍ନ ଭିନ୍ନ ସଂପ୍ରଦାୟ ମାଧ୍ୟମରେ ଅମ୍ଳାନ ହୋଇ ରହିବ । ଏହା କେବେ ଲୁପ୍ତ ହୋଇ ନାହିଁ, ହେବ ନାହିଁ । ସ୍ରଷ୍ଟାଙ୍କର ଏକ ଗୁପ୍ତ, ସୂକ୍ଷ୍ମ ଲୀଳାକୁ କେହି ଅନୁଭବ କରିପାରିବେ ନାହିଁ । ତେଣୁ ପରସ୍ପର ମଧ୍ୟରେ ଦ୍ୱନ୍ଦ୍ୱ, ହିଂସା, ଉଚ୍ଚନୀଚ ଭାବ ଇତ୍ୟାଦି ପୂର୍ଣ୍ଣ ହୋଇ ରହିବ । ଏହା ମଧ୍ୟ ତାଙ୍କ ବ୍ରହ୍ମାଣ୍ଡ ଲୀଳାର ଏକ କମନୀୟ ଅଂଶ ।

**"ଯୋଗ, ତପ, ସନ୍ନ୍ୟାସକୁ କଳିହେବ ବାମ । ସନାତନ ରହିଥିବା ସାର କରି ନାମ ॥**
**ସାଧୁଜନେ ଆଚମ୍ବିତ ଦେଖି ଏ ଭିଆଣ । ଖସିବେ ଯୁଗାନ୍ତେ ସେହି ପୁରୁଷ ଉତ୍ତମ ॥**

କଳିଯୁଗରେ ପ୍ରାଣଶକ୍ତି ଚର୍ମଗତ ହୋଇଥିବାରୁ ଏହି ଯୁଗରେ ଯୋଗ କରିବା, ତପ ଆଚରଣ କରିବା ଓ ସନ୍ନ୍ୟାସ ମନ୍ତ୍ରରେ ଦୀକ୍ଷିତ ହୋଇ ପରମାର୍ଥ ସାଧନ କରିବା ସଂପୂର୍ଣ୍ଣ ଅସମ୍ଭବ ହୋଇଯିବ । ତେଣୁ ସମସ୍ତ ଯୋଗ ତପ, ଶକ୍ତି କେବଳ "ନାମ"ରେ ହିଁ ପୂର୍ଣ୍ଣ ହୋଇ ରହିଥିବ ଏବଂ ସନାତନ ଧର୍ମର ସ୍ଥିତିକୁ ଜୀବନ୍ତ ରଖିଥିବ । "ନାମ" କହିଲେ କେବଳ ବ୍ରହ୍ମଙ୍କର ନାମକୁ ବୁଝାଇବ ନାହିଁ । ଗୁରୁପ୍ରଦତ୍ତ ବୀଜମନ୍ତ୍ର ମଧ୍ୟ ଏହି "ନାମ" ଶବ୍ଦର ଅନ୍ତର୍ଭୁକ୍ତ । ତେଣୁ ବିଭିନ୍ନ ସଂପ୍ରଦାୟ ଗୁରୁମାନେ ଶିଷ୍ୟମାନଙ୍କୁ ପ୍ରଦାନ କରୁଥିବା "ନାମ" (ବୀଜମନ୍ତ୍ର) ମଧ୍ୟରେ ହିଁ ସନାତନ ଧର୍ମର ସତ୍ତା ରହିଥିବା ଏହି ନିଗୂଢ଼ ରହସ୍ୟକୁ ସଠିକ୍ ଭାବରେ ଉନ୍ମୋଚନ କରି ନ ପାରି ସାଧୁଜନ ମାନେ ଧର୍ମର ଗ୍ଲାନି ଘଟୁଛି ବୋଲି ପ୍ରମାଦ ପୂର୍ଣ୍ଣ ଭାବନାରେ ଆଶ୍ଚର୍ଯ୍ୟ ପ୍ରକଟ କରିବେ ଏବଂ ଅନ୍ତରରେ ବ୍ୟାକୁଳତା ସୃଷ୍ଟିକରି ପରମପୁରୁଷଙ୍କୁ ସମାଧନା ପାଇଁ ଆବାହନ କରିବେ । ତାହାହିଁ ତ ଲୀଳାନାୟକଙ୍କର ଇଚ୍ଛା । ନିଜକୁ ଏକରୁ ଅନେକ, ଅନେକରୁ ଏକ, ଭାବରୁ ଅଭାବ, ଅଭାବରୁ ଭାବ, ସମସ୍ୟାରୁ ସମାଧାନ-ସମାଧାନରୁ ସମସ୍ୟା ସୃଷ୍ଟିକରି ନିଜର ଲୀଳା ସାଗରରେ ବୁଡି, ବୁଡାଇବାରେ ତାଙ୍କର ପରମ ଆନନ୍ଦ । ଯୁଗ ମଧ୍ୟେ ଶ୍ରେଷ୍ଠ ଯୁଗ କଳିର ଅପୂର୍ବ ଲୀଳାରେ ଜୀବ ଯେତେବେଳେ ଦିଗହରା ହୋଇ ଇତସ୍ତତଃ ହୋଇଯିବ, ସେହି ସନ୍ଧି ମୁହୂର୍ତ୍ତରେ ଅର୍ଥାତ୍ କଳିଯୁଗର ଶେଷାଙ୍କରେ ସେହି ଅଚିନ୍ତ୍ୟ ପୁରୁଷ ଖସିବେ ଅର୍ଥାତ୍ ଅବତରିତ ହେବେ ।

**"ଯୁଗତତ୍ତ୍ୱ ମୀମାଂସାର ଗୋପନ ଖେଳରେ । ଅଂଶରୂପ ମହିମାକୁ ରଖିବେ ଶ୍ରଦ୍ଧାରେ ॥**
**ନିଜଇଚ୍ଛା ମତେ ପୁଣି କରି ଏକାକାର । ରଚିଯିବେ ଗୁପ୍ତଲୀଳା ଶେଷରେ ଅପାର ॥"**

ଉପର ଆଲୋଚିତ ଯୁଗ ପ୍ରଭାବରେ ଧର୍ମ ତତ୍ତ୍ୱର ମୀମାଂସା କରିବାର ଲକ୍ଷ୍ୟନେଇ ସେହି ଅବ୍ୟକ୍ତ ପୁରୁଷ ଧରାଧାମକୁ ଆସିବେ । ଭିନ୍ନ ଭିନ୍ନ ସଂପ୍ରଦାୟର (ସନାତନ ଧର୍ମର ଅଂଶୀୟ ସ୍ଥିତି) ମହିମାକୁ ଅତି ଶ୍ରଦ୍ଧାର ସହିତ ଗ୍ରହଣ କରି ପ୍ରତ୍ୟେକଙ୍କୁ ସ୍ୱୀକୃତି ପ୍ରଦାନ କରିବେ । ନ କରିବେ ବା କିପରି ? ପ୍ରତ୍ୟେକ ଅଂଶ ତାଙ୍କରି ଇଚ୍ଛାକୃତ ସୃଷ୍ଟି । ଜୀବ ସିନା ଅଚେତନ ରହି ନିଜକୁ ଅନ୍ୟଠାରୁ ପୃଥକ୍ ବିବେଚନା କରୁଛି । ସେ ତ ସବୁରି ଭିତରେ ସବୁ ଭାବରେ ସୂକ୍ଷ୍ମରେ ପରିପୂର୍ଣ୍ଣ ଅଛନ୍ତି । ତେଣୁ ସମଦର୍ଶୀଭାବର ବିଚ୍ୟୁତି ଘଟିବ କିପରି ? ସୁତରାଂ ନିଜ ଇଚ୍ଛାରେ ସୃଷ୍ଟି କରିଥିବା ବିଭିନ୍ନ ଅଂଶକୁ ପୁନର୍ବାର ଏକାକାର କରି ସନାତନ ଧ୍ୱଜା ଉତ୍ତୋଳନ କରିବେ ଏବଂ ସମସ୍ତଙ୍କୁ ସେହି ଧ୍ୱଜାତଳେ ଏକତ୍ର କରାଇ ଅଦ୍ଭୁତ ଲୀଳା ପ୍ରକଟ କରିବା ସହ କଳିଲୀଳା ସାଙ୍ଗ କରିଯିବେ ।

**"ବାମେ ବେନି ଲେଖି ତିନିଶୂନ ଦକ୍ଷିଣରେ । ମକର ଅଠରଦିନେ ଜ୍ୟେଷ୍ଠା ନକ୍ଷତ୍ରରେ ॥**
**ଗୋଧୂଳି ଲଗନେ ଯାଇ ଭେଟିବୁ ପୁରୁଷ । ବାରିଣୀ ପ୍ରଦାରେ ଅଷ୍ଟାଦଶ ଧର୍ମ ଅଂଶ ॥"**

ଉକ୍ତ ପଦ୍ୟାଂଶରେ ମହାପୁରୁଷ ଆଲୋଚିତ ଲୀଳା ଆରମ୍ଭର ସମୟ ଓ ସ୍ଥାନ ସମ୍ପର୍କରେ ସୂଚନା ଦେଇ ରାମଙ୍କୁ କହୁଛନ୍ତି । ରେ ରାମ ଯେଉଁ ପୁରୁଷ ଉତ୍ତମଙ୍କ କଥା କହିଲି, ତାଙ୍କ ଲୀଳାବିଧୃତ କଳେବରରେ ପ୍ରଥମ

ଅଂଶୀୟ ଭାବର ଏକୀକରଣ ଅବସ୍ଥା କେବେ, କେଉଁଠାରେ ଦେଖିବୁ, ବୁଝାଇ ଦେଉଛି ଶୁଣ । ''ବାମେ ବେନି ଲେଖି ତିନିଶୂନ ଦକ୍ଷିଣରେ'' ଅର୍ଥାତ୍ ବାମରେ ଦୁଇ ଲେଖି ତାହାର ଦକ୍ଷିଣରେ ତିନିଗୋଟି ଶୂନ ଲେଖିବୁ । ଅର୍ଥାତ୍ ୨୦୦୦ । ଏହି ୨୦୦୦ ମସିହା ମକର ମାସ ଅଠର ଦିନ ହୋଇଥିବ । ଜ୍ୟେଷ୍ଠା ନକ୍ଷତ୍ର ଭୋଗ କରୁଥିବ । ଉକ୍ତ ଦିବସର ଗୋଧୂଳି ଲଗ୍ନ ଅର୍ଥାତ୍ ସୂର୍ଯ୍ୟାସ୍ତ ପର କିନ୍ତୁ ରାତ୍ରି ପୂର୍ବ ସନ୍ଧି ମୁହୂର୍ତ୍ତରେ ତାଙ୍କୁ ବାରିଣୀପଦାରେ ଭେଟିବୁ । ପୂଜ୍ୟ ପାଠକଙ୍କର ଅବଗତି ନିମନ୍ତେ ଏଠାରେ ସ୍ମରଣ କରାଇ ଦିଆଯାଉଅଛି ଯେ, ୧୪୦୬ସାଲ କୁମ୍ଭ ଦି୧୫ନ ଠାରୁ କୁମ୍ଭ ଦି୨୧ନ ପର୍ଯ୍ୟନ୍ତ ଏହି ବାରିପଦାରେ ''ଶ୍ରୀବତ୍ସ ଲାଞ୍ଛନ ପୂଜା ଓ ଯୁଗଧର୍ମ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଥିଲା । ସେହି ଉପଲକ୍ଷେ ଆମର ଅନୁଷ୍ଠାନ ତରଫରୁ ପ୍ରକାଶିତ ''ସ୍ମରଣିକା'' ମାଧ୍ୟମରେ ସ୍ପଷ୍ଟ କରିଦିଆଯାଇଥିଲା ଯେ ବାରିଣୀପଦା ହିଁ ବାରିପଦା । ତେଣୁ ସ୍ଥାନାଭାବରୁ ସେ ସମ୍ପର୍କରେ ବିଶଦ ବିବରଣୀ ପୁନଃ ଉପସ୍ଥାପିତ କରାଯାଉ ନାହିଁ । ମହାପୁରୁଷ ରାମଦାସଙ୍କୁ କହୁଛନ୍ତି । ବାରିଣୀପଦାରେ ଅଷ୍ଟାଦଶ ଧର୍ମ ଅଂଶର ମହିମା ପ୍ରକାଶିତ ହେଉଥିବ । ସେହି ସମୟରେ ସେଠାକୁ ଯାଇ ଉପରୋକ୍ତ ତିଥି ଓ ନକ୍ଷତ୍ରରେ ପରମପୁରୁଷଙ୍କୁ ଦର୍ଶନ କରିବୁ ।

**''ସତର ଧନୁର ସ୍ୱାତି ତୁଳା ନକ୍ଷତ୍ରରୁ । ପୁରୁଷଙ୍କ ନାମ, ଗୁଣ ଉତ୍ସବ ଉତ୍ତାରୁ ॥**
**ବିଜେକରି ଧର୍ମସଭା ଶୁଭ ମଣ୍ଡପରେ । ମୋହୁ ଥିବେ ଭକ୍ତ ମନ ମାନବ ଅଙ୍ଗରେ ॥''**

ଅର୍ଥାତ୍ ହେ ରାମ ! ଅଷ୍ଟାଦଶ ଅଂଶର ଯେଉଁ ଧର୍ମସଭା ବାରିଣୀପଦାରେ ହେଉଥିବାର କହିଲି, ସେହି ଉତ୍ସବ ଧନୁମାସ ସତର ଦିନରୁ ଆରମ୍ଭ ହୋଇଥିବ । ସେହି ଶୁଭାରମ୍ଭ ସମୟରେ ଚନ୍ଦ୍ର ସ୍ୱାତି ନକ୍ଷତ୍ର ଯୁକ୍ତ ତୁଳା ରାଶିରେ ଅବସ୍ଥାନ କରୁଥିବେ । ଏକମାସ ବ୍ୟାପି ଏହି ମହୋତ୍ସବରେ ସେହି ପୁରୁଷଙ୍କ ନାମ, ଗୁଣ କୀର୍ତ୍ତନ ଆଲୋଚନା ଇତ୍ୟାଦି ବିଭିନ୍ନ ଅଂଶୀୟ ବିଭାଗ ଅର୍ଥାତ୍ ବିଭିନ୍ନ ସଂପ୍ରଦାୟ ମାଧ୍ୟମରେ ଚାଲିଥିବ । ଏହି ଉତ୍ସବର ଅନ୍ତିମ ଦିବସରେ ଆଲୋଚିତ ପୁରୁଷ ନରତନୁରେ ସେହି ଧର୍ମସଭା ମଣ୍ଡପରେ ବିଜେକରି ଭକ୍ତମାନଙ୍କର ମନ, ପ୍ରାଣରେ ଅଫୁରନ୍ତ ଆନନ୍ଦ ଭରି ଦେଉଥିବେ ।

**''ବାରିଣୀ ଦୁହିତା ପ୍ରଦା କାମନା ପୂରଣ । ସାଧୁସଂଗ, ବେଦସଂଗ, ନାମର ଶରଣ ॥**
**ଶ୍ରୀରଙ୍ଗା ଚରଣ ଦେଖି ଭରିବୁ ନୟନ । ଥଟ୍ଟା, ପରିହାସେ ଉଣା ନ କରିବୁ ମନ ॥**
**ମରତ ଭୂଇଁର ଖେଳ ପ୍ରକାଶ ହୋଇବ । ବାରିଣୀପଦା ମହିମା ଚହଟି ଉଠିବ ॥''**

ଏଠାରେ ମହାପୁରୁଷ ମହାମିଳନର କାରଣ ସମ୍ପର୍କରେ ସଙ୍କେତ ଦେଇଛନ୍ତି । ପୂର୍ବଆଲୋଚିତ 'ଶ୍ରୀବତ୍ସ ଲାଞ୍ଛନ ପୂଜା ସ୍ମରଣିକା''ରେ ବିଶଦଭାବରେ ପ୍ରକାଶିତ ''ମହାମୁନି'' ବାରିଣୀଙ୍କ ସାଧ୍ୱୀ, ବୈଷ୍ଣବୀ କନ୍ୟା 'ପ୍ରଦା' ଏହି ମହାମିଳନର ବର ଭିକ୍ଷା କରି ସାଧୁସଂଗ, ଦେବସଂଗ ଓ ନାମ ଶରଣର କାମନା କରିଥିଲେ । ଭକ୍ତବତ୍ସଳ ଭକ୍ତ ଶ୍ରେଷ୍ଠାଙ୍କର ସେହି ଅଳି ପୂର୍ଣ୍ଣ କରି ଆଜି ମଞ୍ଚାସୀନ ହୋଇଛନ୍ତି । ପୁନଶ୍ଚ ପ୍ରିୟଶିଷ୍ୟ ରାମଙ୍କୁ ସତର୍କ କରାଇ କହୁଛନ୍ତି - ଏହି ମହାମିଳନକୁ ଦେଖି ଅନେକେ ଅବିଶ୍ୱାସ କରିବେ, ଥଟ୍ଟା ପରିହାସ କରିବେ । ତାହା ଦେଖି ଶୁଣି ମନ ଉଣା କରିବୁ ନାହିଁ । ଏହାକୁ ନିଜେ ଭାବପୂର୍ଣ୍ଣ ହୃଦୟରେ ଅନୁଭବ କରି ଅପେକ୍ଷା କରିବୁ । ଏହିଠାରୁ ହିଁ ପ୍ରତ୍ୟକ୍ଷ ଲୀଳା ପ୍ରକାଶ ହେବ ଓ ବାରିଣୀପଦା (ବାରିପଦା)ର ମହିମା ଧୀରେ ଧୀରେ ଚହଟି ଉଠିବ ।

ଆଜିର ଏହି ଶୁଭ ଲଗ୍ନରେ ଆମେ ସମସ୍ତଙ୍କର ଶୁଭ କାମନା କରୁଛୁ । ଆଶା କରୁଛୁ ଏହି ମନୋଭାବ ଫଳପ୍ରସୂ ହେଉ, ଏହି ଉଦ୍ୟମ ଫଳବତୀ ହେଉ, ଶ୍ରମ ସାର୍ଥକ ହେଉ । ବାରିପଦାରୁ ଏହା ସୁଦୂରବିସ୍ତାରୀ ହୋଇ ସମଗ୍ର ବିଶ୍ୱମାନବ ଚେତନାକୁ ଜାଗ୍ରତ ଓ ଉଜ୍ଜୀବିତ କରୁ । ସତ୍ୟ ସନାତନ ମାନବ ଧର୍ମର ପୁନର୍ବିନ୍ୟାସ ଘଟୁ । ବିଶ୍ୱ ମାନବର କଲ୍ୟାଣ ସାଧିତ ହେଉ । ସଦ୍ ଭାବନା ସମିତି ଦୀର୍ଘଜୀବୀ ହେଉ । ଏତାଦୃଶ ନିଃସ୍ୱାର୍ଥପର ମାନବ ସେବାକାର୍ଯ୍ୟ ନିମନ୍ତେ ସମସ୍ତଙ୍କର ସାହାଯ୍ୟ ସହଯୋଗ ଓ ସହାନୁଭୂତି ଅବ୍ୟାହତ ରହୁ । ପାରସ୍ପରିକ ଭେଦଭାବ ବିସ୍ମୃତ ହୋଇ ପ୍ରତ୍ୟେକେ ଏହି ମହାର୍ହ ଧର୍ମଧନ ସଂଚୟରେ ଆନ୍ତରିକତାର ସହିତ ନିରବଚ୍ଛିନ୍ନ ସାଧନାରତ ରହନ୍ତୁ । କଲ୍ୟାଣମୟଙ୍କର ମହତ ଇଚ୍ଛା ହିଁ ପୂର୍ଣ୍ଣ ହେଉ । **କମଧିକମ୍ ।**

**ଶ୍ରୀ କେଶବ ସମର୍ପଣମସ୍ତୁ ।**

**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ପରିବାର,**
**କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ**

# ଆଶ୍ରମ ସମ୍ବାଦ

ତା୧୩।୯।୯୯ରିଖ (ସୋମବାର) : ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଆଶ୍ରମ ଅନ୍ତେବାସୀ, ବାଳାଶ୍ରମ ଓ ବାପୁଜୀ ଯୁବକ ସଂଘ ଦ୍ୱାରା ଶ୍ରୀ ଗଣେଶ ପୂଜା ଯଥାବିଧି ପାଳିତ ହୋଇ ଯାଇଛି ।

ତା୧୯।୯।୯୯ରିଖ (ରବିବାର) : କ୍ଷିତିଜ୍ୟୋତିଃ ଆଶ୍ରମ ତଥା ଏହାର ପ୍ରତ୍ୟେକ ଶାଖା, ପ୍ରସ୍ତାବିତ ଶାଖା ଓ ଅଣ ଆନୁଷ୍ଠାନିକ ଶାଖାରେ ସପ୍ତାହବ୍ୟାପୀ ଭାଗବତ ପାଠ ଆରମ୍ଭ ହୋଇଅଛି ।

ତା୨୫।୯।୯୯ରିଖ (ଶନିବାର) : ଆଜି ପବିତ୍ର ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା । ଆଜି ଶ୍ରୀଗୁରୁସ୍ୱାମୀଙ୍କର ୫୪ତମ ଶୁଭ ଆବିର୍ଭାବ ଉତ୍ସବ ପ୍ରତ୍ୟେକ ଶାଖା, ପ୍ରଃଶାଖା, ଅଃଶାଖା ତଥା ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଯଥାବିଧି ପୂଜାର୍ଚ୍ଚନା, ହୋମଯଜ୍ଞ, ସତ୍ସଙ୍ଗ, ଆନନ୍ଦବଜାର ସହିତ ମହା ସମାରୋହରେ ପାଳନ କରାଯାଇଅଛି ।

- ଅଦ୍ୟ କଟିକଟା ଶାଖାର କେତନ ବାର୍ଷିକୋତ୍ସବ ଯଥାବିଧି ପାଳିତ ହୋଇଛି ।

ତା୨।୧୦।୯୯ରିଖ : 'ଚରମ' ମୁଦ ଉନ୍ମୋଚନର ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ଜଗତପୁରସ୍ଥ କେଶବ ଭବନ ପରିସରରେ ଅନୁଷ୍ଠିତ ହୋଇଅଛି ।

- ଅଦ୍ୟ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କର ଜନ୍ମଜୟନ୍ତୀ ପାଳନ କରାଯାଇଅଛି ।

ତା୨୪।୧୦।୯୯ରିଖ (ରବିବାର) : ଆଜି ପବିତ୍ର କୁମାର ପୂର୍ଣ୍ଣିମା । ଅଦ୍ୟ ଜଗତପୁରସ୍ଥ କେଶବ ଭବନରେ 'ଚରମ' ମର୍ତ୍ତ୍ୟାବତରଣ ବାର୍ଷିକ ଉତ୍ସବ ଯଥାବିଧି ପାଳନ କରାଯାଇ, ସତ୍ସଙ୍ଗ ଓ ଆନନ୍ଦବଜାର କାର୍ଯ୍ୟକ୍ରମ ଶାଖାର ଭାଇଭଉଣୀମାନଙ୍କର ସହଯୋଗରେ ଅନୁଷ୍ଠିତ ହୋଇ ଯାଇଅଛି ।

ତା୫।୧୧।୯୯ରିଖ (ଶୁକ୍ରବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ କ୍ଷେତ୍ରପୂଜା ଓ ଭୌମିକ ସ୍ମାରକ ଦିବସ ଯଥାବିଧି ପାଳନ କରାଯାଇଅଛି । ଗୁରୁପାଦ ବିଜୟାନନ୍ଦ ଗୋସ୍ୱାମୀ ଏହି ଅବସରରେ ସ୍ୱର୍ଣ୍ଣକ୍ଷେତ୍ରରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସରସସୁନ୍ଦର କରିଥିଲେ ।

ତା୭।୧୧।୯୯ରିଖ (ରବିବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଦୀପାବଳୀ ଉତ୍ସବ ଯଥାରୀତି ପାଳନ କରାଯାଇଛି ।

ତା୧୨।୧୧।୯୯ରିଖ (ଶୁକ୍ରବାର) : ନାଗପଞ୍ଚମୀ-ପୂଜ୍ୟା ଠାକୁମା' ସୁକାନ୍ତିଦେବୀଙ୍କର ମହାପ୍ରୟାଣ ଦିବସ ବୈଦିକ ବିଧିବିଧାନ ଅନୁଯାୟୀ ପାଳନ କରାଯାଇଅଛି ।

ତା୧୭।୧୧।୯୯ରିଖ (ବୁଧବାର) : ଅଁଳାନବମୀ-ରୋଧପୁର ଶାଖାର ବାର୍ଷିକ କେତନ ଉତ୍ସବ ଯଥାବିଧି ପାଳିତ ହୋଇଯାଇଛି ।

ତା୨୩।୧୧।୯୯ରିଖ (ସୋମବାର) : କାର୍ତ୍ତିକ-ପୂର୍ଣ୍ଣିମା-ଜରିଆ ତୀର୍ଥ 'ଚରମ ଘାଟ'ରେ ଆଜି ପିଣ୍ଡଦାନ, କେଶ ବିସର୍ଜନ, ଅସ୍ଥି ବିସର୍ଜନ, ନାମ ଯଜ୍ଞ ଯଥାରୀତି ପାଳନ କରାଯାଇଅଛି ।

- ଅଦ୍ୟ କ୍ଷିତିଜ୍ୟୋତିଃ ସଙ୍ଗୀତ ମହାବିଦ୍ୟାଳୟ ଓ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ସରଳ ନିରାଡ଼ମ୍ବର ଭାବରେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ପାଳିତ ହୋଇଅଛି ।

ତା୩୦।୧୧।୯୯ରିଖ (ମଙ୍ଗଳବାର) : ରତାଦିଆର ଗୁରୁଭାଇ ବିଜୟକେତନ ପଟ୍ଟନାୟକଙ୍କ ବାସଭବନରେ ବାର୍ଷିକ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଅଛି ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି